

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୮ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 8 FEBRUARY 2024

Vol.No. 35 ■ No.38 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଗାମୀ ନିର୍ବାଚନରେ କଂଗ୍ରେସ ଜିତି ପାରିବନି ୪୦ ଆସନ: ମୋଦି



ନୂଆଦିଲ୍ଲୀ, ୭/୨ : 'କଂଗ୍ରେସର ଚିନ୍ତନ ଶକ୍ତି ଆଉଟ୍ ଡେଟେଡ୍ ହୋଇଗଲାଣି । ଆଗାମୀ ନିର୍ବାଚନରେ କଂଗ୍ରେସ ୪୦ ସିଟ୍ ପାଇବା ବି ସନ୍ଦେହ। ଦେଶରେ ମୋଦି ୩.୦ ଶାସନ ଆରମ୍ଭ ହେବ।' ଆଜି ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣରେ ଧନ୍ୟବାଦ ପ୍ରସ୍ତାବ ଆଗତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି କିଛି ଭବିଷ୍ୟବାଣୀ କରିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି ଆଜି ପୁଣି କଂଗ୍ରେସ ଟାର୍ଗେଟ୍ କରିଛନ୍ତି। କଂଗ୍ରେସର ଚିନ୍ତାଧାରା ଆଉଟ୍‌ଡେଟେଡ୍ ହୋଇଗଲାଣି। ଏମାନଙ୍କ ନିଜ କାମକୁ ମଧ୍ୟ ଆଉଟ୍‌ସୋର୍ସ କରିସାଲେଣି। ଦେଖୁ ଦେଖୁ ଦେଶର ସବୁଠୁ ପୁରୁଣା ଦଳ, ଯିଏ ବର୍ଷ ବର୍ଷ ଧରି ଦେଶକୁ ଶାସନ କରିଥିଲା ତା'ର ପତନ ହେବାକୁ ଯାଉଛି। ଦଳର ଏ ଅବସ୍ଥା ଦେଖି ଆମକୁ ଖୁସି ଲାଗୁନି। ଦଳ ପ୍ରତି ସମବେଦନା ଜଣାଉଛୁ ବୋଲି ମୋଦି କହିଛନ୍ତି। ସେ ଆହୁରି କହିଛନ୍ତି, ଆଗାମୀ ନିର୍ବାଚନରେ କଂଗ୍ରେସ ୪୦ଟି ସିଟ୍ ମଧ୍ୟ ହାତେଇ ପାରିବ ନାହିଁ। ପଶ୍ଚିମବଙ୍ଗରୁ କଂଗ୍ରେସ ପାଇଁ ଏଭଳି କିଛି ଚ୍ୟାଲେଞ୍ଜ ଆସିଛି। ମୁଁ ଆଶା କରିବି କଂଗ୍ରେସ ତାର ସେହି ୪୦ ସିଟ୍ ବଜାୟ ରଖୁ। ଗଣତନ୍ତ୍ରର ତଣ୍ଟି ଚିପିଥିବା କଂଗ୍ରେସ ସଂଘୀୟ ବ୍ୟବସ୍ଥାର ପ୍ରବଚନ ଦେଉଛି। ବିଚ୍ଛିନ୍ନତାବାଦକୁ ପ୍ରୋତ୍ସାହନ ଦେଉଥିବା କଂଗ୍ରେସ ରାଷ୍ଟ୍ର ସୁରକ୍ଷା କଥା କହୁଛି। କଂଗ୍ରେସ ସରକାର 'ପଲିସି ପାରାଲିସିସି' ଭାବେ ପରିଚିତ। ଯେଉଁ କଂଗ୍ରେସ କେବେ ଓବିସିକୁ ପୂରାପୁରି ସଂରକ୍ଷଣ ଦେଇ ନାହିଁ, ଯିଏ ସାଧାରଣ ବର୍ଗର ଗରିବମାନଙ୍କୁ ମଧ୍ୟ ସଂରକ୍ଷଣ ଦେଇନାହିଁ, ଯିଏ ବାବା ସାହେବଙ୍କୁ ଭାରତ ରତ୍ନ ପାଇଁ ଯୋଗ୍ୟ ଭାବୁନାହିଁ। ଯିଏ କେବଳ ନିଜର ପରିବାରକୁ ହିଁ ଭାରତ ରତ୍ନ ଦେଉଛି, ସିଏ ଆପକୁ ଉପଦେଶ ଦେଉଛି। ଏମାନେ ଆମକ ସାମାଜିକ ନ୍ୟାୟର ପାଠ ପଢ଼ାଉଛନ୍ତି। ଯେଉଁ କଂଗ୍ରେସର ନିଜ ନେତାଙ୍କ କୌଣସି ଗ୍ୟାରେଣ୍ଟି ନାହିଁ ସେମାନେ ମୋଦିଙ୍କ ଗ୍ୟାରେଣ୍ଟି ଉପରେ ପ୍ରଶ୍ନ ଉଠାଉଛନ୍ତି କହି ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ। ମୋଦି ୩.୦ ଶାସନ ଆରମ୍ଭ ହେବ। ତୃତୀୟ ପାଳି ବିଜୟ ପକ୍କା। ଖୁବ୍‌ଶୀଘ୍ର ମୋ ସରକାରର ତୃତୀୟ ପାଳି ଆରମ୍ଭ ହେବାକୁ ଯାଉଛି। ଆଗାମୀ ୫ ବର୍ଷ ବିକାଶର ନୂଆ ସୋପାନରେ ଆମେ ପହଞ୍ଚିବୁ। ଆଗାମୀ ୫ ବର୍ଷରେ ଭାରତ ବୁଲେଟ୍ ଟ୍ରେନ୍ ଦେଖିବ। ଆତ୍ମ ନିର୍ଭର ଭାରତ ଅଭିଯାନ ନୂଆ ଶିଖରରେ ପହଞ୍ଚିବ ଦେଶ। ଖାଇବା ତେଲ ଉତ୍ପାଦନରେ ୫ ବର୍ଷରେ ଭାରତ ଆତ୍ମନିର୍ଭର ହେବ। ସଂକଳ୍ପରୁ ସିଦ୍ଧି ଯାଏଁ ପହଞ୍ଚାଇବା ମୋ କାର୍ଯ୍ୟଶୈଳୀର ଅଂଶବିଶେଷ ବୋଲି କହିଛନ୍ତି ମୋଦି।

## ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ଓଡ଼ିଶା ହାଇକୋର୍ଟର ନୂଆ ମୁଖ୍ୟ ବିଚାରପତି



ଭୁବନେଶ୍ୱର, ୭/୨ (ନି.ପ୍ର): ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ନେଇଛନ୍ତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂ। ମୁଖ୍ୟ ବିଚାରପତିଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି ରାଜ୍ୟପାଳ ରଘୁବର ଦାସ। ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ପୂର୍ବରୁ ପାଟନା ହାଇକୋର୍ଟରେ ବିଚାରପତି ଥିଲେ। ୧୯୬୩ ଜାନୁୟାରୀ ୨୦ ତାରିଖରେ ଜନ୍ମିତ ଜଷ୍ଟିସ ଶରଣ ସିଂ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିବା ପରେ, ୧୯୯୦ ଜାନୁୟାରୀରେ ପାଟନା ହାଇକୋର୍ଟରେ ଓକିଲାତି ଆରମ୍ଭ କରିଥିଲେ। ବିହାର ସରକାରଙ୍କ ଅତିରିକ୍ତ ଆଡଭୋକେଟ୍ ଜେନେରାଲ ଭାବେ ଜଷ୍ଟିସ ଚକ୍ରଧାରୀ ଶରଣ ସିଂ ୨୨ବର୍ଷ ଧରି କାର୍ଯ୍ୟ କରିଛନ୍ତି। ୨୦୧୨ ଏପ୍ରିଲ ୫ ତାରିଖରେ ସେ ପାଟନା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତି ପାଇଥିଲେ। ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ ଚକ୍ରଧାରୀ ଶରନ ସିଂଙ୍କୁ ନିଯୁକ୍ତି ଦେବା ନିମନ୍ତେ ସୁପ୍ରିମକୋର୍ଟ କଲେଜିୟମ ସୁପାରିଶ କରିଥିଲେ। ଜଷ୍ଟିସ ଶୁଭାଶୀଷ ତାଳପତ୍ରଙ୍କ ଅବସର ପରେ ଅକ୍ଟୋବର ୩ରୁ ଓଡ଼ିଶା ମୁଖ୍ୟ ବିଚାରପତି ପଦ ଖାଲି ପଡ଼ିଥିଲା।

## ଓଡ଼ିଆ ନୂଆବର୍ଷ କେଉଁ ତାରିଖରେ ପଡ଼ିବ ?: ଲାଗି ରହିଛି ଦ୍ୱନ୍ଦ୍ୱ



ଭୁବନେଶ୍ୱର, ୭/୨ (ନି.ପ୍ର): ମହାବିଷୁବ ସଂକ୍ରାନ୍ତି ତଥା ଓଡ଼ିଆ ନୂଆବର୍ଷ କେଉଁ ତାରିଖରେ ପଡ଼ିବ ? ଏପ୍ରିଲ ୧୩ ନା ୧୪ ତାରିଖରେ। ତାକୁ ନେଇ ଲାଗି ରହିଛି ଦ୍ୱନ୍ଦ୍ୱ। ଗଣନାକାର ଓ ଜ୍ୟୋତିର୍ବିଦ୍ ମଧ୍ୟରେ ସ୍ପଷ୍ଟତା ଆସିପାରୁନି। ଏହି ଦ୍ୱନ୍ଦ୍ୱ ଦୂର ପାଇଁ ଆସନ୍ତା ୧୨ ତାରିଖରେ ବସିବ ଗୁରୁତ୍ୱପୂର୍ଣ୍ଣ ବୈଠକ। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏହି ବୈଠକ ଡକାଯାଇଛି। ରାଧାରମଣ ଓ କୋହିନୂର ପଞ୍ଜିକାରେ ଏପ୍ରିଲ ୧୪ ତାରିଖରେ ମହାବିଷୁବ ସଂକ୍ରାନ୍ତି ପଡୁଥିବା ଉଲ୍ଲେଖ ରହିଥିବା ବେଳେ ସାମନ୍ତ ଚନ୍ଦ୍ରଶେଖର ଏବଂ ବିରଜା ପଞ୍ଜିକାରେ କିନ୍ତୁ ଏପ୍ରିଲ ୧୩ ତାରିଖ ଲେଖାଯାଇଛି। ଓଡ଼ିଆ ସଂସ୍କୃତି ଓ ପରମ୍ପରାର ପ୍ରତୀକ ମହାବିଷୁବ ସଂକ୍ରାନ୍ତିକୁ ନେଇ ପଞ୍ଜିକା ଭିତରେ ରହିଥିବା

▶▶ପୃଷ୍ଠା ୭

## ବିସ୍ଫୋରଣରେ ଥରିଲା ପାକିସ୍ତାନ: ୨୮ ଲୋକଙ୍କ ମୃତ୍ୟୁ, ୪୦ ଆହତ

ଇସଲମାବାଦ, ୭/୨ : ପାକିସ୍ତାନରେ ଗୁରୁବାର ହେବାକୁ ଥିବା ସାଧାରଣ ନିର୍ବାଚନ ପୂର୍ବରୁ ଆଜି ଆତଙ୍କବାଦୀମାନେ ଦେଶରେ ରକ୍ତପାତ କରିଛନ୍ତି । ବେଲୁଚିସ୍ତାନରେ ବୁଧବାର ଦୁଇଟି ବିସ୍ଫୋରଣ ହୋଇଥିବା ବେଳେ ଏଥିରେ ଅତିକମରେ ୨୮ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦ରୁ ଅଧିକ ଆହତ ହୋଇଛନ୍ତି । ଏହି ବିସ୍ଫୋରଣ ପିଶିନ ଓ କିଲା ସେଫୁଲାହରେ ସ୍ୱାଧୀନ ପ୍ରାର୍ଥୀ ଓ ଜେୟୁଆଇ-ଏଫର ନିର୍ବାଚନୀ କାର୍ଯ୍ୟାଳୟକୁ ଟାର୍ଗେଟ କରି ହୋଇଛି । ଜିଓ ନ୍ୟୁଜ ରିପୋର୍ଟ ଅନୁସାରେ ସାଧାରଣ ନିର୍ବାଚନର ଠିକ୍ ପୂର୍ବରୁ ବୁଧବାର ବେଲୁଚିସ୍ତାର ପିଶିନରେ ସ୍ୱାଧୀନ ପ୍ରାର୍ଥୀଙ୍କ କାର୍ଯ୍ୟାଳୟ ବାହାରେ ହୋଇଥିବା ବିସ୍ଫୋରଣରେ ୧୬ଜଣଙ୍କ ଜୀବନ ଯାଇଥିବା ବେଳେ ୩୦ରୁ ଅଧିକ ଆହତ ହୋଇଛନ୍ତି । ଦ୍ୱିତୀୟ ବିସ୍ଫୋରଣ କିଲା ସେଫୁଲହା ଜିଲ୍ଲାରେ ଜମିୟତ ଓଲେମା-ଏ-ଇସଲାମ ଫଜଲ କାର୍ଯ୍ୟାଳୟ ବାହାରେ ହୋଇଥିଲା । ଏଠାରେ ଅତିକମରେ ୧୨ଜଣଙ୍କ ଲୋକଙ୍କ ମୃତ୍ୟୁ ହୋଇଛି ।

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ପ୍ରକଳ୍ପ ଚୟନରେ ଜନ ପ୍ରତିନିଧିଙ୍କୁ ସାମିଲ କର: ହାଇକୋର୍ଟ




ଭୁବନେଶ୍ୱର, ୭/୨ (ନି.ପ୍ର):'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମର ପ୍ରକଳ୍ପ ଚୟନରେ ପ୍ରଶାସନର ଏକଛତ୍ରବାଦୀ ଭୂମିକାକୁ ଲାଗିଛି ହାଇକୋର୍ଟଙ୍କ ଝଟକା। ସରପଞ୍ଚ ଓ ନିର୍ବାଚିତ ଜନପ୍ରତିନିଧିଙ୍କ ସହଭାଗିତାରେ ପ୍ରକଳ୍ପ ଚୟନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ମାତ୍ର ପ୍ରକଳ୍ପ କାର୍ଯ୍ୟକାରିତା ପ୍ରସଙ୍ଗରେ ହସ୍ତକ୍ଷେପ କରିବାକୁ କୋର୍ଟ ମନା କରିଛନ୍ତି। 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କୁ ଉପେକ୍ଷା କରାଯାଉଥିବା ନେଇ ବହୁ ଜନପ୍ରତିନିଧି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏ ସଂକ୍ରାନ୍ତରେ ରାଜ୍ୟର ଏ ପାର୍ଥକ୍ୟ ସୃଷ୍ଟି କରିଛି ଦ୍ୱନ୍ଦ୍ୱ। ସାମନ୍ତ ଚନ୍ଦ୍ରଶେଖର ପଞ୍ଜିକା ଗଣନାକାର

▶▶ପୃଷ୍ଠା ୭

## ହେମନ୍ତ ସୋରେନଙ୍କ ଇଡି ରିମାଣ୍ଡ ଆଉ ୫ ଦିନ ବଢ଼ିଲା



ନୂଆଦିଲ୍ଲୀ, ୭/୨ : ଜମି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ଝାରଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ଆଉ ୫ ଦିନ ପାଇଁ ରିମାଣ୍ଡରେ ନେଇଛି ଇଡି। ରାଞ୍ଚିରେ ଥିବା ସ୍ୱତନ୍ତ୍ର ପିଏମଏଲଏ କୋର୍ଟ ହେମନ୍ତ ସୋରେନଙ୍କ ରିମାଣ୍ଡ ଅବଧିକୁ ବୃଦ୍ଧି କରିଛନ୍ତି। ଜମି ଦୁର୍ନୀତି ମାମଲାରେ ଇଡି ମନିଲଣ୍ଡରିଂ ମାମଲା ରୁଜୁ କରିଥିବା ବେଳେ ହେମନ୍ତ ସୋରେନଙ୍କୁ ୩୧ ତାରିଖ ରାତିରେ ଗିରଫ କରିଥିଲା। ଗୋଟିଏ ଦିନ ପାଇଁ ସେ ଜେଲରେ ରହିବା ପରେ ଇଡି ତାଙ୍କୁ ୫ ଦିନ ପାଇଁ ରିମାଣ୍ଡରେ ନେଇ ଜେରା କରିଥିଲା। ଆଜି ରିମାଣ୍ଡ ଅବଧି ଶେଷ ହେଉଥିବାରୁ ହେମନ୍ତ ସୋରେନଙ୍କୁ କଡ଼ା ସୁରକ୍ଷାବଳୟ ମଧ୍ୟରେ କୋର୍ଟରେ ହାଜର କରାଯାଇଥିଲା। ସେ କୋର୍ଟରେ ହାଜର ହେଉଥିବାରୁ ବାହାରେ ତାଙ୍କ ସମର୍ଥକଙ୍କ ପ୍ରବଳ ଭିଡ଼

▶▶ପୃଷ୍ଠା ୭

## ଓଡ଼ିଶାରେ ଚାଲିଛି ବିଜେପି ଓ ବିଜେଡିର ପାର୍ଟନରସିପ୍ ସରକାର: ରାହୁଲ ଗାନ୍ଧି



ଭୁବନେଶ୍ୱର, ୭/୨ (ନି.ପ୍ର): 'ଓଡ଼ିଶାରେ ଚାଲିଛି ପାର୍ଟନରସିପ୍ ସରକାର। ବିଜେପି ଓ ବିଜେଡି ଭାଗିଦାରୀରେ ଚାଲିଛି ଏହି ସରକାର। ଓଡ଼ିଶାରେ ବହୁ ଶିଳ୍ପ ପ୍ରତିଷ୍ଠାନ ବନ୍ଦ ହୋଇ ଯାଇଥିବା ବେଳେ ବେରୋଜଗାରୀ ବଢ଼ିଛି। ଦେଶରେ ସବୁଠାରୁ ଅଧିକ ବେରୋଜଗାର ଲୋକ ଓଡ଼ିଶାରେ ହିଁ ଅଛନ୍ତି। ଏଠାରେ ଏକ ଆଦିବାସୀବହୁଳ ରାଜ୍ୟ ହୋଇଥିବା ବେଳେ ଏଠାରେ ଆଦିବାସୀ, ଦଳିତ ଓ ପଛୁଆବର୍ଗ ସୁରକ୍ଷିତ ନୁହନ୍ତି। ସେମାନଙ୍କୁ ଅକଥନୀୟ ଅତ୍ୟାଚାରର ଶିକାର ହେବାକୁ ପଡୁଛି।' ଓଡ଼ିଶା ଗସ୍ତ ଅବସରରେ ନ୍ୟାୟ ଯାତ୍ରାର ଦ୍ୱିତୀୟ ଦିନରେ ଆଜି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଏପରି ବର୍ଷିଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି । ରାହୁଲ ଗାନ୍ଧି ଗତକାଲି ଝାଡ଼ଖଣ୍ଡରେ ଭାରତ ଯୋଡ଼ ନ୍ୟାୟ ଯାତ୍ରା ଶେଷ କରି ଓଡ଼ିଶାର ବୀରମିତ୍ରପୁରରେ ପ୍ରବେଶ କରିଥିଲେ। ମାତ୍ର ଗତକାଲି ସେ ରାଜ୍ୟ ସରକାରଙ୍କ ବିରୋଧରେ ପଦୁଟିଏ ବି କହି ନ ଥିଲେ। ଏହାପରେ ଆଜି ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁର ରାମପାଲରୁ ରାହୁଲ ଗାନ୍ଧି ବାହାରି ସିଧାସଳଖ ଉଦିତନଗର ଛକକୁ ଯାଇଥିଲେ। ସେଠାରେ ସେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହାପରେ ସେଠାରୁ ପାନପୋଷ ଛକକୁ ପଦଯାତ୍ରା କରିବା ସହିତ ସାଧାରଣ ସଭାରେ ଜନତାଙ୍କୁ ସମ୍ବୋଧନ କରିଥିଲେ। ଏହି ଅବସରରେ ସେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଥିଲେ। ରାହୁଲ କହିଲେ, ଓଡ଼ିଶାରେ ନରେନ୍ଦ୍ର ମୋଦି ଓ ନବୀନ ପଟ୍ଟନାୟକଙ୍କ ସରକାର ପାର୍ଟନରସିପ୍‌ରେ ଚାଲିଛି। ସେମାନେ ଏକସଙ୍ଗେ ଅଛନ୍ତି। ପାର୍ଲାମେଣ୍ଟରେ ଏହାର ଝଲକ ଦେଖିବାକୁ ମିଳୁଛି। ମୋଦିଙ୍କ କହିବା ମୁତାବକ ବିଜେଡି ନେତା ଆମକୁ ହଇରାଣ କରିବାକୁ ପଛାନ୍ତି ନାହିଁ। ତେଣୁ ଓଡ଼ିଶାରେ ବିଜେପି ଓ ବିଜେଡି ସରକାର ପାର୍ଟନରସିପ୍‌ରେ ଚାଲିଛି। ଗତ ୪୦ ବର୍ଷରେ ଦେଶରେ ସବୁଠାରୁ ଅଧିକ ବେରୋଜଗାର ଓଡ଼ିଶାରେ ଥିବା କହିଛନ୍ତି ରାହୁଲ ।

▶▶ପୃଷ୍ଠା ୭

## ଦେଶରେ ପ୍ରଥମ: ଏକକ ନାଗରିକ ସଂହିତା ବିଲ୍ ବିଧାନସଭାରେ ପାସ୍



ନୂଆଦିଲ୍ଲୀ, ୭/୨ : ବିଜେପି ଶାସିତ ଉତ୍ତରାଖଣ୍ଡ ଦେଶର ପ୍ରଥମ ରାଜ୍ୟ ଭାବେ ଏକକ ନାଗରିକ ସଂହିତା ବିଲ୍‌କୁ ପାରିତ କରିଛି। ଆଜି ଉତ୍ତରାଖଣ୍ଡ ବିଧାନସଭାରେ ୟୁସିସି ବିଲ ପାସ୍ ହୋଇଛି। ଏବେ ବିଜେପି ଶାସିତ ଅନ୍ୟ ରାଜ୍ୟଗୁଡ଼ିକ ମଧ୍ୟ ୟୁସିସି ବିଲ ଆଣିବା ପାଇଁ ଅଣ୍ଟା ଭିଡ଼ିବା ଆରମ୍ଭ କରିଛନ୍ତି। ରାଜସ୍ଥାନ ସରକାର କହି ସାରିଛନ୍ତି ଯେ ଆସନ୍ତା ବିଧାନସଭା ଅଧିବେଶନରେ ୟୁସିସି ବିଲ୍‌କୁ ଗୃହରେ ଉପସ୍ଥାପନ କରାଯିବ। ୟୁସିସିର ଅର୍ଥ ରାଜ୍ୟ ବା ଦେଶରେ ରହୁଥିବା ସବୁ ଧର୍ମର ଲୋକଙ୍କ ପାଇଁ ଗୋଟିଏ ପ୍ରକାରର ଆଇନ ରହିବ। ବିବାହ, ବିଚ୍ଛେଦ, ଉତ୍ତରାଧିକାର ଓ ପୋଷ୍ୟଗ୍ରହଣ ଆଦି ପାଇଁ ଗୋଟିଏ ପ୍ରକାରର ଆଇନ କାର୍ଯ୍ୟକାରୀ ହେବ। ବିଲ୍ ପାସ୍ ହେବା ପରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି କହିଛନ୍ତି, "ଆଜି ରାଜ୍ୟ ପାଇଁ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଦିନ। ଦେଶର ଲୋକମାନେ ଦୀର୍ଘଦିନ ହେଲା ଦାବି କରୁଥିବା ବିଲ୍ ଆଜି ପାସ୍ ହୋଇଛି। ଉତ୍ତରାଖଣ୍ଡ ଦେଶର ପ୍ରଥମ ରାଜ୍ୟ ଭାବେ ୟୁସିସି ବିଲକୁ ପାରିତ କରିଛି। ମୁଁ ସମସ୍ତ ବିଧାୟକ ଓ ଉତ୍ତରାଖଣ୍ଡର ସମସ୍ତ ଲୋକଙ୍କୁ ଧନ୍ୟବାଦ ଜଣାଉଛି। କାରଣ ଲୋକମାନଙ୍କ ପାଇଁ ଆମେ କ୍ଷମତାକୁ ଆସିଛୁ ଓ ଆସିବା କ୍ଷଣି ଲୋକଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ୟୁସିସିକୁ ପାରିତ କରିଛୁ।" ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମର୍ଥନ ଓ ପ୍ରେରଣା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ଧାମି ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ବିଲ୍ କାହା ବିରୋଧରେ ନୁହେଁ। ଏହା ସମସ୍ତଙ୍କୁ ବିଶେଷ କରି ମହିଳାଙ୍କୁ ଫାଇଦା ଦେବ ବୋଲି ଧାମି କହିଛନ୍ତି। ସେ କହିଛନ୍ତି, "ଏହି ବିଲ୍‌କୁ କାହାକୁ ଟାର୍ଗେଟରେ ରଖି ପାରିତ କରାଯାଇ ନାହିଁ। ବିବାହ, ରକ୍ଷାଣବେକ୍ଷଣ, ଉତ୍ତରାଧିକାର ଓ ବିଚ୍ଛେଦ ଭଳି ଘଟଣାରେ ଏହା ସମସ୍ତ ନାଗରିକଙ୍କୁ ସମାନ ଅଧିକାର ଦେବ। ବିଭେଦତାକୁ ଦୂର କରିବ। ମହିଳାଙ୍କ ପ୍ରତି ଥିବା ପାତରଅନ୍ତର ନୀତିକୁ ଏହା ମୂଳପୋଛ କରିବ।" ବିଲ୍ ବିଧାନସଭାରେ ଉପସ୍ଥାପନ ହେବା ପରେ ବିରୋଧୀ ଦଳଗୁଡ଼ିକ ଏହାକୁ ପ୍ରଥମେ ବିଧାନସଭାର ସିଲେକ୍ଟ କମିଟି ପାଖକୁ ପଠାଇବାକୁ କହିଥିଲେ। ହେଲେ ବାଚସ୍ପତି ଏଥିପାଇଁ ଅନୁମତି ଦେଇ ନଥିଲେ। ଶେଷରେ ଆଜି ଏହା ଉପରେ ଆଲୋଚନା ହୋଇଥିଲା ଓ ସନ୍ଧ୍ୟାରେ ଏହା ପାରିତ ହୋଇଛି। ଏବେ ରାଜ୍ୟପାଳ ମୋହର ମାରିବା କ୍ଷଣି ୟୁସିସି ଆଇନରେ ପରିଣତ ହୋଇଯିବ। ଏଥିସହ ସ୍ୱାଧୀନତା ପରେ ଦେଶର ପ୍ରଥମ ରାଜ୍ୟ ଭାବେ ଉତ୍ତରାଖଣ୍ଡରେ ସମସ୍ତ ପାଇଁ ସମାନ ଆଇନ କାର୍ଯ୍ୟକାରୀ ହେବ।

▶▶ପୃଷ୍ଠା ୭

## ଅରବିନ୍ଦ କେଜ୍ରିୱାଲଙ୍କ ପାଇଁ ବଢ଼ିଲା ଅଡୁଆ: ଇଡିର ଅଭିଯୋଗ ପରେ କୋର୍ଟ ପଠାଇଲା ନୋଟିସ




ନୂଆଦିଲ୍ଲୀ, ୭/୨ : ଦିଲ୍ଲୀରେ ମଦ ଅବକାରୀ ନୀତି ଦୁର୍ନୀତି ମାମଲାର ତଦନ୍ତ କରୁଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ୫ଟି ସମନକୁ ସେ କାହିଁକି ଏଡ଼ାଇ ଯାଇଛନ୍ତି ତାହା ସ୍ପଷ୍ଟ କରିବାକୁ ଦିଲ୍ଲୀର ଏକ ଅଦାଲତ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଫେବୃଆରି ୧୭ ତାରିଖରେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଗତ ସପ୍ତାହରେ କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସି (ଇଡି) କେଜ୍ରିୱାଲଙ୍କ ବିରୋଧରେ ସମନ ପାଳନ କରୁ ନଥିବାରୁ ତାଙ୍କ ବିରୋଧରେ ଏକ ଅଭିଯୋଗ ଅଦାଲତରେ ଦାଖଲ କରିଥିଲା। ଆମ୍ ଆଦମୀ ପାର୍ଟିର ମୁଖ୍ୟ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଫେବୃଆରି ୨ ତାରିଖରେ ଇଡିର ପଞ୍ଚମ ସମନକୁ ପ୍ରତ୍ୟାଖ୍ୟାନ କରିବା ପରେ ଇଡି ଅଦାଲତର ଦ୍ୱାରସ୍ଥ ହୋଇଥିଲା। ଲୋକସଭା ନିର୍ବାଚନ ପୂର୍ବରୁ ପ୍ରତିଦ୍ୱନ୍ଦ୍ୱୀମାନଙ୍କୁ ହଇରାଣ ଓ ଟାର୍ଗେଟ କରିବା


▶▶ପୃଷ୍ଠା ୭

# ୩ଟି ଗ୍ରାମକୁ ନାହିଁ ରାସ୍ତା: ରାୟଗଡ଼ା ଯିବା ପାଇଁ ୧୫ କିମି ବଦଳରେ ୫୦କିମି ଯାଉଛନ୍ତି ଲୋକେ



ରାୟଗଡ଼ା, ୦୭/୨ (ନି,ପ୍ର): ୧୫ କିଲୋମିଟର ରାସ୍ତା ପରିବର୍ତ୍ତେ ୫୦କିଲୋମିଟର ଦୂର ରାସ୍ତା ଅତିକ୍ରମ କରି ରାୟଗଡା ଜିଲ୍ଲା ସଦର ମହକୁମାକୁ ଯିବାକୁ ପଡୁଛି। ଫଳରେ ସମୟ ନଷ୍ଟ ହେବା ସହ ଗାଡ଼ି ଭଡ଼ା ଦେଇ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ବର୍ଷ ବର୍ଷ ଧରି ରାସ୍ତା ନିର୍ମାଣ ପାଇଁ ପ୍ରଶାସନ ନିକଟରେ ଦାବି କରି ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବାରୁ ନୂତନ ଜିଲ୍ଲାପାଳ ସମସ୍ୟାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ଆଶା ପ୍ରକଟ କରିଛନ୍ତି। ରାୟଗଡ଼ା ଜିଲ୍ଲା ସଦର ବ୍ଲକ ତାଡ଼ମା ଗ୍ରାମ ପଂଚାୟତର ଦୁର୍ଗମ ଅଂଚଳରେ ରହିଛି ହୁଲକି, ଉଜାଗୁଡ଼ା ଓ ପାଦକାପାଡୁ ଗ୍ରାମ। ସ୍ୱାଧୀନତାର ୭୬ବର୍ଷ ବିତିଯାଇଥିଲେ ମଧ୍ୟ ଏହି ତିନୋଟି ଗ୍ରାମର ୫୦୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀଙ୍କୁ ପକ୍କା ରାସ୍ତା ଉପରେ ଚାଲିବାର ମୌଳିକ ଅଧିକାର ଏଯାଏଁ ମିଳିପାରିନାହିଁ।ରାୟଗଡ଼ା ଜିଲ୍ଲା ସଦର ମହକୁମାକୁ ଆସିବାକୁ ହେଲେ କୋରାପୁଟ ଜିଲ୍ଲାର ବନ୍ଧୁଗାଁ ବ୍ଲକର ସୋଡାବାଡି ଗ୍ରାମରୁ ମୁଖ୍ୟ ରାସ୍ତା ଦେଇ ରାୟଗଡ଼ା ଜିଲ୍ଲାର ଫୁଲକଣା ଛକ ହୋଇ ରାୟଗଡ଼ା ସହରକୁ ଯାତାୟାତ କରିବାକୁ ପଡିଥାଏ ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି, ଯାହାକି ଦୀର୍ଘ ୫୦କିଲୋମଟିର ପଡିଥାଏ। ତେବେ ଦୁର୍ଗମ ପାହାଡ଼ିଆ ଅଂଚଳରେ ରହୁଥିବା ଏହି ତିନୋଟି ଗ୍ରାମକୁ ପକ୍କା ସଡକଟିଏ ନ ଥିବାରୁ ନାଳ, ଖାଲଢିପ, ପାହାଡ଼ିଆ ପାଦ ଚଲା ରାସ୍ତା ଏମାନଙ୍କ ଦୈନନ୍ଦିନ ରାସ୍ତା ପାଲଟିଯାଇଛି। ପାଦକାପାଡୁ ଗ୍ରାମରୁ ହିର୍ସାମୁହିଁ ପର୍ଯ୍ୟନ୍ତ ଯଦି ରାସ୍ତାଟିଏ ନିର୍ମାଣ କରାଯାଏ ତାହା ହେଲେ ରାୟଗଡା ସହରକୁ ମାତ୍ର ୧୫କିଲୋମିଟର ହେବ ବୋଲି ଗ୍ରାମବାସୀ କହିଛନ୍ତି। ବର୍ତ୍ତମାନ ପକ୍କା ରାସ୍ତାଟିଏ ନ ଥିବାରୁ ଆମ୍ବୁଲାନ୍ସ ସେବାରୁ ବଂଚିତ ହେଉଛନ୍ତି। ଏହି ଗ୍ରାମବାସୀମାନେ ଅନେକ ସମୟରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ସେବା ନ ପାଇ ମୃତ୍ୟୁ ମୁଖରେ ପଡିଥାନ୍ତି। ଗର୍ଭବତୀ ମହିଳା ଏବଂ ରୋଗୀଙ୍କୁ ନେବା ଆଣିବାରେ ଭାର ହିଁ ଏକମାତ୍ର ବିକଳ୍ପ।ଯାହାକୁ ନେଇ ଗ୍ରାମବାସୀମାନେ ପଂଚାୟତ ଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କୁ ତଥା ବିଧାୟକ, ମନ୍ତ୍ରୀଙ୍କୁ ଜଣାଇଥିଲେ ମଧ୍ୟ ପୂର୍ବବସ୍ଥାରେ କୌଣସି ପରିବର୍ତ୍ତନ ହେଉନାହିଁ। ପ୍ରଶାସନ ଉପରେ ଆଜି ବି ନିର୍ଭର କରି ଗାଁକୁ ପକ୍କା ରାସ୍ତାଟିଏ ନିର୍ମାଣ ପାଇଁ ମନରେ ଆଶା ବାନ୍ଧି ରହିଛନ୍ତି ଏହି ତିନୋଟି ଗ୍ରାମବାସୀ। ତାଡ଼ମା ଗ୍ରାମ ପଂଚାୟତର ଏହି ଦୁର୍ଗମ ଅଂଚଳ ହୁଲକି, ଉଜାଗୁଡା ଓ ପାଦକାପାଡୁ ଗ୍ରାମରୁ ହିର୍ସାମୁହିଁ ଗ୍ରାମ ଯାଏଁ ମନରେଗା ଯୋଜାନରେ ରାସ୍ତା ନିର୍ମାଣ ହୋଇଥିଲେ ହେଁ ତାହା ଯାତାୟାତ ଉପଯୋଗୀ ନ ଥିବା ବେଳେ ଆଗକୁ ବର୍ଷା ଦିନ ଥିବାରୁ ଏବେଠାରୁ ଲୋକେ ବିଚ୍ଛିନ୍ନାଚଂଳର ଭୟକୁ ମନରେ ସଂଚାରି ସାରିଲେଣି। ତାଡ଼ମା ଗ୍ରାମ ପଂଚାୟତର ସରପଂଚ ଓ ସମିତି ସଭ୍ୟ ସମେତ ଗ୍ରାମବାସୀ ନୂତନ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ରାସ୍ତା ନିର୍ମାଣ ପାଇଁ ଦାବି କରିବା ସହ ରାସ୍ତା ନାହିଁତ ଭୋଟ ନାହିଁରେ ଅଟଳ ରହିବେ ବୋଲି ଚେତାବନୀ ଦେଇଛନ୍ତି।

# ଚାଷୀଙ୍କୁ ବିଜୁଳି ଦର ମାଡ଼: ପଞ୍ଜାବ, ଆନ୍ଧ୍ରରେ ମାଗଣା



ଭୁବନେଶ୍ୱର, ୦୭/୨ (ନି,ପ୍ର): ପଞ୍ଜାବ, ତାମିଲନାଡୁ, ଆନ୍ଧ୍ରପ୍ରଦେଶରେ ଚାଷୀଙ୍କୁ ମିଳୁଛି ମାଗଣା ବିଜୁଳି। ୧୯୯୭ ମସିହାରୁ ପଞ୍ଜାବ ସରକାରଙ୍କ ପକ୍ଷରୁ ଫାର୍ମ ମୋଟରରେ ମାଗଣା ବିଜୁଳି ପ୍ରଦାନ ବ୍ୟବସ୍ଥା ଆରମ୍ଭ କରିଥିଲେ। ୨୦୦୪ ମସିହାରୁ ଆନ୍ଧ୍ରପ୍ରଦେଶରେ ଚାଷୀଙ୍କୁ ମାଗଣା ବିଜୁଳି ଦେଉଛନ୍ତି ସରକାର। ତାମିଲନାଡୁରେ ମଧ୍ୟ ଏହି ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି। ଚଳିତ ନିର୍ବାଚନରେ ତେଲେଙ୍ଗାନାରେ ଚାଷୀଙ୍କୁ ମାଗଣା ବିଜୁଳି ପ୍ରଦାନର ପ୍ରତିଶ୍ରୁତି ଦେଇ ଶାସନକୁ ଆସିଛି କଂଗ୍ରେସ। ମଧ୍ୟପ୍ରଦେଶରେ ଅନୁସୂଚିତ ଜାତି ଏବଂ ଜନଜାତି ଚାଷୀଙ୍କୁ କଟକଣା ଭିତ୍ତିରେ ମାଗଣା ବିଜୁଳି ପ୍ରଦାନର ବ୍ୟବସ୍ଥା ରହିଛି। ଛତିଶଗଡ଼ରେ ଚାଷୀଙ୍କୁ ବିଜୁଳି ଖର୍ଚ୍ଚ ନେଇ ମାତ୍ରାଧିକ ଚାପ ବହନ କରିବାକୁ ପଡ଼ିବ ନାହିଁ ଏଥିପାଇଁ କୃଷକ ଜୀବନ ଜ୍ୟୋତି ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଥିବା ନେଇ ଜୁଲାଇ ମାସରେ ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇ ଥିଲା। ଏହା କେବଳ ଉଦାହରଣ ମାତ୍ର। ଅନ୍ୟାନ୍ୟ ଅନେକ ରାଜ୍ୟରେ ଚାଷୀଙ୍କୁ ମାଗଣା କିମ୍ବା ନାମମାତ୍ର ଦରରେ ବିଜୁଳି ପ୍ରଦାନର ବ୍ୟବସ୍ଥା ରହିଛି। କିନ୍ତୁ ଓଡ଼ିଶାରେ ୧ ୟୁନିଟ ହିସାବରେ ଚାଷୀଙ୍କ ଠାରୁ ୧ ଟଙ୍କା ୫୦ ପଇସା ନିଆଯାଉଛି। ମାଗଣା ବିଜୁଳି ପାଇଁ ରାଜ୍ୟର ବିଭିନ୍ନ ଜିଲ୍ଲାର ଚାଷୀ ସଙ୍ଗଠନ ଆନ୍ଦୋଳନ ଆରମ୍ଭ କରିଛନ୍ତି। କିଛି ମାସ ପୂର୍ବରୁ ଲୋୟର ପିଏମଜିରେ ଧାରଣା ଦିଆଯାଇ ଥିଲା। ତଥାପି ଏଥିରେ ସୁଧାର ଆସିନାହିଁ। ପୂର୍ବରୁ ୨୦୨୨ ମସିହା ଜୁଲାଇ ମାସରେ ଶକ୍ତି ମନ୍ତ୍ରୀ ସ୍ପଷ୍ଟ କରି ଦେଇଥିଲେ ଯେ କୃଷି କ୍ଷେତ୍ରକୁ ମାଗଣା ବିଜୁଳି ପ୍ରଦାନ ନେଇ ରାଜ୍ୟ ସରକାରଙ୍କ କୌଣସି ଯୋଜନା ନାହିଁ। ହେଲେ ୨୦୨୪ ନିର୍ବାଚନ ପରିପ୍ରେକ୍ଷୀରେ ଏହି ପ୍ରସଙ୍ଗଟି ପୁଣି ଥରେ ମୁଣ୍ଡ ଟେକିଥିବା କାରଣରୁ ରାଜ୍ୟ ସରକାର ଏହା ଉପରେ କି ଆଭିମୁଖ୍ୟ ଗ୍ରହଣ କରିବେ, ତା ଉପରେ ଏବେ ସମସ୍ତଙ୍କର ନଜର ରହିଛି। ବିଶେଷଜ୍ଞଙ୍କ କହିବା ଅନୁସାରେ, ୨୦୧୬ ମସିହାରେ ରାଜ୍ୟରେ ଯେଉଁଠି ହେକ୍ଟର ପିଛା ୧.୬ କିଲୋୱାଟର ବିଜୁଳି ଶକ୍ତି ଖର୍ଚ୍ଚ ହେଉଥିଲା, ବର୍ତ୍ତମାନ ତାହା ୨.୨୩ କିଲୋୱାଟ୍‌ରେ ପହଞ୍ଚି ସାରିଛି। ଅନ୍ୟପକ୍ଷରେ ଚାଷୀଙ୍କ ଯୁକ୍ତି ହେଲା- ଅଣଜଳସେଚିତ ଅଞ୍ଚଳରେ ବିଜୁଳି ମୋଟର ଜରିଆରେ ଚାଷୀ ଜଳସେଚନ କରନ୍ତି। ସେଥିପାଇଁ ଏଠାରେ ଚାଷୀଙ୍କୁ ବିଜୁଳି ବାବଦରେ ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ। ପଞ୍ଜାବରେ ୯୮.୬ ପ୍ରତିଶତ ଜମି ଜଳସେଚିତ। ଓଡ଼ିଶାରେ ୬୧ ଲକ୍ଷ ୮୧ ହଜାରରୁ ୪୭ ଲକ୍ଷ ୯୭ ହଜାର ହେକ୍ଟର ଜମି ଜଳସେଚିତ କରିବା ନେଇ ସରକାର ଦାବି କରୁଛନ୍ତି। ହେଲେ ବାସ୍ତବିକତା ହେଲା, ବର୍ଷା ନ ହେଲେ ସବୁ ଶୁଖିଲା ପଡ଼ିଯାଏ। ୨୦୨୨ ମସିହାରେ ସିଏଜିର ରିପୋର୍ଟ ଅନୁସାରେ, ୨୦୧୪ ରୁ ୨୦୧୯ ମସିହା ମଧ୍ୟରେ ୧୨ ହଜାର ୭୪୨ କୋଟି ଟଙ୍କା ଖର୍ଚ୍ଚ ପରେବି ରାଜ୍ୟରେ ମାତ୍ର ୨୪ ପ୍ରତିଶତ ଜମିହିଁ ଜଳସେଚିତ ହୋଇ ପାରିଛି। ଖରିଫ ଠାରୁ ରବିର ସ୍ଥିତି ଆହୁରି ସାଂଘାତିକ। ତେଣୁ ଚାଷୀ ଖର୍ଚ୍ଚାନ୍ତ ହୁଏ। ସ୍ଥିତି ଏଭଳି ହୋଇଛି ଯେ ବିଜୁଳି ବିଲ୍ ଦେୟ ବାବଦରେ ବରଗଡ଼ର ଜଣେ ଚାଷୀଙ୍କୁ ୧ ଲକ୍ଷ ୯୦ ହଜାର ଟଙ୍କା ଆସିବା କିଛି ଦିନ ପୂର୍ବରୁ ଚର୍ଚ୍ଚାର ବିଷୟ ହୋଇଥିଲା। ବିଜୁଳି ବିତରଣ ଦାୟିତ୍ୱ ଘରୋଇ ସଂସ୍ଥା ଉପରେ ରହିଥିବାରୁ ବକେୟା ପ୍ରଦାନରେ ବିଳମ୍ବ ହେଲେ ମାତ୍ରାଧିକ ଜରିମାନା ଆଦାୟ ହେଉଛି। ଏପରିକି ବିଭିନ୍ନ ସ୍ଥାନରେ ଚାଷୀମାନଙ୍କ ସହିତ ଦୁର୍ବ୍ୟବହାର ହେଉଥିବା ନେଇ ମଧ୍ୟ ଅଭିଯୋଗ ହୋଇଥିଲା। ହେଲେ ଚାଷୀ ସଙ୍ଗଠନ କହିବା ଅନୁସାରେ, ଯଦି ସରକାର ଆଜି ପର୍ଯ୍ୟନ୍ତ ଶତପ୍ରତିଶତ ଅଞ୍ଚଳକୁ ଜଳସେଚିତ କରିପାରୁ ନାହାନ୍ତି , ବିଜୁଳି ବିଲ ମାତ୍ରାଧିକ କାହିଁକି ନିଆଯାଉଛି ?

## କାଳିମେଳାରେ ଲାଗିଲା ମାଓ ପୋଷ୍ଟର

ମାଲକାନଗିରି, ୦୭/୨ (ନି,ପ୍ର): ଦୀର୍ଘଦିନର ନିରବତା ପରେ ପୁଣି ମାଲକାନଗିରିରେ ସକ୍ରିୟ ହୋଇଉଠିଛି ମାଓ ସଂଗଠନ । ଏଥି ନେଇ ଆଜି ଚିତ୍ରକୋଣ୍ଡା ବ୍ଲକ କାଳିମେଳା ଥାନା ଅନ୍ତର୍ଗତ ମସୁଘାଟି, ପେଟୋଲ,ପପୁଲୁର ପ୍ରଭୃତି ଗ୍ରାମ ଗୁଡିକରେ ଆନ୍ଧ୍ର ଓଡିଶା ସୀମାନ୍ତ ମାଓ ସଂଗଠନ ସଂପାଦକ ଗଣେଶଙ୍କ ଦସ୍ତଖତ ଥାଇ ବିଭିନ୍ନ ସ୍ଥାନରେ ତେଲୁଗୁ ଓଡ଼ିଆ ଭାଷାରେ ପୋଷ୍ଟର ଲାଗିଥିବା ଦେଖିବାକୁ ମିଳିଛି । ଏଥିରେ ବଂଗପୁଟ, ରଙ୍ଗବେଲ, କଣ୍ଡୁରମ୍ ଗ୍ରାମ ଗୁଡିକରେ ରମେଶ, ରାକେଶ, ସ୍ୱପ୍ନା, ସନ୍ତୁ, ତୁଲଶି ଯେଉଁମାନେ ପୂର୍ବରୁ ମାଓ ସଂଗଠନରେ ସକ୍ରିୟ କାର୍ଯ୍ୟ କରୁଥିଲେ, ବର୍ତମାନ ସେମାନେ ସଂଗଠନ ଛାଡି ଠିକାଦାର ଓ ଲୋକଙ୍କ ଠାରୁ ଟଙ୍କା ବଟି ଆଦାୟ କରୁଛନ୍ତି ଏବଂ ମାଓ ସଂଗଠନକୁ ବଦନାମ କରୁଛନ୍ତି ସେମାନଙ୍କ ନାମ ରହିଛି । ତେଣୁ ସେମାନଙ୍କୁ ମାଓବାଦୀ ପାର୍ଟିରୁ ବହିଷ୍କାର କରାଯାଇଥିବା ଏହି ପୋଷ୍ଟରରେ ଉଲ୍ଲେଖ ରହିଛି । ସେହିଭଳି ଗ୍ରାମକୁ ଆସିଲେ ସେମାନଙ୍କୁ ସହଯୋଗ ନକରି ବାନ୍ଧିକି ରଖି ଆମକୁ ଖବର ଦେବା ପାଇଁ କୁହା ଯାଇଛି । ଖବର ପାଇବା ପରେ ପୋଲିସ ପୋଷ୍ଟରକୁ ଜବତ କରିଛି ।

# ୨୬ ମନିଟରିଂ ଷ୍ଟେସନ୍‌ରେ ନଦୀଜଳ ପ୍ରଦୂଷିତ



ଭୁବନେଶ୍ୱର, ୦୭/୨ (ନି,ପ୍ର): ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଦ୍ୱାରା ରାଜ୍ୟର ୧୧ଟି ନଦୀର ୧୨୯ ସ୍ଥାନରେ ଜଳର ଗୁଣାତ୍ମକ ମାନକୁ ନିୟମିତ ପରୀକ୍ଷା କରାଯାଉଛି। ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଋଷିକୂଲ୍ୟା, ନାଗାବଳୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, କୋଲାବ, ବଂଶଧରା, ଇନ୍ଦ୍ରାବତୀ ଓ ବାହୁଡ଼ା ନଦୀର ଜଳର ବ୍ୟାବହାରିକ ଗୁଣବତ୍ତା ପରୀକ୍ଷା ହେଉଛି। ଏଥିରେ ପିଏଚ୍, ଡିଜଲଭ୍ଡ ଅକ୍ସିଜେନ୍ (ଡିଓ), ବାୟୋଲୋଜିକାଲ ଅକ୍ସିଜେନଲ ଡିମାଣ୍ଡ(ବିଓଡି), ଟୋଟାଲ କଲିଫର୍ମ(ଟିସି) ବ୍ୟାକ୍ଟେରିଆ ପରୀକ୍ଷା ହେଉଥିବା ବେଳେ ୨୬ ମନିଟରିଂ ଷ୍ଟେସନ୍‌ରେ ନଦୀ ଜଳ ଉଦ୍ଦିଷ୍ଟ ମାନ ଦଣ୍ଡ ଭିତରେ ନ ଥିବା ସୂଚନା ଦେଇଛନ୍ତି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରଦୀପ ଅମାତ। ବିଧାୟକ ସୌମ୍ୟରଂଜନ ପଟ୍ଟନାୟକଙ୍କ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଅମାତ କହିଛନ୍ତି ଯେ ୧୩ଟି ସ୍ଥାନରେ ନଦୀ ଜଳରେ ଉଭୟ ବିଓଡି ଓ ଟିସି, ଗୋଟିଏ ସ୍ଥାନରେ ବିଓଡି, ୨ଟି ସ୍ଥାନରେ ଡିଓ ଓ ୧୦ଟି ସ୍ଥାନରେ ଟିସି ଉଦ୍ଦିଷ୍ଟ ମାନର ମଧ୍ୟରେ ରହୁନାହିଁ। ଅବଶିଷ୍ଟ ୧୦୩ଟି ସ୍ଥାନରେ ନଦୀ ଜଳର ଗୁଣାତ୍ମକ ମାନ ଉଦ୍ଦିଷ୍ଟ ମାନ ଭିତରେ ରହୁଛି। ନଦୀ ଦଳ ପ୍ରଦୂଷଣକୁ ପ୍ରତିହତ କରିବା ପାଇଁ ରାଜ୍ୟର ୬ଟି ସହରରେ ୩୭୧ ଏମ୍‌ଏଲ୍‌ଡି ପରିମାଣର ୧୩ଟି ଏସ୍‌ଟିପି ଏବଂ ୧୧୦ଟି ସିପଟ୍ଟେଜ୍ ଟ୍ରିଟମେଣ୍ଟ ପ୍ଲାଣ୍ଟ ସ୍ଥାପନ ହୋଇଛି। ନଦୀ ଜଳର ପ୍ରଦୂଷଣ ସଂପର୍କରେ ବୋର୍ଡ ଅବଗତ ହେବା ପରେ କ୍ରମାଗତଭାବେ ସଂପୃକ୍ତ ପୌରାଞ୍ଚଳ ଅଧିକାରୀମାନଙ୍କୁ ଅବଗତ କରୁଛନ୍ତି। ପ୍ରଦୂଷଣ ନିରାକରଣ ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପରାମର୍ଶ ଦେଉଛନ୍ତି। ଏହାସହ ସଂପୃକ୍ତ ଜିଲ୍ଲା ଅଧିକାରୀ, ରାଜ୍ୟ ଗୃହ ଓ ଉନ୍ନୟନ ବିଭାଗ, ରାଜ୍ୟ ଜନସ୍ୱାସ୍ଥ୍ୟ ବିଭାଗ, ରାଜ୍ୟ ଜଳ ଯୋଗାଣ ଓ ପରିମଳ ପରିଷଦକୁ ଆବଶ୍ୟକ ପଦକ୍ଷେପ ନେବାକୁ ପରାମର୍ଶ ଦେଉଛନ୍ତି। ସେହିପରି ରାଜ୍ୟର ୧୮ଟି ସହରରେ ବାୟୁ ପ୍ରଦୂଷଣ ମାପକ ଯନ୍ତ୍ର ଦ୍ୱାରା ପ୍ରଦୂଷଣର ମାତ୍ରା ନିର୍ଦ୍ଧାରଣ କରାଯାଉଛି। ୨୦୨୩ରେ ବାୟୁର ଗୁଣବତ୍ତା ସୂଚକାଙ୍କ ବା ଏକ୍ୟୁଆଇ ଏହି ସମୟରେ ସନ୍ତୋଷଜନକ ବା ମଧ୍ୟମ ମାନ ଭିତରେ ରହୁଛି। କିଛି ସ୍ଥାନରେ କେବଳ ଧୂଳିକଣା(ପିଏମ୍୧୦), ସୂକ୍ଷ୍ମ ଧୂଳିକଣା(ପିଏମ୍୨୫)ର ମାନ ନିର୍ଦ୍ଧାରିତ ମାନରୁ ଅଧିକ ରହୁଛି। ଏହାର ପ୍ରତିକାର ପାଇଁ ଭୁବନେଶ୍ୱର, କଟକ, ରାଉରକେଲା ଆଦି ସହରରେ ରାସ୍ତାଘାଟରେ ଜମି ହୋଇଥିବା ଧୂଳିକଣାକୁ ସଫା କରିବା ପାଇଁ ମେକାନିକାଲ ସ୍ୱିପର ନିୟୋଜିତ କରାଯାଇଛି। ରାସ୍ତାରୁ ଧୂଳିକଣାକୁ ପ୍ରଶମିତ କରିବା ପାଇଁ ୱାଟର ମିଷ୍ଟ କ୍ୟାନନ ବା ଜଳସିଞ୍ଚନ ବ୍ୟବସ୍ଥା ଗ୍ରହଣ କରାଯାଇଛି। ପରିବେଶ ମନ୍ତ୍ରାଳୟଠାରୁ ମିଳିଥିବା ଅର୍ଥରଶିକୁ ରାଜ୍ୟର ୭ଟି ନନ୍ ଆଟେନମେଣ୍ଟ ସିଟିମାନଙ୍କର ବାୟୁ ପ୍ରଦୂଷଣ ନିରାକରଣ ପାଇଁ ବିନିଯୋଗ କରାଯାଉଛି। ବାୟୁ ପ୍ରଦୂଷଣ ନିରାକରଣ ପାଇଁ ବୃକ୍ଷରୋପଣ, ରାସ୍ତାଘାଟର ନିୟମିତ ସଫେଇକରଣ ସହ ଜଳସିଞ୍ଚନ ବ୍ୟବସ୍ଥା, ପକ୍କା ରାସ୍ତା ନିର୍ମାଣ ଆଦି ପଦ୍ଧତିକୁ ଅବଲମ୍ବନ କରିବା ପାଇଁ ନଗର ନିଗମ ତଥା ପୌରପାଳିକା କର୍ତ୍ତୃପକ୍ଷଙ୍କୁ ବୋର୍ଡ ତରଫରୁ ନିର୍ଦ୍ଦେଶନାମା ଦିଆଯାଇଛି। ପ୍ରଦୂଷର ଜନିତ ବ୍ୟାଧି ଓ ଚିକିତ୍ସା ବାବଦରେ ନିଆଯାଉଥିବା ବ୍ୟବସ୍ଥା ସଂପର୍କିତ ତଥ୍ୟ ସଂଗ୍ରହ କରାଯାଉଥିବା ସେ କହିଛନ୍ତି।

## ଟାଟା ପାୱାର ବିରୋଧରେ କଂଗ୍ରେସ ହାଲାବୋଲ

ଜୟପୁର , ୦୭/୨ (ନି,ପ୍ର): ଜୟପୁରରେ ଟାଟା ପାୱାରର ମାନମୁଖୀ ବ୍ୟବସ୍ଥାକୁ ନଗର କଂଗ୍ରେସ ର ବିରୋଧ। ଟାଟା ପାୱାର ବର୍ତମାନ ପ୍ରତି ଘରେ ବିଦ୍ୟୁତ ଉପଭକ୍ତା ଙ୍କୁ ସ୍ମାର୍ଟ ମିଟର ଲଗାଇବା କୁ ବାଧ କରୁଛି। କୋଉଠି ଜୋର ଜବରଦସ୍ତି ବିଜୁଳି ବିଲ ଆଦାୟ କରିବା କୁ ନେଇ ତ ଆଉ କୋଉଠି ଭିଜିଲାନ୍ସ ବିଭାଗ ର ଜୋର ଯାର ମୁଲକ ଦେଖାଇ ଉପଭୋକ୍ତା ଙ୍କୁ ପ୍ରଭାବିତ କରୁଛି ।ଟାଟା ପାୱାର ଏହି ମନମୁଖୀ ବ୍ୟବସ୍ଥା କୁ ବିରୋଧକରି ଆଜି ଜୟପୁର ଟାଉନ କଂଗ୍ରେସ ତରଫରୁ ଟାଟା ପାୱାର କାର୍ଯ୍ୟଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।
ନଗର କଂଗ୍ରେସ ସଭାପତି ନରେନ୍ଦ୍ର ମହାନ୍ତି ଙ୍କ ନେତୃତ୍ୱ ରେ ଅନେକ କଂଗ୍ରେସ କର୍ମୀ ଟାଟା ପାୱାର କାର୍ଯ୍ୟାଳୟ ଘେରାଓ କରି ଏହି ବ୍ୟବସ୍ଥା ତୁରନ୍ତ ବନ୍ଦ କରିବା ନେଇ ଦାବି କରିଥିଲେ। ଧାରଣା ବିକ୍ଷୋଭ କରିବା ସହ ଟାଟା ପାୱାର କାର୍ଯ୍ୟଳୟ ର ଅଧିକ୍ଷଣ ଯନ୍ତ୍ରୀ ମନ୍ମଥ ନାଥ ମିଶ୍ର ଙ୍କୁ ଦାବୀ ପତ୍ର ପ୍ରଦାନ କରାଯାଇଛି ।
ସେପଟେ ଅଧିକ୍ଷଣ ଯନ୍ତ୍ରୀ ମିଶ୍ର ଖଣ୍ଡନ କରି କୌଣସି ଉପଭକ୍ତା ଙ୍କୁ ସ୍ମାର୍ଟ ମିଟର ଲଗେଇବା ପାଇଁ ବାଧ୍ୟତା କରାଯାଉନି ।ବରଂ ଯେଉଁ ଉପଭକ୍ତା ମାନେ ମାସ ମାସ ଧରି ବିଦ୍ୟୁତ ଶୁଳ୍କ ବକେୟା ରଖୁଛନ୍ତି ସେମାନଙ୍କ ପାଇଁ ଏହି ସ୍ମାର୍ଟ ମିଟର ବ୍ୟବସ୍ଥା କରାଯାଉଛି ବୋଲି ପ୍ରତିକ୍ରିୟା ଦେଇଛନ୍ତି । ଏହି ଘେରାଉ ବିକ୍ଷୋଭ ରେ ନିହାର ବିଶୋଇ, ଦେବେନ୍ଦ୍ର ବାହିନୀପତି, ଗଙ୍ଗା ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

# ବିଲୁପ୍ତାଭିମୁଖୀ 'ଡଙ୍ଗରରାଣୀ': ଠାବ କଲା ଭାରତୀୟ ଡାଲି ଜାତୀୟ ଗବେଷଣା କେନ୍ଦ୍ର



ଖୋର୍ଦ୍ଧା, ୦୭/୨ (ନି,ପ୍ର): ନାଁ ହେଲା 'ଡଙ୍ଗରରାଣୀ'। ଇଏ କୌଣସି ପାହାଡ଼ ପର୍ବତ କିମ୍ବା ବ୍ୟକ୍ତି ବିଶେଷର ନାମ ନୁହେଁ। ଆଦିବାସୀ ଅଧ୍ୟୁଷିତ କୋରାପୁଟ ଜିଲ୍ଲାରେ ପାରମ୍ପରିକ ପଦ୍ଧତିରେ ଚାଷ ହେଉଥିବା ଫସଲ। ଯାହା ଏବେ ବିଲୁପ୍ତାଭିମୁଖୀ। ଯାହାର ପୁନରୁଦ୍ଧାର ଓ ବହୁଳ ପ୍ରଚାର ପାଇଁ ଭାରତୀୟ ଡାଲିଜାତୀୟ ଗବେଷଣା କେନ୍ଦ୍ର ଖୋର୍ଦ୍ଧା ଶାଖା ଉଦ୍ୟମ ଆରମ୍ଭ କରିଛି। କେବଳ ପନୁରୁଦ୍ଧାର ନୁହେଁ, ଏ ଡାଲି ଉପରେ ଅଧିକ ଗବେଷଣା ଆରମ୍ଭ ହେବାକୁ ଯାଉଛି। ଗବେଷଣା କେନ୍ଦ୍ରର ବୈଜ୍ଞାନିକ ଡ. ଆଶିଷ କୁମାର ରାଉତଙ୍କ କହିବା ମୁତାବକ, 'ଡଙ୍ଗରରାଣୀ' ବୁଟ, ମୁଗ, କି ହରଡ଼ ଭଳି ବିହନ ନୁହେଁ। କୋଳଥ ଯେମିତି ଡାଲି ପ୍ରଜାତିର ଏକ ସ୍ୱତନ୍ତ୍ର ଫସଲ, ସେମିତି ଡଙ୍ଗରରାଣୀ ଏକ ଭିନ୍ନ ପ୍ରକାରର ଡାଲି। ଯାହା ଏକ ଲତାଜାତୀୟ ଫସଲ। ଆଦିବାସୀ ଅଞ୍ଚଳର ଲୋକେ ଏ ଡାଲିକୁ ଚାଷ କରୁଛନ୍ତି। ଡାଲି ଏକ ଭଲ ପୋଷକ ତତ୍ତ୍ୱ। ଯାହାର ଉତ୍ପାଦନ ଓଡ଼ିଶାରେ ଅପେକ୍ଷାକୃତ କମ୍। ଲୋକେ ଧାନ ପରେ ଡାଲି ଜାତୀୟ ଫସଲ ମୁଗ, ବିରିକୁ ଏକ ବିକଳ୍ପ ଚାଷ ଭାବେ ଗ୍ରହଣ କରୁଛନ୍ତି। ଏ ଚାଷକୁ ମୁଖ୍ୟ ଫସଲ ରୂପେ ଉଭା କରାଇବା ଦିଗରେ ପୁଙ୍ଖାନୁପୁଙ୍ଖ ଗବେଷଣା ପାଇଁ ୨୦୨୦ ମସିହାରେ ଭାରତୀୟ ଡାଲି ଜାତୀୟ ଫସଲ ଗବେଷଣା କେନ୍ଦ୍ର କାନପୁର ଏକ ଶାଖା ଖୋର୍ଦ୍ଧାରେ ଖୋଲିଛି। ଏ ଶାଖା ଏବେ ଓଡ଼ିଶା ବିଲୁପ୍ତପ୍ରାୟ ଓ ବିଲୁପ୍ତାଭିମୁଖୀ ବିହନ ଓ ଫସଲର ଅନୁସନ୍ଧାନ କରୁଛି। ତନ୍ମଧ୍ୟରେ କୋରାପୁଟର 'ଡଙ୍ଗରରାଣୀ' ଅନ୍ୟତମ ବୋଲି ବୈଜ୍ଞାନିକ ଡ. ରାଉତ ପ୍ରକାଶ କରିଛନ୍ତି। ନିକଟରେ କୋରାପୁଟରୁ ବିହନ ସଂଗ୍ରହ କରାଯାଇଛି। ଏ ବିହନରେ କ'ଣ ସବୁ ବିଶେଷତ୍ୱ ଅଛି, ତା'ର ରୋଗ ପ୍ରତିରୋଧକ ଶକ୍ତି କ'ଣ, ଓଡ଼ିଶାର ଅନ୍ୟ ସ୍ଥାନରେ ଏହା କିପରି ବିକଶିତ ହୋଇ ପାରିବ, ଏ ସବୁ ଦିଗର ଗବେଷଣା କରାଯିବ। ଚାଷୀଙ୍କ ପାଖରୁ ଏ ବିହନ ସବୁଦିନ ପାଇଁ ବୁଡ଼ିଯିବା ପୂର୍ବରୁ ଆଗାମୀ ତିନି ଶହ ବର୍ଷ ପର୍ଯ୍ୟନ୍ତ ଯେମିତି ସଂରକ୍ଷିତ ରହିପାରିବ ସେଥିପାଇଁ ଏହାର ବିହନକୁ ଦିଲ୍ଲୀ ସ୍ଥିତ ନ୍ୟାସ୍‌ନାଲ୍ ବ୍ୟୁରୋ ଅଫ୍ ପ୍ଲାଣ୍ଟ୍ ଜେନେଟିକ୍ ରିସୋର୍ସ ସେଣ୍ଟରକୁ ପଠାଯିବ ବୋଲି ଡ. ରାଉତ ପ୍ରକାଶ କରିଛନ୍ତି।

## ଭୋଟ ଦାନ କେନ୍ଦ୍ର ଉପରେ ବୈଠକ

ଜୟପୁର , ୦୭/୨ (ନି,ପ୍ର): ଜୟପୁର ଉପ ଜିଲାପାଳଙ୍କ କାଯ୍ୟାଳୟରେ ଭୋଟ ଦାନ କେନ୍ଦ୍ର ଉପରେ ଆଜି ଏକ ବୈଠକ ଅନୁଷ୍ଠିତ ହୋଇଛି । ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା ଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ଆସିଷ୍ଟାଣ୍ଡ କଲେକ୍ଟର ବାଲାଜୀ ପ୍ରସାଦ ବ୍ରହ୍ମା, ନିବାଚନ ବିଭାଗର ମନସ୍ୱିନି ବେହେରା, କିରଣ ମହାରାଣା ସହ ସମସ୍ତ ରାଜନୈତିକ ଦଳର ସଦସ୍ୟ ମାନେ ଉପସ୍ଥିତ ଥିଲେ । ହେବାକୁ ଥିବା ଆଗାମୀ ନିବାଚନରେ ଭୋଟ ଦାନ କେନ୍ଦ୍ର ଉପରେ ଆଲୋଚନା କରାଯାଇଥିଲା ।

# ଦୁଇ ସବ୍‌ଡିଭିଜନର ୨୫ ଗାଁକୁ ରାସ୍ତା ନାହିଁ: କେବଳ ୯୭୧ ଗାଁକୁ ପାଦଚଲା ରାସ୍ତା



ରାଉରକେଲା, ୦୭/୨ (ନି,ପ୍ର): ବିଭିନ୍ନ ଗାଁକୁ ରାସ୍ତା ସଂଯୋଗ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା, ଜିଲ୍ଲା ଖଣିଜ ପ୍ରତିଷ୍ଠାନ(ଡିଏମ୍‌ଏଫ୍), ଓମ୍‌ବାଡ୍‌ସି, ସ୍ୱତନ୍ତ୍ର କ୍ଷେତ୍ର ଗ୍ରାମୀଣ ସଂଯୋଗୀକରଣ ପ୍ରାଧିକରଣ(ଏସ୍‌ଏଆରସିଏ) ଓ ଉପାନ୍ତ ଆଦି ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି। ତେବେ ରାଉରକେଲା ଗ୍ରାମ୍ୟ ନିର୍ମାଣ(ଆରଡବ୍ଲ୍ୟୁ) ବିଭାଜନରେ ରାସ୍ତା ସଂଯୋଗୀକରଣ ବେଗ ଧରିପାରୁନି। ଏବେସୁଦ୍ଧା ଏହି ଡିଭିଜନର ୨୫ଟି ଗାଁ/ପଡ଼ାକୁ ରାସ୍ତା ନିର୍ମାଣ କରାଯାଇପାରିନି। ଫଳରେ ଏହି ୨୫ ଗ୍ରାମର ବାସିନ୍ଦା ଏବେ ବଣପାହାଡ଼ ଘେରି ରହିଥିବା ପାଦଚଲା ରାସ୍ତାରେ ଗମନାଗମନ କରୁଛନ୍ତି। ରାଉରକେଲା ଡିଭିଜନରେ ୮ଟି ବ୍ଲକ, ଯଥା-କୁଆରମୁଣ୍ଡା, ନୂଆଗାଁ, ବିଶ୍ରା, ଲାଠିକଟା, କୋଇଡ଼ା, ଗୁରୁଣ୍ଡିଆ, ବଣାଇଁ ଓ ଲହୁଣୀପଡ଼ା ବ୍ଲକରେ ମୋଟ୍ ୯୯୬ଟି ଗାଁ/ପଡ଼ା ରହିଛି। ଏଥିମଧ୍ୟରୁ ବିଭିନ୍ନ ଯୋଜନାରେ ୯୭୧ଟି ଗାଁ/ପଡ଼ାକୁ ରାସ୍ତା ଥିବାବେଳେ ଅବଶିଷ୍ଟ ୨୫ ଗାଁକୁ ରାସ୍ତା ନିର୍ମାଣ ସମ୍ଭବ ହୋଇନି। ଏଯାଏ ପିଏମ୍‌ଜିଏସ୍‌ୱାଇରେ ମୋଟ୍ ୪୪୫ଟି ରାସ୍ତା ନିର୍ମାଣ କରି ୬୩୨ଟି ଗାଁ/ପଡ଼ାକୁ ସଂଯୋଗ କରାଯାଇଛି। ସେହିଭଳି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୬ଟି ରାସ୍ତା ନିର୍ମାଣକରି ୫୭ ଗାଁକୁ ସଂଯୋଗ କରାଯାଇଥିବାବେଳେ ଡିଏମ୍‌ଏଫ୍ ପାଣ୍ଠିରୁ ୧୧୯ ରାସ୍ତା ତିଆରି ୨୪୩ ଗାଁ, ଓମ୍‌ବାଡ୍‌ସି ମାଧ୍ୟମରେ ୮ଟି ରାସ୍ତା ନିର୍ମାଣକରି ୨୦ଟି ଗାଁ, ପିଆର ରୋଡ୍ ୪ଟି ନିର୍ମାଣକରି ୯ ଗାଁକୁ ସଂଯୋଗ, ଉପାନ୍ତ ଯୋଜନାରେ ଗୋଟିଏ ରାସ୍ତା ନିର୍ମାଣକରି ୨ଟି ଗାଁ ଓ ଏସ୍‌ଏଆରସିଏ ମାଧ୍ୟମରେ ୩ଟି ରାସ୍ତା ନିର୍ମାଣକରି ୮ ଗାଁ/ପଡ଼ାକୁ ସଂଯୋଗ ଉଲ୍ଲେଖଯୋଗ୍ୟ, ପିଏମ୍‌ଜିଏସ୍‌ୱାଇ ଓ ଏମ୍‌ଏମ୍‌ଏସ୍‌ୱାଇରେ ସର୍ବାଧିକ ୪୭୧ଟି ରାସ୍ତା ନିର୍ମାଣ କରାଯାଇଛି। ଏ ବାବଦକୁ ୯୩୧.୫୬ କୋଟି ଟଙ୍କା ବ୍ୟୟ କରାଯାଇଛି।

## ପାରମ୍ପରିକ ଲୋକକଳା ବ୍ଲକସ୍ତରୀୟ ଏକ ଦିବସୀୟ କର୍ମଶାଳା

ଗଂଜାମ, ୦୭/୨ (ନି,ପ୍ର): ଶେରଗଡ଼ ବ୍ଲକ ପରିସରରେ ଗଞ୍ଜାମ ଜିଲ୍ଲା ପାରମ୍ପରିକ ଲୋକକଳା ଏକ ଦିବାସୀୟ କର୍ମଶାଳା ବ୍ଲକ ଉପସଭାପତି ବିଜୟ କୁମାର ଦୋରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ନାୟକ ଏହି କର୍ମଶାଳାକୁ ଉଦଘାଟନ କରିଥିବା ବେଳେ ଅତିଥି ଭାବରେ ବିଜେଡି ବ୍ଲକ ସଭାପତି ଶରତ ପାତ୍ର, ବରିଷ୍ଠ ବିଜେଡି ନେତା ହୀନ ବେହେରା, ହୃଷିକେଶ ପାଢ଼ୀ, ପ୍ରମୋଦ ପାତ୍ର, ମେଘନାଦ ଦାସ, ଗୌରହରି ବିଷୋଇ, ଯୋଗଦାନ କରି ଗଞ୍ଜାମ ଜିଲ୍ଲାର ପାରମ୍ପରିକ ଲୋକକଳା ଦାଶକାଠି, ଗାହାଣି, ପାଲା, ପ୍ରହଲ୍ଲାଦ ନାଟକ, ଭାରତଲୀଳା, ଘୁଡ଼ିକି ନାଚ, କୃଷ୍ଣଲୀଳା, ଘଂଟସ୍ଥଳ, ଯୋଡିଶଙ୍ଖ,ଏପରି ବିଭିନ୍ନ ଲୋକକଳା କଳାକାର ଯୋଗଦେଇ ସାମାଜିକ ଅର୍ଥନୈତିକ ଓ ସରକାରଙ୍କ ଉନ୍ନୟନମୂଳକ ଯୋଜନା ବିଷୟରେ ନିଜ ନିଜର କଳା ପରିବେଷଣ କରିଥିଲେ।

# ଭରସା ଜିତିବାକୁ ୫ଟି ଟିପ୍ସ; ସଂପର୍କରେ ଭୁଲ୍ ହେଲେ କ୍ଷମା ମାଗିବା ଜରୁରୀ କି...



ଏକ ସୁସ୍ଥ, ରୋମାଣ୍ଟିକ ଏବଂ ସୁଖମୟ ଜୀବନ ପାଇଁ ଏକ ସମ୍ପର୍କ ଉପରେ ବିଶ୍ୱାସ ଜରୁରୀ । ତେବେ ଆସନ୍ତୁ ଜାଣିବା ସମ୍ପର୍କ ଉପରେ କାହିଁକି ବିଶ୍ୱାସ ରହିବା ଜରୁରୀ ଏବଂ ଏହାକୁ ହାସଲ କରିବାର ଉପାୟ କ'ଣ ?
ଏକ ସୁଖୀ ଏବଂ ସୁସ୍ଥ ସମ୍ପର୍କର ମୂଳଦୁଆ ହେଉଛି ପରସ୍ପର ଉପରେ ବିଶ୍ୱାସ ଏବଂ ଆତ୍ମବିଶ୍ୱାସ । ଏହି କାରଣରୁ, ପାର୍ଟନରମାନେ ପରସ୍ପରକୁ ସମ୍ମାନ କରନ୍ତି, ଖୋଲାଖୋଲି ଭାବରେ କଥାବାର୍ତ୍ତା କରନ୍ତି ଏବଂ ପରସ୍ପରଙ୍କୁ ଜଜ୍ କରନ୍ତି ନାହିଁ । ଏକ ସୁସ୍ଥ, ରୋମାଣ୍ଟିକ ଏବଂ ସୁଖମୟ ଜୀବନ ପାଇଁ ଏକ ସମ୍ପର୍କ ଉପରେ ବିଶ୍ୱାସ ଜରୁରୀ । ବିଶ୍ୱାସ ହେଉଛି ଯେକୌଣସି ସମ୍ପର୍କର ମୂଳଦୁଆ ଏବଂ ପରସ୍ପରକୁ ସମର୍ଥନ କରିବା ଏବଂ ଏକ ସୁସ୍ଥ ସମ୍ପର୍କ ପାଇଁ ପ୍ରେରଣା ଏବଂ ସକରାତ୍ମକ ଶକ୍ତି ସୃଷ୍ଟି କରିବା ପାଇଁ କାର୍ଯ୍ୟ କରିଥାଏ । ଏହି ବିଶ୍ୱାସ ବଢିବା ସହିତ ଦୁଇ ଜଣଙ୍କ ମଧ୍ୟରେ ବୁଝାମଣା ମଧ୍ୟ ବଢିଯାଏ ଏବଂ ସେମାନେ ନିଜ ନିଜ ଦୁନିଆରେ ଖୁସିରେ ଜୀବନଯାପନ କରିବା ଆରମ୍ଭ କରନ୍ତି, ଯାହା ଦୁନିଆର ଅନ୍ୟମାନଙ୍କଠାରୁ ସେମାନଙ୍କୁ ଭିନ୍ନ କରିଦିଏ ।

**ଭଲ ଶ୍ରୋତା ହେବା:**
ଯଦି ଆପଣ ଏକ ନୂଆ ସମ୍ପର୍କରେ ପ୍ରବେଶ କରୁଛନ୍ତି ଏବଂ ପରସ୍ପରର ବିଶ୍ୱାସ ଜିତିବାକୁ ଚାହୁଁଛନ୍ତି, ତେବେ ସର୍ବପ୍ରଥମେ ଜଣେ ଭଲ ଶ୍ରୋତା ହେବାକୁ ଚେଷ୍ଟା କରନ୍ତୁ ଏବଂ ପାର୍ଟନରଙ୍କ କଥାର ସଠିକ୍ ଉତ୍ତର ଦିଅନ୍ତୁ । ଯେତେବେଳେ ତାଙ୍କର ସବୁ କଥାକୁ ବୁଝିବାକୁ ଚେଷ୍ଟା କରିବେ, ନିଜ ଭିତରେ ବିଶ୍ୱାସ ଆପେ ଆପେ ବଢିଯିବ ।

**କ୍ଷମା ମାଗିବା:**
ଯଦି କେତେବେଳେ କିଛି ଭୁଲ ହୋଇଯାଏ ତେବେ କ୍ଷମା ମାଗିବା ମଧ୍ୟ ଆପଣଙ୍କ ସମ୍ପର୍କ ଉପରେ ଶକ୍ତି ଏବଂ ବିଶ୍ୱାସ ବଢାଇବାରେ ସାହାଯ୍ୟ କରେ । ଏପରି ପରିସ୍ଥିତିରେ, ଯଦି ଆପଣ ଅନୁଭବ କରୁଛନ୍ତି ଯେ ଆପଣ ଭୁଲ୍ କରିଛନ୍ତି, କ୍ଷମା ମାଗିବାକୁ କୁଣ୍ଠାବୋଧ କରନ୍ତୁ ନାହିଁ । ଏହା ସମ୍ପର୍କକୁ ମଜବୁତ କରିଥାଏ ।

**ଏକାଠି ନିଷ୍ପତ୍ତି ନେବା:**
ଯଦି କୌଣସି ନିଷ୍ପତ୍ତି ଉଭୟଙ୍କ ଜୀବନକୁ ପ୍ରଭାବିତ କରୁଥାଏ ତେବେ ସର୍ବଦା ଏକାଠି ହୋଇ ନିଅନ୍ତୁ । ବ୍ୟକ୍ତିଗତ ଭାବରେ କୌଣସି ନିଷ୍ପତ୍ତି ନେବା ଠିକ ନୁହେଁ । ଏହା କରିବା ଦ୍ୱାରା, ଆପଣଙ୍କ ସାଥୀଙ୍କ ଉପରେ ଆପଣଙ୍କ ବିଶ୍ୱାସ ବଢିବ ଏବଂ ଆପଣଙ୍କର ଏକ ଭଲ ସମ୍ପର୍କ ରହିବ ।

**ମିଛଠାରୁ ଦୂରେଇ ରହିବା:**
ଆପଣଙ୍କ ସାଥୀଙ୍କୁ ଖୁସି କରିବା ପାଇଁ କେବେ ବି ମିଛ କୁହନ୍ତୁ ନାହିଁ । ଯଦି ବି କିଛି କହିବାକୁ ହୁଏ ସେ ବିଷୟରେ ଭଲ ଭାବେ ଜାଣିଲା ପରେ କୁହନ୍ତୁ । ଏହା କରିବା ଦ୍ୱାରା ଆପଣ ଯାହା କହିବେ ଆପଣଙ୍କ ପାର୍ଟନର୍ ତାହା ଉପରେ ବିଶ୍ୱାସ କରିବେ । କେବଳ ଏତିକି ନୁହେଁ, ଏହି ଅଭ୍ୟାସ ହେତୁ ସେ ଅନ୍ୟ ଲୋକଙ୍କ ଅଭିଯୋଗ କିମ୍ବା ଆଲୋଚନାରେ ପ୍ରଭାବିତ ହେବେ ନାହିଁ ।

**ପ୍ରତିଶ୍ରୁତି ରଖିବା:**
ଅନେକ ସମୟରେ ଲୋକମାନେ ନିଜ ପାର୍ଟନର୍‌ଙ୍କୁ ଖୁସି କରିବା ପାଇଁ କିଛି ପ୍ରତିଶ୍ରୁତି ଦିଅନ୍ତି ଏବଂ ପରେ ସେସବୁ ଭୁଲିଯାଆନ୍ତି । ଏଥିପ୍ରତି ଧ୍ୟାନ ଦେବା ଜରୁରୀ । ଏମିତି କରିବା ଦ୍ୱାରା ସାଥୀଙ୍କ ମନରେ ଅବିଶ୍ୱାସର ଭାବନା ସୃଷ୍ଟି ହେବାକୁ ଲାଗେ ।

# ହଳଦୀ-ମହୁକୁ ଏମିତି ଲଗାନ୍ତୁ ମୁହଁରେ: ୫ ମିନିଟ୍‌ରେ ଚମକିବ ଚେହେରା




ସମସ୍ତେ ନିଜ ଚର୍ମରେ ଗ୍ଲୋ ଦେଖିବାକୁ ସ୍ୱପ୍ନ ଦେଖନ୍ତି । ଏନେଇ ସେମାନେ ବିୟୁଟିପାର୍ଲରେ ଯାଇ ହଜାର ହଜାର ଟଙ୍କା ମଧ୍ୟ ଖର୍ଚ୍ଚ କରନ୍ତି । ଏପରି ପରିସ୍ଥିତିରେ, ଆଜି ଆମେ ଆପଣଙ୍କୁ ଏପରି ଏକ ଟିପ୍ସ୍ କହିବାକୁ ଯାଉଛୁ, ଯାହାକୁ ଆପଣ ଘରେ କରି ୫ ମିନିଟ୍‌ରେ ନିଜ ଚେହେରାଙ୍କୁ ଚକ୍‌ଚକ୍ କରିପାରିବେ ।
ସେପୁରୁଷ ହୁଅନ୍ତି କି ମହିଳା ସମସ୍ତେ ନିଜ ଚର୍ମରେ ଗ୍ଲୋ ଦେଖିବାକୁ ସ୍ୱପ୍ନ ଦେଖନ୍ତି । ଏନେଇ ସେମାନେ ବିୟୁଟିପାର୍ଲର ଯାଇ ହଜାର ହଜାର ଟଙ୍କା ମଧ୍ୟ ଖର୍ଚ୍ଚ କରନ୍ତି । ଏତେ ସବୁ କରିବା ପରେ ମଧ୍ୟ ଫଳ ନ ମିଳିବା ଦେଖାଯାଏ । ଏପରି ପରିସ୍ଥିତିରେ, ଆଜି ଆମେ ଆପଣଙ୍କୁ ଏପରି ଏକ ଟିପ୍ସ୍ କହିବାକୁ ଯାଉଛୁ, ଯାହାକୁ ଆପଣ ଘରେ କରି ୫ ମିନିଟ୍‌ରେ ନିଜ ଚେହେରାଙ୍କୁ ଚକ୍‌ଚକ୍ କରିପାରିବେ ।
ଏଥିପାଇଁ ଆପଣଙ୍କୁ କେବଳ ମହୁ, ହଳଦୀ ଏବଂ କଞ୍ଚା କ୍ଷୀର ନେବାକୁ ପଡିବ । ଏସବୁକୁ କିପରି ସଠିକ୍ ଭାବରେ ବ୍ୟବହାର କରାଯିବ ତାହା ଜାଣିବା ଆବଶ୍ୟକ । ଏହି ତିନୋଟି ଜିନିଷ ଏକ ସୁସ୍ଥ ଚର୍ମ ପ୍ରଦାନ କରିବାରେ ଖୁବ୍ ସହାୟକ ହୁଏ ଏବଂ ଆପଣଙ୍କ ରୋଷେଇ ଘରେ ଏସବୁ ମଧ୍ୟ ସହଜରେ ମିଳିଯିବ ।
କିପରି କରିବେ ବ୍ୟବହାର:
ଏକ ସୁନ୍ଦର ଚେହେରା ପାଇବାକୁ ହେଲେ ଏକ ଚାମଚ ହଳଦୀ ନେବାକୁ ପଡିବ । ତେବେ ଏହି ହଳଦୀ ପ୍ୟାକେଟ୍ ବାଲା ନୁହେଁ, ପେଷା ହୋଇଥିବା ଦରକାର । ଏହା ସହିତ ଗୋଟିଏ ଚାମଚ ଭଲ ମହୁ ଏବଂ ଦୁଇ ଚାମଚ କଞ୍ଚା ଗାଈ କ୍ଷୀର ନେବାକୁ ପଡିବ । ଫୁଟା କ୍ଷୀର ନେବେନି, ନଚେତ୍ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ । ବର୍ତ୍ତମାନ ଏସବୁକୁ ଭଲ ଭାବରେ ମିଶେଇ ଦିଅନ୍ତୁ । ଯଦି ଆପଣଙ୍କ ଘରେ କେଶର ଅଛି ତେବେ ଆପଣ କ୍ଷୀରରେ ଏହାକୁ ମଧ୍ୟ ମିଶାଇ ପାରିବେ ଏବଂ ଯଦି ପାଖରେ ନାହିଁ ତେବେ କୌଣସି ଅସୁବିଧା ନାହିଁ । ଏହା ଭଲ ଭାବରେ ମିଶ୍ରଣ କରିବା ପରେ ମୁହଁରେ ଲଗାନ୍ତୁ ଏବଂ ଏହାକୁ ୫ ମିନିଟ୍ ପର୍ଯ୍ୟନ୍ତ ଛାଡିଦିଅନ୍ତୁ । ଏହାପରେ ମୁହଁକୁ ଭଲ ଭାବେ ଧୋଇ ଦିଅନ୍ତୁ । ମୁହଁରୁ ଏବେ ଗ୍ଲୋ ବାହାରିବ ।
ଦାଗହୀନ ଚମକ ଚେହେରା:
ଏହି ଅଭ୍ୟାସକୁ ଯଦି ସପ୍ତାହରେ ତିନିଥର କରାଯାଏ ତେବେ ମୁହଁ ଦାଗହୀନ ହେବା ସହ ଚମକିବ । ମହୁ ଚର୍ମକୁ କୋମଳ କରିବା ସହ ନରମ ମଧ୍ୟ କରେ । ହଳଦୀ ପ୍ରାକୃତିକ ଚମକ ଦେଇଥାଏ ଏବଂ କଞ୍ଚା କ୍ଷୀର ଚେହେରାକୁ ସଫା କରିଥାଏ ଏବଂ ଦାଗ ଦୂର କରିଥାଏ । ଏହି କାରଣରୁ ଏହି ତିନି ପଦାର୍ଥର ମିଶ୍ରଣ ଚେହେରା ପାଇଁ ଖୁବ ପ୍ରଭାବଶାଳୀ ।

# ମାନସିକ ରୋଗ ଲୁଚାଉଛନ୍ତି ଭାରତୀୟ

ବିଭିନ୍ନ ପ୍ରକାର ରୋଗର ଉପଶମ ପାଇଁ ଆମେ ରୋଗର ଲକ୍ଷଣ ବାବଦରେ ପ୍ରକାଶ କରିଥା'ନ୍ତି । କାରଣ ସେ ସମ୍ପର୍କରେ ସବିଶେଷ ବିବରଣୀ ଜାଣିଲା ପରେ ହିଁ ଜଣେ ସ୍ୱାସ୍ଥ୍ୟ ବିଶେଷଜ୍ଞ ତଦନୁଯାୟୀ ଉପଚାର ପରାମର୍ଶ କରିଥା'ନ୍ତି । ମାତ୍ର ମାନସିକ ରୋଗ ଏପରି ଏକ ସମସ୍ୟା, ଯାହା ବିଷୟରେ ପୀଡ଼ିତମାନେ ଅନ୍ୟ ଆଗରେ କ୍ୱଚିତ୍ ପ୍ରକାଶ କରିଥାନ୍ତି । ଆମ ଦେଶରେ ପ୍ରାୟ ଏକ ପ୍ରତିଶତରୁ କମ୍ ମାନସିକ ରୋଗୀ ସେମାନଙ୍କ ଅବସ୍ଥା ସମ୍ପର୍କରେ ବାହାରେ ମୁହଁଖୋଲି କହିଥା'ନ୍ତି ବୋଲି ଯୋଧପୁର ଆଇଆଇଟିର ଗବେଷକମାନେ ଜାଣିପାରିଛନ୍ତି । ପୀଡ଼ିତମାନେ ନିଜର ମାନସିକ ଅସ୍ୱାଭାବିକତାକୁ ଗୋପନ ରଖିବା ପଛରେ ମୁଖ୍ୟତଃ ସାମାଜିକ କଳଙ୍କ ବା ଟାହିଟାପରା ଦାୟୀ ବୋଲି ଜଣାଯାଇଛି । ଏଥିପାଇଁ ଅନୁଷ୍ଠିତ ଏକ ଅନୁଧ୍ୟାନରେ ୮,୭୭ଟି ଗାଁ ଓ ୬,୧୮୧ଟି ସହରାଞ୍ଚଳର ୫,୫୫,୧୧୫ ଜଣ ବ୍ୟକ୍ତିଙ୍କୁ ସାମିଲ କରାଯାଇଥିଲା । ସେମାନଙ୍କ ଭିତରୁ ୩୭୪ ଜଣ ଡାକ୍ତରଖାନା ଅଧୀନରେ ଥିବା ବେଳେ ୨୮୩ ଜଣ ଡାକ୍ତରଖାନା ବାହାର ରୋଗୀ ଥିଲେ ।

# ପ୍ରତିଦିନ ଏମିତି ଖାଆନ୍ତୁ ପିଜୁଳି ପତ୍ର; ସ୍ୱାଭାବିକ ହେବ ୟୁରିକ୍ ଏସିଡ୍

ଆପଣ ଯଦି ୟୁରିକ୍ ଏସିଡ୍ ସମସ୍ୟାରେ ପୀଡିତ ତେବେ ଏହି ଖବର ଆପଣଙ୍କ ପାଇଁ ସ୍ୱତନ୍ତ୍ର । ଆଜି ଆମେ ଆପଣଙ୍କୁ ଏପରି ଏକ ଆୟୁର୍ବେଦିକ ଔଷଧ ବିଷୟରେ କହିବାକୁ ଯାଉଛୁ, ଯାହାକୁ ବ୍ୟବହାର କରି ବିନା ଖର୍ଚ୍ଚରେ ଆପଣ ୟୁରିକ୍ ଏସିଡ୍‌କୁ ସ୍ୱାଭାବିକ କରିପାରିବେ । ଆଜିକାଲି ୟୁରିକ୍ ଏସିଡ୍ ବୃଦ୍ଧି ସମସ୍ତଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଏହା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଖରାପ ବୋଲି ବିବେଚନା କରାଯାଏ । ଯେତେବେଳେ ଶରୀରରେ ୟୁରିକ୍ ଏସିଡ୍ ବଢିବାରେ ଲାଗେ, ଏହାର ଖରାପ ପ୍ରଭାବ ମଧ୍ୟ ଆମ ଶରୀରରେ ଦେଖାଯିବା ଆରମ୍ଭ କରେ । ୟୁରିକ୍ ଏସିଡ୍ ବୃଦ୍ଧି ହେତୁ କିଛି ଲୋକ ଆଣ୍ଠୁ-ଗଣ୍ଠିର ସମସ୍ୟା ଏବଂ ହାତ ଏବଂ ପାଦରେ ଯନ୍ତ୍ରଣା ଅନୁଭବ କରୁଥିବାବେଳେ ଆଉ କିଛି ଲୋକ ଗୋଡରେ ଫୁଲା, ଥକ୍କା କିମ୍ବା ଗୋଇଠି ଯନ୍ତ୍ରଣା ଅନୁଭବ କରନ୍ତି । ଯଦି ଆପଣଙ୍କ କ୍ଷେତ୍ରରେ ଏପରି କିଛି ସମସ୍ୟା ଦେଖାଯାଉଛି ଆଉ ଆପଣ ଏନେଇ ଚିନ୍ତିତ ତେବେ ଏହି ଖବର ଆପଣଙ୍କ ପାଇଁ ସ୍ୱତନ୍ତ୍ର । ଆଜି ଆମେ ଆପଣଙ୍କୁ ଏପରି ଏକ ଆୟୁର୍ବେଦିକ ଔଷଧ ବିଷୟରେ କହିବାକୁ ଯାଉଛୁ, ଯାହାକୁ ବ୍ୟବହାର କରି ବିନା ଖର୍ଚ୍ଚରେ ଆପଣ ୟୁରିକ୍ ଏସିଡ୍‌କୁ ସ୍ୱାଭାବିକ କରିପାରିବେ ଏବଂ କୋଲେଷ୍ଟ୍ରଲ୍ ସ୍ତରକୁ ମଧ୍ୟ ନିୟନ୍ତ୍ରଣ କରିପାରିବେ । ଆପଣ ସମସ୍ତେ ପିଜୁଳି ଖାଇଥିବେ । ଏହା ଏପରି ଏକ ଫଳ ଯାହା ଖୁବ୍ ସହଜରେ ମିଳିଯାଏ । ଲୋକମାନେ କିନ୍ତୁ ଏହାକୁ ଏକ ସାଧାରଣ ଫଳ ବୋଲି ଭାବନ୍ତି ଏବଂ ଏହାର ଉପକାରକୁ ଅଣଦେଖା ମଧ୍ୟ କରନ୍ତି । ପିଜୁଳିରେ ଥିବା ଗୁଣ ଯୋଗୁଁ ଏହାକୁ ଏକ ସୁପରଫ୍ରୁଟ୍ ମଧ୍ୟ କୁହାଯାଏ । ସଂକ୍ରାମକ ରୋଗ ଏବଂ ପାଟି ରୋଗରୁ ରକ୍ଷା ପାଇବା ପାଇଁ ଡାକ୍ତରମାନେ ସାଧାରଣତ ପିଜୁଳି ଖାଇବାକୁ ପରାମର୍ଶ ଦିଅନ୍ତି ।
ଉପକାରୀ ପିଜୁଳି ପତ୍ର:
ପିଜୁଳିରୁ ଭଲ ପରିମାଣର ଭିଟାମିନ୍ ଉ ମିଳିଥାଏ ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢାଇଥାଏ । ଏହା ବ୍ୟତୀତ ଏଥିରୁ କମ୍ କ୍ୟାଲୋରୀ ଏବଂ ଅଧିକ ଫାଇବର ମିଳେ । ପିଜୁଳିର ଖାଲି ଫଳ ନୁହେଁ ଏହାର କଞ୍ଚା ସବୁଜ ପତ୍ର ମଧ୍ୟ ବହୁତ ଉପକାରୀ । ଏହାକୁ ଚୋବାଇବା ଦ୍ୱାରା ଶରୀରକୁ ଅନେକ ଫାଇଦା ମିଳିଥାଏ । ଏହାର ପତ୍ରକୁ ସକାଳେ ଖାଲି ପେଟରେ ଖାଇବା ଦ୍ୱାରା ବଢୁଥିବା ୟୁରିକ୍ ଏସିଡ୍ ମଧ୍ୟ କମିଥାଏ । ଏହା ବ୍ୟତୀତ କୋଲେଷ୍ଟ୍ରଲ ସ୍ତର ମଧ୍ୟ ନିୟନ୍ତ୍ରଣରେ ରୁହେ ।
ଏହି ରୋଗଗୁଡିକ ପାଇଁ ରାମବାଣ:
ଆୟୁର୍ବେଦିକ ଚିକିତ୍ସା ଅନୁଯାୟୀ ପିଜୁଳି ପତ୍ର ଅନେକ ଔଷଧୀୟ ଗୁଣରେ ଭରପୂର । ଯେଉଁମାନେ କୋଲେଷ୍ଟ୍ରଲ କିମ୍ବା ଓଜନ ବୃଦ୍ଧି ସମସ୍ୟାରେ ପୀଡିତ ସେମାନଙ୍କ ପାଇଁ ଏହା ରାମବାଣ କରି କାମ କରେ । ଏହି ପତ୍ରରେ ଏପରି ଉପାଦାନ ଥାଏ ଯାହା ୟୁରିକ୍ ଏସିଡ୍ ହ୍ରାସ କରିବାରେ ସହାୟକ ହୋଇଥାଏ । ପ୍ରତିଦିନ ସକାଳେ ଖାଲି ପେଟରେ ଖାଇଲେ ଅନେକ ଫାଇଦା ମିଳେ ।
ପତ୍ରରେ ରହିଛି କ'ଣ:
ପିଜୁଳିର ସବୁଜ ପତ୍ରରେ ଆଣ୍ଟିଅକ୍ସିଡାଣ୍ଟ, ଆଣ୍ଟିବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ମିଳିଥାଏ । ଏହା ସହିତ ପଲିଫେନୋଲ୍, କାରୋଟେନାଇଡ୍, ଫ୍ଲାଭୋନୋଇଡ୍ ଏବଂ ଟେନିନ୍ ନାମକ



ରାସାୟନିକ ପଦାର୍ଥ ଏହି ପତ୍ରରେ ମିଳିଥାଏ, ଯାହା ବିଭିନ୍ନ ରୋଗର ଚିକିତ୍ସାରେ ପ୍ରଭାବଶାଳୀ ବୋଲି ପ୍ରମାଣିତ ।
କିପରି ଖାଇବେ:
ସକାଳେ ପିଜୁଳି ଗଛ ପାଖକୁ ଯାଇ ସତେଜ ଏବଂ ନରମ ପତ୍ର ତୋଳନ୍ତୁ । ଏହାକୁ ଖାଲି ପେଟରେ ଚୋବେଇ ଚୋବେଇ ଖାଆନ୍ତୁ । ଏହା ବ୍ୟତୀତ ଏହାର ପତ୍ରକୁ ପାଣିରେ ଫୁଟାଇ ସେହି ପାଣିକୁ ମଧ୍ୟ ପିଇପାରିବେ । ଏହା କରିବା ଦ୍ୱାରା ବଢୁଥିବା ୟୁରିକ ଏସିଡ୍ ସ୍ୱାଭାବିକ ହୋଇଯାଏ ।

# କାଜୁ ଖାଇବାର ୪ଟି ଉପାୟ: ହାଡ ହେବ ଲୁହା ପରି ମଜଭୁତ

ଆଜିକାଲି ଅଧିକାଂଶ ଲୋକ କାଜୁ ଖାଉଛନ୍ତୁ ସତ, କିନ୍ତୁ ଏହାକୁ ଖାଇବାର ସଠିକ୍ ଉପାୟ ଜାଣି ନ ଥିବାରୁ ସେମାନେ ଏହାର ଠିକ ଲାଭ ପାଇପାରୁ ନାହାନ୍ତି । କାଜୁ ଖାଇବାର ୪ଟି ଉପାୟ ଅଛି, ଯାହା ଦ୍ୱାରା ହାଡ ହୋଇଯିବ ପୂରା ମୁଜଭୁତ । ଆସନ୍ତୁ ସେ ବିଷୟରେ ଜାଣିବା ।
ବୟସ ବଢିବା ସହିତ ହାଡ ଦୁର୍ବଳ ହେବା ଏକ ସ୍ୱାଭାବିକ କଥା । କିନ୍ତୁ ଆଜିକାଲି ଯୁବକମାନଙ୍କ କ୍ଷେତ୍ରରେ ମଧ୍ୟ ଏହି ସମସ୍ୟା ଦେଖାଯାଉଛି । ଏହାର ସବୁଠାରୁ ବଡ କାରଣ ହେଉଛି ଅସ୍ୱାସ୍ଥ୍ୟକର ଜୀବନଶୈଳୀ ଏବଂ ଭୁଲ ଖାଇବା ଅଭ୍ୟାସ । ତେଣୁ, ଏପରି କିଛି ଜିନିଷ ଅଛି ଯାହାକୁ ଆପଣଙ୍କ ଖାଦ୍ୟରେ ଅନ୍ତର୍ଭୁକ୍ତ କରିବା ଜରୁରୀ । ଏହା ଆପଣଙ୍କୁ ସୁସ୍ଥ ରଖିବାରେ ସାହାଯ୍ୟ କରିବ । ଅନେକ ଜିନିଷ ହାଡକୁ ମଜବୁତ କରିବା ପାଇଁ ଥିବାବେଳେ କାଜୁ ସେଥି ମଧ୍ୟରୁ ଗୋଟିଏ ।
ଡ୍ରାଏଡ୍ ଫ୍ରୁଟ୍ କାଜୁରେ ପ୍ରୋଟିନ୍, ଫାଇବର, କାର୍ବସ୍, ପୋଟାସିୟମ୍, କ୍ୟାଲ୍‌ସିୟମ୍, ଭିଟାମିନ୍ ଇ୬ ଏବଂ ମ୍ୟାଗ୍ନେସିୟମ୍ ଥାଏ, ଯାହା ହାଡକୁ ମଜବୁତ କରିବା ପାଇଁ କାମ କରିଥାଏ । ଯଦିଓ, ଅଧିକାଂଶ ଲୋକ ଏହାକୁ ଖାଇଥା'ନ୍ତି, କିନ୍ତୁ ଏହାକୁ ଖାଇବାର ସଠିକ୍ ଉପାୟ ଜାଣି ନ ଥିବାରୁ ସେମାନେ ଏହାର ଠିକ ଲାଭ ପାଇପାରି ନ ଥାନ୍ତି । ତେବେ ଆସନ୍ତୁ ସେ ବିଷୟରେ ଜାଣିବା ।

**ପାଣିରେ ଭିଜାଇ ଖାଇବା:**
ଯଦି ଆପଣ ଦୁର୍ବଳ ହାଡକୁ ନେଇ ଚିନ୍ତିତ ଅଛନ୍ତି, ତେବେ ଆପଣ ନିଶ୍ଚିତ ଭାବରେ



ଆପଣଙ୍କ ଖାଦ୍ୟରେ କାଜୁ ବାଦାମକୁ ସାମିଲ କରନ୍ତୁ । ଏଥିପାଇଁ ଆପଣଙ୍କୁ ୬-୭ଟି କାଜୁକୁ ଏକ କପ୍ ପାଣିରେ ଭିଜାଇ ରାତିସାରା ରଖିବାକୁ ପଡିବ । ପରଦିନ ସକାଳେ ଏହାକୁ ଖାଲି ପେଟରେ ଖାଇବାକୁ ପଡିବ । ବାସ୍ତବରେ, ଭିଜାଇଥିବା କାଜୁ ଖାଇବା ଦ୍ୱାରା ଏଥିରେ ଥିବା ପୋଷକ ତତ୍ତ୍ୱକୁ ଶରୀର ସହଜରେ ଗ୍ରହଣ କରିଥାଏ ।

**କ୍ଷୀରରେ ଭିଜାଇ ଖାଇବା:**
କ୍ଷୀରରେ ଭିଜାଯାଇଥିବା କାଜୁ ବାଦାମର ବ୍ୟବହାର ହାଡର ଦୁର୍ବଳତାକୁ ଦୂରକରିବା ପାଇଁ ଅଧିକ ଲାଭଦାୟକ ବୋଲି ବିବେଚନା କରାଯାଏ । ବାସ୍ତବରେ କ୍ଷୀରକୁ କ୍ୟାଲ୍‌ସିୟମ୍‌ର ଏକ ଉତ୍ତମ ଉତ୍ସ ଭାବରେ ବିବେଚନା କରାଯାଏ, ଯାହା ହାଡ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏଥିସହିତ, କାଜୁ ବାଦାମରେ ଥିବା ଭିଟାମିନ୍ କ ଏବଂ ଇ୬ ମଧ୍ୟ ହାଡ ଏବଂ ଗଣ୍ଠି ଯନ୍ତ୍ରଣାରେ ଆରାମ ଦେଇପାରେ । ଏଥିପାଇଁ ୬-୭ଟି କାଜୁକୁ ଏକ ଗ୍ଲାସ କ୍ଷୀରରେ ରାତିସାରା ଭିଜାନ୍ତୁ ଏବଂ ପରଦିନ ସକାଳେ ଉଭୟ କ୍ଷୀର ଏବଂ କାଜୁକୁ ଖାଆନ୍ତୁ ।

**ଅନ୍ୟାନ୍ୟ ଡ୍ରାଏ ଫ୍ରୁଟ୍ ସହିତ:**
ଆପଣ ବାଦାମ, କିସ୍‌ମିସ୍ ଏବଂ ଅଖ୍‌ରୋଟ୍ ସହିତ ମିଶାଇ କାଜୁ ଖାଇପାରିବେ । ଏଥିପାଇଁ ୨-୩ଟି ବାଦାମ, ୪-୫ଟି କିସ୍‌ମିସ୍, ୧ଟି ଅଖରୋଟ୍ ଏବଂ ୩-୪ଟି କାଜୁ ବାଦାମକୁ ପାଣିରେ ଭିଜାଇ ରଖନ୍ତୁ । ସକାଳୁ ଉଠିବା ପରେ ଏସବୁକୁ ଏକାଠି ଖାଆନ୍ତୁ । ଏହା କରିବା ଦ୍ୱାର ସମସ୍ତ ଡ୍ରାଏ ଫ୍ରୁଟ୍‌ର ଲାଭ ମିଳିବ । ଏସବୁକୁ ଏକାଠି ଖାଇବା ଦ୍ୱାରା ହାଡ ଦୃଢ ହୋଇଥାଏ ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୦୮ ଫେବୃଆରୀ ୨୦୨୪, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଦୁର୍ନୀତି...

ଏକ ଦୁର୍ନୀତିମୁକ୍ତ ରାଷ୍ଟ୍ରର ସ୍ୱପ୍ନ, ବିଶ୍ୱର ଅନ୍ୟ କୌଣସି ଭାଗରେ ବାସ୍ତବତାରେ ହୁଏତ ପରିଣତ ହୋଇପାରେ, କିନ୍ତୁ ଭାରତରେ ନିକଟ ଭବିଷ୍ୟତରେ ହେବାର ସମ୍ଭାବନା କ୍ଷୀଣ, କାରଣ କଥାରେ ଅଛି- ବୁଡ଼ିଗଲା ଲୋକର ପାଦ ତଳକୁ ତଳକୁ। ଏହାକୁ ପ୍ରମାଣିତ କରିଛି ନିକଟରେ ଟ୍ରାନ୍ସପ୍ୟାରେନ୍ସି ଇଣ୍ଟରନ୍ୟାସନାଲ ଦ୍ୱାରା ପ୍ରକାଶିତ କରପ୍ସନ୍ ପରସେପ୍ସନ୍ ଇଣ୍ଡେକ୍ସ (ସିପିଆଇ) ୨୦୨୩, ଯାହାକୁ ଏକ ସୁସମ୍ବାଦ ବୋଲି କଦାପି କୁହାଯାଇ ପାରିବ ନାହିଁ । ଯଦିଓ ଉପରୋକ୍ତ ସଂସ୍ଥା ଦ୍ୱାରା କରାଯାଇଥିବା ସର୍ଭେରେ ଅନ୍ତର୍ଭୁକ୍ତ ହୋଇଥିବା ୧୮୦ଟି ଦେଶରେ ସରକାରୀ କ୍ଷେତ୍ରଗୁଡ଼ିକରେ ଦୁର୍ନୀତିର ଅବଧାରଣା ଦର୍ଶାଇଛି ଯେ ସାମ୍ପ୍ରତିକ ସମୟରେ ସମଗ୍ର ବିଶ୍ୱ ଦୁର୍ନୀତି ରୂପକ ସମସ୍ୟାକୁ ପ୍ରଭାବଶାଳୀ ଢଙ୍ଗରେ ସମାଧାନ କରିବାରେ ସକ୍ଷମ ହୋଇପାରି ନାହିଁ, ତେବେ ଏହାର ଅର୍ଥ ନୁହେଁ ଯେ ୨୦୨୨ରେ ଏହି ତାଲିକାରେ ୮୫ତମ ସ୍ଥାନରେ ଥିବା ଭାରତ ୨୦୨୩ରେ ୯୩ତମ ସ୍ଥାନକୁ ଖସି ଆସିବାକୁ ହାଲୁକା ଭାବରେ ନିଆଯାଇ ପାରିବ। ଭାରତର ସାମଗ୍ରିକ ସ୍କୋର ୪୦ରୁ ୩୯କୁ ଖସିଛି । ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ନୂଆ ଟେଲିକମ୍ୟୁନିକେସନ୍ ବିଲ୍ ସହିତ, ଯାହା ମୌଳିକ ଅଧିକାରଗୁଡ଼ିକ ପ୍ରତି 'ଗୁରୁତର ବିପଦ' ସୃଷ୍ଟି କରିବାର ସମ୍ଭାବନା ରହିଛି, ତାହା ହୁଏତ ସାଧାରଣ ନାଗରିକଙ୍କ ସ୍ୱଚ୍ଛନ୍ଦତାର ପରିସରକୁ ଆହୁରି ସଂକୀର୍ଣ୍ଣ କରିବ ବୋଲି ସିପିଆଇ ଦର୍ଶାଇଛି । ତାହା ଯଦି ଏଥିରୁ ବାଦ୍ ପଡ଼ିଥାନ୍ତା, ତା'ହେଲେ ହୁଏତ ଏହି ତଥ୍ୟ କମ୍ ସାଂଘାତିକ ହୋଇଥାନ୍ତା । ସରକାରୀ କ୍ଷେତ୍ରର ଦୁର୍ନୀତି ଏବଂ ବିପଦଗ୍ରସ୍ତ ମୌଳିକ ଅଧିକାରଗୁଡ଼ିକ ଭିତରେ ରହିଥିବା ସଂଯୋଗକୁ ନିରୂପଣ କରିବା କିଛି କଷ୍ଟକର କଥା ନୁହେଁ । କିନ୍ତୁ ଯେହେତୁ ଏହି ସୂଚକାଙ୍କ ପ୍ରଭାବଶାଳୀ ଭାବରେ ସରକାରଙ୍କ ନୀତିଗୁଡ଼ିକର ଏକ ମୂଲ୍ୟାଙ୍କନ, ତେଣୁ ଏଥରେ ଯେ କୌଣସି ପ୍ରକାରର ଅବନତି ଆଶ୍ଚର୍ଯ୍ୟଜନକ ମନେହୁଏ, କାରଣ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଅତି ଉଚ୍ଚ ଏବଂ ପବିତ୍ର ନୈତିକତାର ଆଧାରରେ କଥା କହୁଥିବା ବେଳେ ବିରୋଧୀ ରାଜନେତାମାନଙ୍କ ଦୁର୍ନୀତିକୁ ଉନ୍ମୋଚନ କରିବା ନିମନ୍ତେ ତଦନ୍ତକାରୀ ଏଜେନ୍ସିମାନଙ୍କୁ ବ୍ୟବହାର କରୁଛନ୍ତି ବୋଲି ଅଭିଯୋଗ ହୋଇଥାଏ। ବିରୋଧୀମାନେ ବିଜେପିର ରାଜନେତା ବା ତାଙ୍କର ଭାଇ ବିରାଦରୀମାନଙ୍କ ଦ୍ୱାରା ଦୁର୍ନୀତି କରାଯାଉଥିବାର ଅଭିଯୋଗ ଆଣିଲେ ତାକୁ ଦୃଢ଼ ହସ୍ତରେ ଦମନ କରାଯାଉଛି- ଏମିତିକି ଆବଶ୍ୟକ ପଡ଼ିଲେ ସଂସଦରୁ ନିଲମ୍ବନ କରାଯାଇ ମଧ୍ୟ ବୋଲି କୁହାଯାଉଛି।

ସିପିଆଇ ପାଇଁ ଦୁର୍ନୀତିର ସଂଜ୍ଞା ହେଉଛି ବ୍ୟକ୍ତିଗତ ଲାଭ ପାଇଁ ନ୍ୟସ୍ତ କରାଯାଇଥିବା କ୍ଷମତାର ଅପବ୍ୟବହାର କରାଯିବା। ବ୍ୟକ୍ତିଗତ ଲାଭ ସବୁବେଳେ ଅନ୍ୟମାନଙ୍କ ଆଖିକୁ ଦେଖାଯାଇ ନପାରେ, କିନ୍ତୁ ତଥ୍ୟ ହେଉଛି ଯେ ୨୦୨୩ରେ ଭାରତର ୨୮ଟି ରାଜ୍ୟ ଏବଂ ୮ ଗୋଟି କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୧୬ ରାଜ୍ୟ ଏବଂ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳର ଶାସନ ଭାର ବିଜେପି ଏବଂ ଏହାର ମିତ୍ର ଦଳମାନଙ୍କ ଉପରେ ନ୍ୟସ୍ତ କରା ଯାଇଥିବା ଜଳଜଳ ହୋଇ ଦେଖା ଯାଉଛି । ତାହା ମଧ୍ୟ କେତେକ ରାଜ୍ୟରେ ସମ୍ଭବପର କରାଯାଇ ପାରିଥିଲା ଦୁର୍ନୀତିର ଏକ ରୂପ ମାଧ୍ୟମରେ, ଯାହା ଦେଶର ନିର୍ବାଚନୀ ବ୍ୟବସ୍ଥାର ଚଟାଣକୁ ଧସାଇ ଦେବା ଭଳି : କେବଳ ଅଳ୍ପକେ ସମ୍ଭବତଃ ସରକାରୀ କ୍ଷେତ୍ର ନୁହେଁ, ବରଂ ସ୍ୱୟଂ ଜନ ଜୀବନର ଆଧାରକୁ ମଧ୍ୟ । ଏହି ଦୁର୍ନୀତି ନୈତିକ; ଅନ୍ୟ ଏକ ରୂପରେ ଏହା ଲୋକମାନଙ୍କ ବିଶ୍ୱାସ ଭିତରେ ନିଜକୁ ପ୍ରବେଶ କରାଇବାର ଇସାରା କରି ସମାନତା ଏବଂ ଶାନ୍ତିକୁ ନଷ୍ଟ କରିବାକୁ ଘୃଣା ସୃଷ୍ଟି କରିଥାଏ । ବ୍ୟକ୍ତିଗତ ଲାଭ ଅନେକ ପ୍ରକାରର ହୋଇପାରେ ଏବଂ ବେଳେବେଳେ ଏତେ ମାତ୍ରାରେ ହୋଇଥାଏ ଯେ ତାକୁ ମାପ କରିବା ସହଜସାଧ୍ୟ ହୋଇ ନଥାଏ। ଏତଦ୍ ବ୍ୟତୀତ ରାଜନୀତି କ୍ଷେତ୍ରରୁ ନୈତିକତାର ଅପସାରଣ ବର୍ଷ ପରେ ବର୍ଷ ଲୋକମାନଙ୍କ ଆଶା ଆକାଂକ୍ଷାଗୁଡ଼ିକୁ ଏତେ ପରିମାଣରେ କମାଇ ଦେଲାଣି ଯେ ବେଶ୍ କେତେ ବର୍ଷ ହେବ ଦୁର୍ନୀତି ସେମାନଙ୍କ ନିର୍ବାଚନୀ ପସନ୍ଦ କ୍ଷେତ୍ରରେ ଦେଖା ଦେଉନାହିଁ । ମୌଳିକ ଅଧିକାରଗୁଡ଼ିକ ସବୁବେଳେ ପ୍ରଦାନ କରାଯାଉଥିବା ସମ୍ପର୍କରେ ଆଶ୍ୱାସନା ନଥିବା ବେଳେ ସେମାନେ ମଧ୍ୟ ତତ୍କାଳ ଲାଭ ପାଇବାକୁ ଆଶା ରଖୁଛନ୍ତି : ଲୋଭ ବର୍ତ୍ତମାନ ସମୟରେ ଏମିତି ଏକ ସାଧାରଣ କଥା ହୋଇ ଗଲାଣି ଯେ ତା' ବିଷୟରେ କିଛି କହିବା ସହଜ ନୁହେଁ । ଦୁର୍ନୀତିର ଏହା ହେଉଛି ସର୍ବାଧିକ ବିଷାକ୍ତ ପ୍ରଭାବ, କାରଣ ଏହା ଧୀରେ ଧୀରେ ଜନ ଜୀବନକୁ ଏମିତି ଭାବରେ କବଳିତ କରିନିଏ ଯେ ସେମାନଙ୍କର ଭଲ-ଖରାପ ବା ନୀତି-ଅନୀତି ପ୍ରତି ଦୃଷ୍ଟିକୋଣ ଏବଂ ନିର୍ଦ୍ଧାରଣର ଢଙ୍ଗରେ ପରିବର୍ତ୍ତନ ଘଟେ, ଯେହେତୁ ଏହା ଭିତରେ ରହିଥାଏ ସୂକ୍ଷ୍ମ ରେଖାଟିଏ। ସିପିଆଇ ରିପୋର୍ଟ ଉଲ୍ଲେଖ କରେ କି ସମଗ୍ର ବିଶ୍ୱରେ ନ୍ୟାୟିକ ବ୍ୟବସ୍ଥା ଦୁର୍ବଳ ହୋଇ ଚାଲିଛି ଏବଂ ଦୁର୍ନୀତି ସହିତ ଏହାର ପ୍ରତ୍ୟକ୍ଷ ସମ୍ପର୍କ ରହିଛି । ସତ୍ତାବାଦୀ ଶାସନ କଳ ଏବଂ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ନେତାମାନେ ନ୍ୟାୟକୁ ବେଖାତିର କରି ଚାଲିଛନ୍ତି, ଯାହା ଦୁର୍ନୀତିକୁ ନିର୍ଭିକ କରିଥାଏ, ଏବଂ ଏହା ମଧ୍ୟ ଦୁର୍ନୀତି କରିବାକୁ ଉତ୍ସାହିତ କରିଥାଏ, କାରଣ ଏଭଳି କ୍ଷେତ୍ରରେ ଦୁର୍ନୀତିର ପରିଣାମ ଭୋଗିବାର ଭୟ ଆପାତତଃ ଶୂନ୍ୟ ହୋଇଥାଏ। ରିପୋର୍ଟ କିନ୍ତୁ ଯାହା ଉଲ୍ଲେଖ କରିନାହିଁ, ତାହା ହେଉଛି, ଏହା ଜାଣିଶୁଣି କରାଯାଉଥିବା ଆତ୍ମ-ସେବା; ଯେ ପର୍ଯ୍ୟନ୍ତ ପ୍ରତି ସ୍ତରରେ ଦୁର୍ନୀତି ଅପ୍ରତିରୋଧ ଭାବରେ ବଢ଼ି ଚାଲେ, ଏହା ସର୍ବୋଚ୍ଚ ସ୍ତରରେ ସେତେ ସ୍ୱଳ୍ପ ଦୃଶ୍ୟମାନ ବା ଧର୍ତ୍ତବ୍ୟ ହୋଇ ଯାଇଥାଏ । ଆଉ ସେଇଠାରେ ହିଁ ଭାରତ ପାଇଁ ବିପଦ ରହିଛି; ତାଲିକାରେ ନିମ୍ନଗତି କେବଳ ଯାହା ସରକାରୀ କ୍ଷେତ୍ର ପାଇଁ ଏକ ସରଳ ଚେତାବନୀଠୁ ସାମାନ୍ୟ ଅଧିକ।

# ମହର୍ଷି ବାଲ୍ମୀକି ଓ ଉତ୍ତରାକାଣ୍ଡ



## ଗୋପାଳ ମହାପାତ୍ର

ଆମେ ସମସ୍ତେ ବାଲ୍ମୀକି ରାମାୟଣ ବାବଦରେ ଜାଣିଛେ। ଏହା ହେଉଚି ସର୍ବ ପୁରାତନ ଏବଂ ପ୍ରାଚୀନ ରାମାୟଣ। ଏହି ବାଲ୍ମୀକି କୃତ ରାମାୟଣରେ ରହିଛି ୨୪ ହଜାର ଶ୍ଳୋକ। ସେହି ବାଲ୍ମୀକି ରାମାୟଣର ପ୍ରଥମ ସର୍ଗଠାରୁ ୪ର୍ଥ ସର୍ଗ ଏବଂ ୫ମ ସର୍ଗର ପ୍ରଥମ ୪ ଶ୍ଳୋକ ମହର୍ଷି ବାଲ୍ମୀକି ଏବଂ ତାଙ୍କ କୃତ ରାମାୟଣର କଥାବସ୍ତୁ ସମ୍ବନ୍ଧିତ ଅଟେ। କିନ୍ତୁ ଏହାର କଥାକାର ବା ରଚୟିତା ସ୍ୱୟଂ ବାଲ୍ମୀକି ହୋଇ ନ ପାରନ୍ତି। କାରଣ ଉକ୍ତ ଶ୍ଳୋକର ଶୈଳୀ ଆତ୍ମକଥାର ଶୈଳୀ ନୁହେଁ। ପ୍ରଭୁ ଶ୍ରୀରାମ ଏବଂ ମହର୍ଷି ବାଲ୍ମୀକି ସମକାଳୀନ ନଥିଲେ। କାରଣ ପ୍ରଭୁ ଶ୍ରୀରାମ ବାଲ୍ମୀକିଙ୍କ ପାଇଁ 'ଜନଶ୍ରୁତି' ହୋଇଯାଇଥିଲେ। ଏଭଳି ସ୍ଥିତିରେ ଲବ ଏବଂ କୁଶ ମହର୍ଷି ବାଲ୍ମୀକିଙ୍କ ଆଶ୍ରମରେ ବଢ଼ିଥିଲେ ଏବଂ ସେମାନେ ଶ୍ରୀରାମଙ୍କ ଦରବାରରେ ମହର୍ଷି ବାଲ୍ମୀକିଙ୍କ କୃତ ରାମାୟଣ ପାଠ କରିଥିଲେ କେମିତି? ଏହା କ'ଣ ସମ୍ଭବ କି? ଉତ୍ତରାକାଣ୍ଡ ଏହି କିମ୍ବଦନ୍ତୀର ଆଧାର ଅଟେ। ଯଦି ପ୍ରଭୁ ଶ୍ରୀରାମ ଏବଂ ମହର୍ଷି ବାଲ୍ମୀକି ସମକାଳୀନ ହୋଇଥାନ୍ତେ ତେବେ ଉତ୍ତରାକାଣ୍ଡର କିମ୍ବଦନ୍ତୀରେ ବାସ୍ତବିକତା ରହିଥାନ୍ତା। ଏଭଳି ସ୍ଥିତିରେ ଉତ୍ତରାକାଣ୍ଡ ମହର୍ଷି ବାଲ୍ମୀକି କୃତ ରାମାୟଣର ଅଂଶ ନୁହେଁ ବୋଲି ସ୍ୱୀକାର କରାଯାଇପାରେ। ଉତ୍ତରାକାଣ୍ଡ ମହର୍ଷି ବାଲ୍ମୀକି କୃତ ରାମାୟଣର ଅଂଶ ନୁହେଁ ବୋଲି ଅନ୍ୟ ଏକ ତର୍କରୁ ମଧ୍ୟ ବୁଝାପଡ଼େ। ବାଲ୍ମୀକି ରାମାୟଣର ଯୁଦ୍ଧକାଣ୍ଡରେ ଉଲ୍ଲେଖ ରହିଛି ଯେ, ଶ୍ରୀରାମ ନିଜ ଅନୁଜଙ୍କୁ ଉତ୍ତରାଧିକାରୀ ଭାବେ ଚୟନ କରିଥିଲେ। ଯଦି ଲବ କୁଶ ତାଙ୍କର ପୁତ୍ର ତେବେ ସେ ତାଙ୍କ ଅନୁଜଙ୍କୁ ଉତ୍ତରାଧିକାରୀ ଚୟନ କରିଥିଲେ କାହିଁକି?

ଉତ୍ତରକାଣ୍ଡ ମହର୍ଷି ବାଲ୍ମୀକି କୃତ ରାମାୟଣର ଅଂଶ ନହୋଇଥିବାର ଅନ୍ୟ ଏକ ତର୍କ ବା ତଥ୍ୟକୁ ଧ୍ୟାନ ଦେବା ଉଚିତ୍। ରାମାୟଣର ହେଉଛି ଏକ ଚରିତ୍ର ମହାକାବ୍ୟ। ଏଥିରେ ମହାନାୟକ ରୂପରେ ରେଖାଙ୍କିତ କରାଯାଇଥାଏ। ଏଭଳି ଚିତ୍ରଣ କରାଯାଇଥାଏ, ଯେଉଁଥିରେ ନାୟକର ବ୍ୟକ୍ତିତ୍ୱ ବାବଦରେ ଅଧିକ ବର୍ଣ୍ଣନା ଥାଏ। ନାୟକର ବ୍ୟକ୍ତିତ୍ୱ ଆଦରଣୀୟ ହେବା ଭଳି ଚିତ୍ରଣ କରାଯାଏ। ଏଥିପାଇଁ ବର୍ଣ୍ଣନାବେଳେ ରଙ୍ଗ, ରସ, ରୂପକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ମହର୍ଷି ବାଲ୍ମୀକି ୬ କାଣ୍ଡରେ ଯଥାର୍ଥ ଜୀବନକୁ ଗରିମାମୟ କରିଥିବା ଏବଂ ଆଚରଣୀୟ ବିଧିରେ ଜୀବନ ଜିଇଁବାର ଅପ୍ରତିମ ବ୍ୟକ୍ତିତ୍ୱ ଶ୍ରୀରାମଙ୍କର ଯେଉଁ ଜୀବନବୃତାନ୍ତ ଲେଖିଛନ୍ତି ତାହା ଜଣେ ସଫଳ ନାୟକର ଜୀବନ ଚରିତ୍ର ଅଟେ। କିନ୍ତୁ ଉତ୍ତରକାଣ୍ଡରେ ଯେଉଁ ଘଟଣାସବୁକୁ ନେଇ ଶ୍ରୀରାମଙ୍କୁ ଚିତ୍ରିତ କରିଛନ୍ତି ସେଥିରୁ ସ୍ପଷ୍ଟ ଯେ ଭାରତର ସନାତନ ଚିନ୍ତନ ସମକ୍ଷରେ ତାଙ୍କୁ ନିତାନ୍ତ ହେୟ ରୂପରେ ପ୍ରସ୍ତୁତ କରିଛନ୍ତି। ଏଥିରୁ ଜଣାପଡ଼େ ଯେ, ଉତ୍ତରକାଣ୍ଡ ସହ ମହର୍ଷି ବାଲ୍ମୀକିଙ୍କର ନା ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କର କିଛି ନେଣ-ଦେଣ ରହିଛି।

କେହି ଯଦି ବାଲ୍ମୀକି ରାମାୟଣର ଉତ୍ତରକାଣ୍ଡ ପଢ଼ିଥିବେ ବା ପଢ଼ିବେ ତେବେ ଜଣାପଡ଼ିବ ଯେ, ଉତ୍ତରକାଣ୍ଡରେ ଯାହାସବୁ ଉଲ୍ଲେଖ କରାଯାଇଛି ସେ ସବୁ ଏକ ସ୍ୱତନ୍ତ୍ର କୃତି ହୋଇପାରେ, କାରଣ ଉତ୍ତରକାଣ୍ଡ ବିଷୟ ଏବଂ ରାମାୟଣର ପୂର୍ବ କାଣ୍ଡମାନଙ୍କରେ ବର୍ଣ୍ଣିତ ଘଟଣାବଳୀ ସମ୍ପର୍କରେ କୌଣସି ସିଧା ସମ୍ପର୍କ ନାହିଁ ବରଂ ଅନେକ କ୍ଷେତ୍ରରେ ବିରୋଧାଭାଷର ସ୍ଥିତି ସୃଷ୍ଟି ହେଉଛି। ଉଦାହରଣ ଭାବେ କୁହାଯାଇପାରେ ଯେ, ଯୁଦ୍ଧକାଣ୍ଡରେ ଶ୍ରୀରାମଙ୍କ ଶାସନ କାଳରେ କୌଣସି ପ୍ରକାରର କଳହ ଆଦି ନଥିଲା ବୋଲି ଉଲ୍ଲେଖ ରହିଛି। କିନ୍ତୁ ଉତ୍ତରକାଣ୍ଡରେ ଶ୍ରୀରାମ ଏବଂ ମାତା ସୀତାଙ୍କ ସମ୍ପର୍କକୁ ନେଇ ସାଧାରଣ ଲୋକଙ୍କ ମନରେ ଅସାମଞ୍ଜସ୍ୟ ରହିଛି। ଯୁଦ୍ଧକାଣ୍ଡରେ ରାମରାଜ୍ୟର ସଜୀବ ଚିତ୍ରଣ କରିଥିବା ମହର୍ଷି ବାଲ୍ମୀକି ଉତ୍ତରକାଣ୍ଡରେ କେଉଁ ପରିସ୍ଥିତିରେ ଶ୍ରୀରାମଙ୍କ ରାଜକାର୍ଯ୍ୟ ବିଷୟରେ ଜନାପବାଦର ସ୍ମୃତିକୁ ରେଖାଙ୍କିତ କରିଛନ୍ତି ଓ ଜନାପବାଦରୁ ବର୍ତ୍ତିବା ପାଇଁ ଶ୍ରୀରାମ ନିଜର ପତ୍ନୀ ମାତା ସୀତାଙ୍କୁ ପରିତ୍ୟାଗ କରିଛନ୍ତି ଓ ଶମ୍ବୁକର ହତ୍ୟା କରିଛନ୍ତି ବୋଲି ଉଲ୍ଲେଖ କରିଛନ୍ତି। ଏସବୁ ଆମଭଳି ସାଧାରଣ ଲୋକଙ୍କ ଜ୍ଞାନ ପରିସରର ବାହାରେ।

ବାସ୍ତବିକତା ହେଉଛି ମହର୍ଷି ବାଲ୍ମୀକି ଯେଉଁ ଶ୍ରୀରାମଙ୍କ କଥା ଉଲ୍ଲେଖ କରିଛନ୍ତ ସେ ହେଉଛନ୍ତି ଜୀବନରେ ସୁଖ-ଦୁଃଖକୁ ଜଣେ ସାଧାରଣ ମନୁଷ୍ୟ ଭଳି ଅନୁଭବ କରିଥିବା ବ୍ୟକ୍ତି। ସେ ଥିଲେ ଜଣେ ଯୋଗ୍ୟ ପୁତ୍ର, ଭରଷାଯୋଗ୍ୟ ପତି, ରାଜା ଆଜ୍ଞା ପାଳକ ନାଗରିକ ଏବଂ ଜଣେ କୁଶଳ ରଣନୀତିକାର। ସେ ମିତ୍ରତାର ମୂଲ୍ୟ ବୁଝିଥିଲେ ଏବଂ ମିତ୍ରତାର ମୂଲ୍ୟ ବୁଝାଇବା ମଧ୍ୟ ଜାଣିଥିଲେ। ସେ ବିଜୟ ପାଇଁ ରଣଭୂମିକୁ ଓହ୍ଲାଇଥିଲେ। ଯୁଦ୍ଧର ନୈତିକତାକୁ ନୂଆ ଢ଼ଙ୍ଗରେ ବୁଝାଇବାର ପ୍ରୟାସ କରିଥିଲେ। ଯୁଦ୍ଧରେ ଜିଣିବା ପାଇଁ ପଛକୁ ହଟିବାକୁ ପଡ଼ିଲେ ହଟିଯିବା, ଛଳ କପଟ କରିବାକୁ ପଡ଼ିଲେ କରିବା ଉଚିତ୍ ବୋଲି ବୁଝାଇ ଦେଇଥିଲେ।

ମହର୍ଷି ବାଲ୍ମୀକି ଶ୍ରୀରାମଙ୍କ ବ୍ୟକ୍ତିତ୍ୱ ତଥା ତାଙ୍କ ଗୁଣର ମୂଲ୍ୟାଙ୍କନ କରିଛନ୍ତି। ଶ୍ରୀରାମ ନିଷାଦରାଜାଙ୍କୁ ଆଲିଙ୍ଗନ କରିଥିଲେ ଓ ଆତତାୟୀ ବ୍ରାହ୍ମଣ ବଂଶଜ ରାବଣର ବିନାଶ କରିଥିଲେ। ଶବରୀଠାରୁ ଅଇଁଠା କୋଳି ମଧ ଖାଇଥିଲେ ମହର୍ଷି ବାଲ୍ମୀକିଙ୍କ ରାମାୟଣର ନାୟକ ଶ୍ରୀରାମ। ମହର୍ଷି ବାଲ୍ମୀକି ସେଇ ଶ୍ରୀରାମଙ୍କୁ ଛାଡ଼ ଅନ୍ୟ ଶ୍ରୀରାମଙ୍କୁ ଜାଣିନଥିଲେ। ବସ୍ତୁତଃ କୌଣସି ବି ଲେଖା ବା ରଚନା ଯାହା ନାମରେ ଲେଖାଯାଇଥାଏ ସେଇ ଲେଖାର ପ୍ରକୃତ ଲେଖକ ସିଏ ହୋଇପାରନ୍ତି ବୋଲି ମଧ କୁହାଯାଇପାରିବ ନାହିଁ। ରାମାୟଣର ଉତ୍ତରକାଣ୍ଡ ଯଦିଓ ମହର୍ଷି ବାଲ୍ମୀକି ଲେଖିଛନ୍ତି ବୋଲି କୁହାଯାଇଛି, ପରନ୍ତୁ ତାହା ବାସ୍ତବିକ୍ ରୂପରେ ତାଙ୍କର ରଚନାର ଅଂଶ ନୁହଁ। କାରଣ ହେଉଛି ବାଳକାଣ୍ଡ ଠାରୁ ଯୁଦ୍ଧକାଣ୍ଡ ପର୍ଯ୍ୟନ୍ତ ମହର୍ଷି ବାଲ୍ମୀକି ଶ୍ରୀରାମଙ୍କୁ ଯେଭଳି ଚିତ୍ରଣ କରିଛନ୍ତି ସେହି ଚିତ୍ର ଉତ୍ତରକାଣ୍ଡରେ ନାହିଁ। ଏଣୁ ଉତ୍ତରକାଣ୍ଡ ମହର୍ଷିଙ୍କ କୃତି ନହୋଇ ଅନ୍ୟ କାହାରି କୃତି ହେଇପାରେ ଯିଏ ନିଜର ନାମ ଉଜାଗର କରିବାକୁ ଚାହୁଁନଥିଲେ। ସେହି କୃତି ବା ରଚନାକୁ ଅତ୍ୟନ୍ତ ସାବଧାନର ସହ ମହର୍ଷି ବାଲ୍ମୀକି କୃତ ରାମାୟଣରର ୭ମ କାଣ୍ଡ ଭାବେ ଯୋଡ଼ିଦିଆଯାଇଛି। ଶ୍ରୀମଦ୍ ବାଲ୍ମୀକି ରାମାୟଣର ବାଳକାଣ୍ଡର ୫ମ ସର୍ଗର ୫ମ ଶ୍ଳୋକଠାରୁ ଯୁଦ୍ଧକାଣ୍ଡର ଅନ୍ତିମ ସର୍ଗ ଅର୍ଥାତ୍ ୧୨୮ତମ ସର୍ଗର ୧୦୬ ଶ୍ଳୋକ ପର୍ଯ୍ୟନ୍ତ ପଢ଼ିଲେ ବୁଝିହେବ ଯେ ଉତ୍ତରକାଣ୍ଡ ସମ୍ପୂର୍ଣ୍ଣ ଭାବେ ଭିନ୍ନ। ଏଥିରେ ଅତ୍ୟନ୍ତ ଚତୁରତାର ସହ ଶ୍ରୀରାମଙ୍କ ବ୍ୟକ୍ତିତ୍ୱ ଯାହା ମହର୍ଷି ବାଲ୍ମୀକି ପୂର୍ବ କାଣ୍ଡମାନଙ୍କରେ ଚିତ୍ରଣ କରିଥିଲେ ତାକୁ ବିଗାଡ଼ିବାକୁ ତଥା ସମାଜକୁ ବାଣ୍ଟିବା ବା ଭାଗ ଭାଗ କରିବା ପାଇଁ କୁତ୍ସିତ ମାନସିକତାରେ ରଚନା କରାଯାଇଥିବା କୃତି (ଲେଖା) ଅଟେ ଏବଂ ଏଥିରେ ଏକ ବର୍ଗ ବିଶେଷ ପ୍ରତି ଦୁର୍ବ୍ୟବହାର କରିବା ପାଇଁ ଶାସ୍ତ୍ରୀୟ ଆଧାର ଚାପରେ ପ୍ରଯୁକ୍ତ କରିବାର ନୀତି ଅନୁସାରେ ବାଲ୍ମୀକି ରାମାୟଣର ଅଂଶ ଭାବେ ଯୋଡ଼ିଦିଆଯାଇଛି। ଏହି କୃତି (କାର୍ଯ୍ୟ) ଗୋଟିଏ ପଟରେ ଶ୍ରୀରାମଙ୍କ ବ୍ୟକ୍ତିତ୍ୱ ପ୍ରତି ଅନ୍ୟାୟ ଏବଂ ଅନ୍ୟ ପକ୍ଷରେ ମହର୍ଷି ବାଲ୍ମୀକିଙ୍କ ପ୍ରତି ବିଶ୍ୱାସଘାତ ମଧ୍ୟ। ରାମ ନାମକୁ ଜପି ମହର୍ଷି ହୋଇଥିବା ବାଲ୍ମୀକି ରାମଙ୍କ ବ୍ୟକ୍ତିତ୍ୱକୁ ବିଗାଡ଼ି ପାରିବେ କେମିତି?

> ମହର୍ଷି ବାଲ୍ମୀକି ଶ୍ରୀରାମଙ୍କ ବ୍ୟକ୍ତିତ୍ୱ ତଥା ତାଙ୍କ ଗୁଣର ମୂଲ୍ୟାଙ୍କନ କରିଛନ୍ତି। ଶ୍ରୀରାମ ନିଷାଦରାଜାଙ୍କୁ ଆଲିଙ୍ଗନ କରିଥିଲେ ଓ ଆତତାୟୀ ବ୍ରାହ୍ମଣ ବଂଶଜ ରାବଣର ବିନାଶ କରିଥିଲେ। ଶବରୀଠାରୁ ଅଇଁଠା କୋଳି ମଧ ଖାଇଥିଲେ ମହର୍ଷି ବାଲ୍ମୀକିଙ୍କ ରାମାୟଣର ନାୟକ ଶ୍ରୀରାମ। ମହର୍ଷି ବାଲ୍ମୀକି ସେଇ ଶ୍ରୀରାମଙ୍କୁ ଛାଡ଼ ଅନ୍ୟ ଶ୍ରୀରାମଙ୍କୁ ଜାଣିନଥିଲେ। ବସ୍ତୁତଃ କୌଣସି ବି ଲେଖା ବା ରଚନା ଯାହା ନାମରେ ଲେଖାଯାଇଥାଏ ସେଇ ଲେଖାର ପ୍ରକୃତ ଲେଖକ ସିଏ ହୋଇପାରନ୍ତି ବୋଲି ମଧ କୁହାଯାଇପାରିବ ନାହିଁ।

ଆମେ ଯଦି ସନାତନ ସଂସ୍କୃତିରେ ଶ୍ରୀରାମଙ୍କ ବାବଦରେ କିଛି ଜାଣିବାକୁ ଚାହିଁବା ବା ଶ୍ରୀରାମ ହେବାର ଅର୍ଥକୁ ବୁଝିବାକୁ ଚାହିଁବା ତେବେ ଗୋଟିଏ ମାତ୍ର ସ୍ରୋତ ହେଉଛି ମହର୍ଷି ବାଲ୍ମୀକି କୃତ ରାମାୟଣ ଏବଂ ସେହି ବାଲ୍ମୀକି କୃତ ରାମାୟଣ ଯାହାର କିମ୍ବଦନ୍ତୀ ସହ କୌଣସି ସମ୍ପର୍କ ନଥିବ। ଏଭଳି ସ୍ଥିତିରେ ଅମେ ମହର୍ଷି ବାଲ୍ମୀକିଙ୍କ ବାବଦରେ ଥିବା କିମ୍ବଦନ୍ତୀକୁ ଦୂରେଇ ଦେବାକୁ ପଡ଼ିବ ଯେ ସିଏ ପୂର୍ବରୁ ଦସ୍ୟୁଥିଲେ। ସେ ତ୍ରିକାଳଦର୍ଶୀ ଥିଲେ, ସେ ଶ୍ରୀରାମଙ୍କ ପୁତ୍ର ଲବ ଏବଂ କୁଶଙ୍କୁ ପାଳିଥିଲେ। ବାସ୍ତବିକତା ହେଉଛି ମହର୍ଷି ଦସ୍ୟୁ ନଥିଲେ। ସେ ପୂର୍ବରୁ ଦସ୍ୟୁ ରତ୍ନାକରରୁ ବାଲ୍ମୀକି ହୋଇଥିଲେ ବୋଲି କିମ୍ବଦନ୍ତୀ ରହିଛି କିନ୍ତୁ ସେ ଜଣେ ସ୍ମରଣୀୟ କବି ଥିଲେ ଯାହାର ସାକ୍ଷୀ ହେଉଛି ତାଙ୍କରି କୃତ ରାମାୟଣ। ସେ ସଂସ୍କୃତ ଭାଷାର ଆଦିକବି ଥିଲେ ଏବଂ ପ୍ରଭୁ ଶ୍ରୀରାମ ତାଙ୍କର ରାମାୟଣ ଲେଖାବେଳକୁ ଭୂତକାଳର ବିଷୟ ହୋଇସାରିଥିଲେ। ଶ୍ରୀରାମଙ୍କ ବାବଦରେ ଯେଉଁ ଜନଶ୍ରୁତି ଥିଲା ତାକୁ ସେ କାବ୍ୟ ରୂପରେ ପ୍ରସ୍ତୁତ କରିଥିଲେ ବୋଲି କୁହାଯାଇପାରେ। ଶ୍ରୀରାମ ମହର୍ଷି ବାଲ୍ମୀକିଙ୍କ ପାଇଁ ଥିଲେ ଜଣେ ଆଦର୍ଶ ବ୍ୟକ୍ତିତ୍ୱ ଯାହାର ଜୀବନ ଚରିତ୍ରକୁ ଅନୁକରଣୀୟ ଜୀବନ ଚରିତ୍ର ଭାବେ ପ୍ରସ୍ତୁତ କରିଥିଲେ ବାଲ୍ମୀକି। ତାଙ୍କ କୃତି ମାନବ ସମାଜର ଆଗାମୀ ପିଢ଼ୀଙ୍କ ପାଇଁ ଅନୁକରଣୀୟ ଜୀବନ ପଦ୍ଧତିର ମାର୍ଗଦର୍ଶାଇବାରେ ସହାୟକ ନିଶ୍ଚୟ।


ରାମଚନ୍ଦ୍ରପୁର, ରଣପୁର

ମୋ-୯୪୩୮୪୮୫୦୯୪


# କର୍ମ ଓ କର୍ମଫଳ ଦାତା



## ଅନୀତା ପଟ୍ଟନାୟକ

ଆଜି ଜଗନ୍ନାଥ ମନ୍ଦିରର ଚର୍ତୁପାର୍ଶ୍ୱ ଓ ପୁରୀ ସହରକୁ ଏକ ନବ ବଧୂପରି ସଜା ଯାଇଥାଏ। ଶ୍ରୀ ନାମ୍ନୀ ଏକ ମହିଳା ପୁରୀର ସୌନ୍ଦର୍ଯ୍ୟକୁ ଦେଖି ଅଭିଭୂତ ହୋଇପଡ଼ିଥାନ୍ତି। ଜଗନ୍ନାଥ ମନ୍ଦିର ପରିକ୍ରମା ପ୍ରକଳ୍ପକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିବା ପାଇଁ ଆସୁଥିବାରୁ ଖୁବ ଜନଗହଳି ଦେଖାଦେଇଥାଏ। ସୁରକ୍ଷା ଦୃଷ୍ଟିକୋଣରୁ ପୁରୀ ଶ୍ରୀ ମନ୍ଦିର ଓ ସହର ପୋଲିସ ଛାଉଣୀରେ ପରିଣତ ହୋଇଥାଏ। ଦୂରଦର୍ଶନ ଜରିଆରେ ପରିକ୍ରମା ପ୍ରକଳ୍ପର ଶୁଭାରମ୍ଭକୁ ଦେଖିବା ପାଇଁ ବିଭିନ୍ନ ସ୍ଥାନରେ ଟିଭିର ବ୍ୟବସ୍ଥା କରାଯାଇଥାଏ।

ଶ୍ରୀ ଦେଖିଲା ଏକ ସାକ୍ଷାତକାରରେ ଦିବ୍ୟସିଂହଦେବ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ସହିତ ତାଙ୍କୁ ଖୁବ ପ୍ରଶଂସା କରୁଥିଲେ। ଟିଭି ଚ୍ୟାନେଲ ଗୁଡ଼ିକ ୫ଟି ସଚିବ ଭି.କେ.ପାଣ୍ଡିଆନଙ୍କୁ ଖୁବ ଶ୍ରେୟ ଦେଉଥାନ୍ତି। ପୁରୀର ଅଭୂତପୂର୍ବ ସାଜସଜା ଶୃଙ୍ଖଳା, ଦର୍ଶନାର୍ଥୀଙ୍କ ପାଇଁ ହୋଇଥିବା ଆୟୋଜନ ପାଇଁ ସରକାରଙ୍କ ସେବାକୁ ଜନସାଧାରଣ, ଖୁବ ପ୍ରଶଂସା କରୁଥିଲେ। ଶ୍ରୀ ପାନ୍ଥଶାଳାରେ ଶୋଇଥିବା ସମୟରେ ଜଗନ୍ନାଥଙ୍କୁ ସ୍ୱପ୍ନରେ ଦେଖିଲା। ପୁରୀର ସାଜସଜା, ପରିକ୍ରମା ପ୍ରକଳ୍ପ, ପତିତ ମାନଙ୍କ ସାଜସଜା ଓ ତିନି ବିଗ୍ରହଙ୍କର ସାଜସଜା ବିଷୟରେ ଦିନସାରା ଭାବି ଥିବାରୁ ଶ୍ରୀ ଏପରି ଏକ ସ୍ୱପ୍ନ ଦେଖିଥିଲା ବୋଲି ଅନୁମାନ କଲା। ସେ ସ୍ୱପ୍ନରେ ଦେଖିଥିଲା ଜଗନ୍ନାଥ ତାକୁ କହୁଛନ୍ତି ପ୍ରେମର ସହ ଯେଉଁ କର୍ତ୍ତ୍ୟ କରାଯାଏ ତାହା କରଣୀୟ। ସେ କର୍ତ୍ତବ୍ୟକୁ ଆମେ ଭଲ କାମ ବୋଲି ଭାବିପାରିବା। ଏକଥା ସେ କହିଛନ୍ତି କି ନାହିଁ ଶ୍ରୀ ସ୍ୱପ୍ନରେ ଦେଖିଲା ବଡ଼ଭାଇ ବଳଭଦ୍ର କହୁଛନ୍ତି। ଶ୍ରୀ ତୁମେ ଆଜି ମନେରଖ ପ୍ରେମ ବିରହିତ କର୍ମ ସର୍ବଦା ବର୍ଜନୀୟ ପ୍ରେମ ବିରହିତ କର୍ମକୁ ଭୁଲକର୍ମ ବା ଖରାପ କାମ ବୋଲି ଧରାଯାଏ। ଶ୍ରୀ ଦେଖିଲା ମା'ସୁଭଦ୍ରା ତାର ମୁଣ୍ଡକୁ ଆଉଁଷି ଦେଇ କହୁଛନ୍ତି ନିଜର କୌଣସି ସ୍ୱାର୍ଥନଥାଇ ଅନ୍ୟର ମଙ୍ଗଳ ପାଇଁ ଯେଉଁ କର୍ମ କରାଯାଏ ତାହା ଦିବ୍ୟକର୍ମ। ଏପରି କାର୍ଯ୍ୟ ସଂପାଦନ କଲେ ଦିବ୍ୟ ଆଶୀଷ ମିଳେ।

ଶ୍ରୀ ସ୍ୱପ୍ନରେ ଦେଖିଲା ତିନି ଠାକୁର ଏପରି କହି ହସ ହସ ମୁହଁରେ ତାକୁ ଚାହିଁଛନ୍ତି। ଶ୍ରୀ ପଚାରିଲା ଆପଣମାନେ କଣ କହିବାକୁ ଚାହୁଁଛନ୍ତି ଯେ କର୍ମ ତିନି ପ୍ରକାରର। ଯଥା ଭଲ କର୍ମ, ମନ୍ଦକର୍ମ ଓ ଦିବ୍ୟ କର୍ମ। ଏହା ବିଜ୍ଞାନ ସମ୍ମତ ଯେ କର୍ମ ଅନୁଯାୟୀ ଫଳପ୍ରାପ୍ତି ହୋଇଥାଏ। କଦଳୀ ଗଛ ପୋତି ସେଥିରେ ପିଜୁଳି ଫଳ ଆଶା କରାଯାଇପାରେ ନା। ଶ୍ରୀ ସ୍ୱପ୍ନରେ ଦେଖିଲା ବଳଭଦ୍ର କହୁଛନ୍ତି ତୁମେ ଠିକ କହିଛ ଶ୍ରୀ ଭଲ କାମର ଭଲଫଳ ମିଳେ। ଖରାପ କର୍ମର ଖରାପ ଫଳ ମିଳେ ଓ ଦିବ୍ୟ କାର୍ଯ୍ୟରେ ଦିବ୍ୟଫଳ ମିଳେ। ଜଗନ୍ନାଥ ଶ୍ରୀକୁ କହିଲେ ଲୋକମାନେ ମତେ ଅଯଥାରେ ନିନ୍ଦା କରନ୍ତି ସେମାନେ ଜନ୍ମ ଜନ୍ମାନ୍ତରର କର୍ମର ଫଳକୁ ଭୋଗ କରୁଥିବା ସମୟରେ ମିଛରେ ମତେ ନିନ୍ଦନ୍ତି ଓ ଗାଳି ଦିଅନ୍ତି। ମାତା ସୁଭଦ୍ରା କହିଲେ ଏଠାକୁ ତ ଅନେକ ଭକ୍ତ ଆସୁଛନ୍ତି ହେଲେ ସେମାନେ ନିଜ ବିଷୟରେ ସଚେତନ ନୁହଁନ୍ତି। ସେମାନେ କର୍ମ ନକରି ଫଳ ଆଶା କରୁଛନ୍ତି। ଜଣେ ମନୁଷ୍ୟ ପ୍ରତିଦିନ ଚିନ୍ତା କରିବା ଉଚିତ ଯେ ସେ କେତୋଟି ଭଲ କାମ, କେତୋଟି ମନ୍ଦକାମ ଓ କେତୋଟି ଦିବ୍ୟକର୍ମ କରିଛି।

ଆଜି ଯେଉଁ ଜଗନ୍ନାଥ ପ୍ରକଳ୍ପ ଓ ପୁରୀ ସହରର ସାଜସଜାକୁ ଦେଖି ତୁ ଗଜପତି, ଅଗଣିତ ଭକ୍ତ ମୋର ପ୍ରଶଂସକ ଅଭିଭୂତ ହେଉଛ ଏହା ଏକ ଦିବ୍ୟକର୍ମ। ଏଥିରେ କୌଣସି ସ୍ୱାର୍ଥ ଜଡ଼ିତ ନଥିବାରୁ ମୋ ପ୍ରତି ଉତ୍ସର୍ଗୀକୃତ ହୋଇଥିବାରୁ ଏହା ଭଲକାମ ନୁହେଁ କି ମନ୍ଦ କାର୍ଯ୍ୟ ନୁହେଁ ଏହା ଦିବ୍ୟକାର୍ଯ୍ୟ ସହ ତୁଳନୀୟ । ଶ୍ରୀ ନିଜର ଅତୀତ କର୍ମ ବିଷୟରେ ଚିନ୍ତାକରି ଦୁଃଖିତ ହେଲା। ଜୀବନର ଅନେକ ସମୟ କେବଳ ଭଲକାର୍ଯ୍ୟ ଓ ମନ୍ଦ କାର୍ଯ୍ୟରେ ସାରିଦେଇଥିବାରୁ ଅନୁତପ୍ତ ହେଲା ଏହି କିଛି ଦିନ ହେବ। ଦିଅଁଙ୍କ ଆଗରେ ବସି ସେ ଧ୍ୟାନ କରୁଛି। ମଙ୍ଗଳ ଆଳତୀ ଦେଖିବା ପାଇଁ ଧାଇଁ ଆସୁଛି। ନିଜେ ନଖାଇ ଆନନ୍ଦ ବଜାରରେ ସେ ଧରିଥିବା ଖାଦ୍ୟକୁ ଅନ୍ୟ କେହି ମାଗିଲେ ଦେଇ ପାରୁଛି। କିଛିଟା ବସ୍ତ୍ର ସେ ଦୁଃଖିରଙ୍କିଙ୍କୁ ଦେଇ ପାରିଛି କିନ୍ତୁ ଏତିକି ସ୍ୱାର୍ଥବିରହିତ ପ୍ରେମଯୁକ୍ତ କର୍ତ୍ତବ୍ୟ କଣ ଭଗବାନଙ୍କୁ ପାଇବା ପାଇଁ ଯଥେଷ୍ଟ? ସେ ସ୍ୱପ୍ନରେ ଦେଖୁଛି ତିନି ଠାକୁର କହୁଛନ୍ତି ତାହା ଯଥେଷ୍ଟ ନଥିଲେ ଆମେ ତୋ ସ୍ୱପ୍ନରେ ଆସିନଥାନ୍ତୁ। ଏପରି କର୍ମକୁ ତୁ ତୋର ଜୀବନର ବ୍ରତ ଭାବେ ଗ୍ରହଣ କର। ଶ୍ରୀର ସ୍ୱପ୍ନ ଭାଙ୍ଗିଗଲା। ସନ୍ଧ୍ୟା ଆଳତୀର ସମୟ ହୋଇଯାଇ ଥିବାରୁ ସେ ତର ତର ହୋଇ ପାନ୍ଥଶାଳାରୁ ବାହାରି ଆସିଲା।


ଅବସରପ୍ରାପ୍ତ ପ୍ରଧାପିକା,

ସେକ୍ଟର-୧୦, ସିଡିଏ, କଟକ

ମୋ: ୯୬୯୨୯୮୦୦୨୬





## ଶବ୍ଦ

### କୀର୍ତ୍ତନ ସାହୁ

ଶବ୍ଦର କୋମଳ ତୂଳୀକାରେ
ଦରୋଟି ଓଠ ଆଙ୍କିପାରେ
ମନୋରମ ଘର
ହୃଦୟ ଇଲାକାରେ
ମିଠା ମିଠା ଭାବ ଲେପି
ଜିଣିପାରେ ରୁକ୍ଷ ମରୁଦ୍ୟାନ

ଶବ୍ଦର ସତ୍ୟବାଦିତାରେ
ସୃଷ୍ଟି ହେଇ ପାରେ
ଏକ ଶ୍ରେଷ୍ଠ କାବ୍ୟ
ଗଢ଼ି ହେଇ ପାରେ
ଏକ ଶକ୍ତିଶାଳୀ ମାନଚିତ୍ର

ଶବ୍ଦର ସମ୍ମୋହନରେ
ଶତ୍ରୁକୁ ବି ଆପଣେଇ ହୁଏ
ଭଲ ପାଇବାର ରଙ୍ଗ
ଲେପି ଦେଇ ହୁଏ
ଦେହ ସାରା
ବାନ୍ଧି ରଖି ହୁଏ
ଆପଣା ଛାତିରେ

ଜହ୍ନର ଜ୍ୟୋତ୍ସ୍ନାରେ
ମଧୁର ଭାବ ଉକୁଟି ଉଠେ
ପ୍ରୀତିବୋଳା ଶବ୍ଦରେ
ରାତି ପାହି ଦିନ ହୁଏ
ସ୍ୱପ୍ନ ସବୁ ଅପସରି ଯାଏ
ମିଠା ମିଠା ଭାବ
ଲାଖି ରହି ଥାଏ
କୋଇଲିର କଣ୍ଠ ସ୍ୱନ
ଦୂରରୁ ଭାସି ଆସୁଥାଏ

ଶବ୍ଦର ରଙ୍ଗରେ ରଙ୍ଗେଇ ହୁଏ
ସାରା ଆକାଶ
କେତେବେଳେ ସଫେଦ
ଆକାଶ ତ କେତେବେଳେ
କଳାହାଣ୍ଡିଆ ମେଘ
ପୁଣି କେତେବେଳେ ନୀଳ ରଙ୍ଗ
ବୋଲି ହେଇ ଯାଏ

ଶବ୍ଦ ଶକ୍ତିମୟ ହୋଇ
ହୁଏ ସୂର୍ଯ୍ୟୋଦୟ
ଶକ୍ତିହୀନ ହେଲେ
ହୁଏ ସୂର୍ଯ୍ୟାସ୍ତ ।


ମିଶ୍ର କଲୋନୀ
ଶାଳ ପଡ଼ା, କେନ୍ଦୁଝର
ମୋ: ୯୪୩୮୪୧୪୭୦୧


## ଛାତି

### ଭରତ ଚନ୍ଦ୍ର ଦାଶ

ଛାତିରେ
ଛାତଟିଏ ଅଛିବୋଲି ତ
ଆଉଜି ବସିଛି
ଆଶ୍ରିତ ହୋଇ
ନିରାଶ୍ରୟର ଭଲ କ'ଣ
ନା ମନ୍ଦ କ'ଣ
ଛାତିରେ ଛାତର ଭ୍ରମ
ଅଛି ବୋଲି ତ ସେ
ସ୍ପର୍ଦ୍ଧିତ ଆସ୍ପର୍ଦ୍ଧାରେ
ସେ ଉତ୍ତରୀତ ଚିରକାଳ ।
ଛାତି ହିଁ ତ ପୁରୁଷର
ପୁରୁଷାକାର ପୌରୁଷ
ଦୁଃଖରେ ସେ
ସମ୍ଭାବନା ମଞ୍ଚ
ସ୍ୱପ୍ନରେ ସେ ଦଣ୍ଡାୟମାନ
ଯେମିତି ସୁଖ ଓ ସମୃଦ୍ଧିର
ପ୍ରତ୍ୟୟ ଓ ପରିଚୟ ତା'ର
ମୂଲ୍ୟବୋଧର ଏକ
ସ୍ପର୍ଦ୍ଧିତ ଉଚ୍ଚାରଣ ସେ।
ଛାତି ଉପରେ
ନଜର ପଡେ ସଭିଙ୍କର
କାହିଁକି ଏ ପ୍ରଶ୍ନର ଉତ୍ତର
କିଏ ବା ଜାଣିଛି କାହିଁ
କେବେ ତ କହିନାହିଁ କାହାକୁ ।
ବେଳେବେଳେ
ଅହଂକାର ଓ ଔଦ୍ଧତ୍ୟ
ରୂପେ ଫୁଲିଉଠେ ଛାତି
କାହାର ପଦାଘାତରେ ସେ
ନରମିଯାଏ ନମ୍ରତାରେ
ସଂଭ୍ରମତାରେ ସେ ସଂକୁଚିତ
ପଦାଘାତକୁ ସେ ଆଶୀର୍ବାଦ ମଣେ
ଛାତିରେ ଛାପ ସୃଷ୍ଟିକରେ
ଶ୍ରୀବତ୍ସର ପାଦଚିହ୍ନ ।
ପୁରୁଷର ପୌରୁଷ
ନାରୀର ଆକର୍ଷଣର
କେନ୍ଦ୍ରବିନ୍ଦୁ ରୂପେ
ସମ୍ମୋହନର ଶକ୍ତିକେନ୍ଦ୍ର
ପରମାନନ୍ଦର ପରିତୃପ୍ତି
ପୀୟୂଷର ଝର ପୁଣି ଗରଳ ନିର୍ଝର
ପ୍ରାଣଘାତିନୀ ପୁତୁନାଙ୍କ ପାଇଁ।
ଛାତି ଅଛିବୋଲି ତ
ଜୀବନଟିଏ ଅଛି
ବେଦନାର ଉପଚାର
ସମ୍ବେଦନଶୀଳତାର ମନ୍ତ୍ର
ଛାତିର ପ୍ରଣବ ଓଁକାର
ଛାତି ନଥିଲେ
ଜୀବନ ନଥାନ୍ତା
ଶୁଭୁଥାନ୍ତା ଛଳନା,
ପ୍ରପଞ୍ଚ ପ୍ରବଞ୍ଚନାର
ଶୂନ୍ୟ ହାହାକାର ।
ଛାତିର ଅନୁଭବ
ବେଶ୍ ସୂକ୍ଷ୍ମ ଓ ସ୍ଥୂଳର
ପ୍ରୀତି ଉପଚାର ।


ସଚିବ, ସୃଜନ ଶ୍ରୀକ୍ଷେତ୍ର,ମାର୍କୋଣା
ବାଲେଶ୍ୱର, ଓଡିଶା -୭୫୬ ୧୨୬
ମୋ: ୮୯୮୪୪୩୯୧୬୬



## ଓଡିଶାର ପରିଚୟ

### କାଳି ଦାସ

ଓଡିଆର ପ୍ରାଣର ପ୍ରତିମା
ଜଗତର ନାଥ ଜଗନ୍ନାଥ।
ମୋ ପୂର୍ବ ପୁରୁଷ
ଯାହାଙ୍କ ନାମ ବି ମୁଜାଣିନୀ
ତୋ ବଡ ଦେଉଳ ରେ ଠିଆ
ହୋଇଥିବେ
ତୋ ଆଖି ରେ ଆଖି ମିଳାଇ
ମାଗିଥିବେ ତୋର ଆଶୀର୍ବାଦ
ଆଗାମୀ ଦିନ ରେ ମୁ ଜାଣି ନଥିବା
ମୋର ନୂଆଁ ପିଢୀ ଜନ୍ମ ନେବେ
ଠିଆ ହେବେ ତୋହୋର ଦ୍ୱାର ରେ
ତୋ ଆଖିରେ ଆଖିକୁ ମିଶାଇ
ଆଶୀର୍ବାଦ ଭୀକ୍ଷାତ କରିବେ
କେଉଁ କାଳରୁ ତୁ ବାଣ୍ଟି ଆସିଛୁ
ଓଡିଶା ଭୂମି କୁ ଶାନ୍ତି ଓ
ସଦଭାବର ବାର୍ତ୍ତା
ସାଲବେଗର ମନଛୁଆଁ ଜଣାଣ
ଦାସିଆ ବାଉରୀର ନଡିଆ ଯାଚଣ
ସବୁ କିଛି ଲାଗେ ନୂଆଁ ନୂଆଁ ।

ତତେ ନେଇ ସୃଷ୍ଟି ହୁଏ ଓଡିଆ ସଙ୍ଗୀତ
ତତେ ନେଇ ଲେଖା ହୁଏ ଓଡିଆ
ସାହିତ୍ୟ
ଓଡିଆର ପ୍ରାଣର ପ୍ରତିମା
ଜଗତରନାଥ ଜଗନ୍ନାଥ
ଅନେକ ଆକୁଳ ଆଖି ମାଗେ ଭିକ୍ଷା
ତୋର କରୁଣାର
ଜୀବନ ବିତିଯାଏ ପ୍ରତୀକ୍ଷାରେ
ତୋର ଦର୍ଶନ
ବଡ ଦେଉଳର ବଡ ଠାକୁର
କୃପା ବର୍ଷା କର ବାରମ୍ବାର ।


ବ୍ରହ୍ମପୁର,
ଖୋଡ଼ାସିଙ୍ଗ କଳିଙ୍ଗନଗର ,
ମୋ: ୭୨୦୫୧୦୦୮୩୯



ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୪



ସିନ୍ଧୁ ସେନ୍

(ପୂର୍ବ ପ୍ରକାଶିତ ଉତ୍ତାରୁ)

କାହିଁକି ? କ'ଣ ପାଇଁ ? ଏ ପ୍ରଶ୍ନ ମୋତେ ବାରମ୍ବାର ବିଚଳିତ କରିଥିଲା। ପରେ ଜାଣିଲି, ମାତାମହ ଦୈତ୍ୟକୁଳରେ ଜନ୍ମ ନେଇଥିବାରୁ ରାକ୍ଷସ ପ୍ରବୃତ୍ତି ତାଙ୍କ ଠାରେ ରହିଥିଲା । ଆଉ ସେଇଥିପାଇଁ ସେ ଚାହୁଁଥିଲେ, ନାତି ତାଙ୍କରି ଗୁଣ ନେଇ ବଡ଼ ହେଉ । ଭବିଷ୍ୟତରେ ଶକ୍ତିଶାଳୀ ହୋଇ ସମଗ୍ର ରାକ୍ଷସକୁଳକୁ ଦିଗ୍‌ଦର୍ଶନ ଦେଉ ।

ପିତା ବ୍ରାହ୍ମଣ ମହର୍ଷି ବିଶ୍ରବା । ମାତା କିନ୍ତୁ ସୁମାଳୀ ଦୈତ୍ୟଙ୍କ କନ୍ୟା ନିକଷା । ମୋ ଧମନୀରେ ତେଣୁ ଉଭୟ ଆର୍ଯ୍ୟ ଓ ରାକ୍ଷସ ରକ୍ତଧାରା ପ୍ରବାହିତ । ଗୋଟିଏ ପଟେ ସଭ୍ୟ ଆର୍ଯ୍ୟ ଅନ୍ୟପଟେ ଦୁର୍ଦ୍ଦାନ୍ତ ରାକ୍ଷସ । ଦୁଇଟି ବିପରୀତ ଧାରା । ପିତୃପରିଚୟ ଦୃଷ୍ଟିକୋଣରୁ ବିଚାର କଲେ ମୁଁ ତ ବ୍ରାହ୍ମଣ ସନ୍ତାନ । ମାତ୍ର ପିଲାଟି ଦିନୁ ମୋ ଉପରେ ମୋର ମାତା ଓ ମାତାମହଙ୍କ ପ୍ରଭାବ ପଡ଼ିଛି । ମୋତେ ସେମାନଙ୍କ ପାଖରେ ହିଁ ରହିବାକୁ ପଡ଼ିଛି । ଏପରିକି ମୋ ପିତା ମଧ୍ୟ ମୋତେ କେବେ ସ୍ନେହଚକ୍ଷୁରେ ଦେଖିନାହାଁନ୍ତି। ଆଉ ଆର୍ଯ୍ୟମାନେ, ସେମାନେ ବା ମୋତେ କେମିତି ତାଙ୍କ ଗୋଷ୍ଠୀରେ ନେଇପାରିଥାନ୍ତେ । ଯେଉଁ ପୁତ୍ର ଆର୍ଯ୍ୟ ପିତାଙ୍କ ଔରସରୁ ଜନ୍ମିତ ଅଥଚ ରକ୍ତର ସନ୍ତାନକୁ ନିଜେ ପିତା ସ୍ନେହ ଦେବାରେ କାର୍ପଣ୍ୟ କରୁଛନ୍ତି । ସେଠି ମୋର ଆଉ କ'ଣ ଚାରା ଥିଲା । ମୁଁ ତ ବାଳୁତ ସନ୍ତାନଟିଏ । ମାତାମହ ତେଣୁ ଆମ ମାଆ ପୁଅକୁ ତାଙ୍କ ପକ୍ଷକୁ ନେଇ ଯାଇଥିଲେ । ଲାଳନ ପାଳନର ଭାର ନେଇଥିଲେ । ତାହା ମଧ୍ୟ ଥିଲା ମୋ ଜୀବନର ଏକ ଅଭୁଲା କାହାଣୀ । ପିଲାଦିନର ସେ ସବୁ ଘଟଣାବହୁଳ ଜୀବନ ପାଇଁ ଦାୟୀ କିଏ ? କାହିଁକି ମୋ ଉପରେ ଏମିତି ସବୁ ଘଟିଗଲା । ସେସବୁ କଥା ଭାବିଲେ ମୋତେ ମୋ ମାତୃକୁଳ ପିତୃକୁଳ ଉଭୟଙ୍କ ଉପରେ ଯେତିକି ଅଭିମାନ ଆସେ, ସେତିକି କ୍ରୋଧ ବି । ଭାବେ ମୋର ଏସବୁ ଜନ୍ମବୃତ୍ତାନ୍ତ ହିଁ ମୋତେ ରାକ୍ଷସ ପ୍ରବୃତ୍ତିକୁ ଆଦରି ନେବାରେ ସହାୟକ ହୋଇଥିଲା । ତାଛଡ଼ା ମୁଁ ତ ମୋର ରାକ୍ଷସୀ ମାଆଙ୍କ ସ୍ତନ୍ୟପାନ କରି ପରିପୁଷ୍ଟ ହୋଇଥିଲି । ତେଣୁ ରାକ୍ଷସୀ ମାଆଙ୍କ ସ୍ୱଭାବ ଚରିତ୍ର ମୋ ଉପରେ ନିଶ୍ଚିତ ଭାବରେ ପଡ଼ିଥିବ। ଏଥିରେ ଆଶ୍ଚର୍ଯ୍ୟ ହେବାର କ'ଣ ଅଛି ।

ପିତାମହଙ୍କ ବାସସ୍ଥଳୀ ଥିଲା ଶାକଦ୍ୱୀପରେ । ସେଇଠାରେ ହିଁ ରହୁଥାନ୍ତି ମୋର ମାତା ନିକଷା । ମାଆ ଆଉ ମାତାମହଙ୍କ ଠାରୁ ଶୁଣିଥିଲି, ମୋ ଜନ୍ମବେଳର କାହାଣୀ ।

କୁବେର, ମୋ ବିମାତାଙ୍କ ପୁତ୍ର । ମୋର ବଡ଼ଭାଇ । ପିତା ବିଶ୍ରବା ଋଷିଙ୍କ ପ୍ରିୟପୁତ୍ର । ଖାଲି କ'ଣ ସେତିକି ପିତାଙ୍କ ଆଶୀର୍ବାଦରୁ ସେ ଲଙ୍କାଗଡ଼ ଅଧିପତି । ପ୍ରତାପଶାଳୀ ରାଜା, ପିତାଙ୍କ ପ୍ରଭାବ ଫଳରେ ବିଷ୍ଣୁଙ୍କ ଆଶୀର୍ବାଦ ମଧ୍ୟ ରହିଥିଲା କୁବେରଙ୍କ ଉପରେ । ଲଙ୍କାଗଡ଼ରେ ନିଜର ଆଧିପତ୍ୟ ବିସ୍ତାର କରି ଶେଷରେ ମାତାମହଙ୍କୁ ଲଙ୍କାରୁ ବିତାଡ଼ିତ କରିଦେଇଥିଲେ । ଯେହେତୁ ଲଙ୍କାରେ ସେତେବେଳେ ରାକ୍ଷସ ମାନଙ୍କର ପ୍ରାଧାନ୍ୟ ନଥିଲା, ଥିଲା କେବଳ ଯକ୍ଷ ସଂସ୍କୃତି । ଯେଉଁ ସଂସ୍କୃତିରେ ଯଜ୍ଞର ପ୍ରଚଳନ ଥିଲା । ଯାହା ଆର୍ଯ୍ୟ ସଂସ୍କୃତିର ପରମ୍ପରା ମଧ୍ୟ ଥିଲା । ମାତ୍ର ରାକ୍ଷସ ସଂସ୍କୃତି ଏ ସବୁର ଥିଲେ ସଂପୂର୍ଣ୍ଣ ବିରୋଧୀ । ବାଧ୍ୟ ହୋଇ ମୋର ମାତାମହ ନିଜ ସପକ୍ଷରେ କେତେକ ରାକ୍ଷସ ମାନଙ୍କୁ ନେଇ ଏକ ନିରୋଳା ସ୍ଥାନରେ ଲୁଚି ରହିଥିଲେ । ମାତ୍ର ତାଙ୍କ ମନରେ ପ୍ରତିଶୋଧର ନିଆଁ ଜଳୁଥିଲା । ମନେମନେ ତେଣୁ ରାକ୍ଷସକୁଳକୁ କିପରି ବଳଶାଳୀ କରିପାରିବେବ ସେଇ ଚିନ୍ତାରେ ଥିଲେ । ସେଦିନ ଥିଲା ପୂର୍ଣ୍ଣମୀ ତିଥି । ଆକାଶରେ ତୋଫା ଜହ୍ନର ଜ୍ୟୋସ୍ନା ଝରିପଡୁଥିଲା । ନିର୍ଜନ ବେଳାଭୂମିର ବାଲିଶଯ୍ୟାରେ ବସି ମାଆ ଆଉ ମାତାମହ ପୂର୍ଣ୍ଣମୀ ଆକାଶର ସେଇ ଜ୍ୟୋସ୍ନାକୁ ଉପଭୋଗ କରୁଥିଲେ । ମାଆ ଥିଲେ ସେତେବେଳ କନ୍ୟା । ସେହି ବେଳାଭୂମି ଠାରୁ ଅଳ୍ପଦୂରରେ ପିତା ଏକାକୀ ରହୁଥିଲେ ଏକ ଆଶ୍ରମରେ । ନିଜର ଧ୍ୟାନ, ଜପତପ ପାଇଁ ପିତା ବୋଧେ ଏମିତି ଏକ ନିର୍ଜନ ସ୍ଥାନଟିକୁ ସାଧନାର ପୀଠ ରୂପେ ବାଛି ନେଇଥିଲେ ।

ପିତା ଓ ପୁତ୍ରୀ ଦୁହେଁ ନିରବରେ ବସିଥିବାବେଳେ ଅଦୂରରେ ଏକ ରଥ ବାଲି ମଧ୍ୟରେ ତଳକୁ ଓହ୍ଲାଇ ଆସେ । ତହିଁରୁ ଜଣେ ରାଜକୀୟ ଠାଣିରେ ଓହ୍ଲାଇ ପିତାଙ୍କ ଆଶ୍ରମ ଆଡ଼େ ଅଗ୍ରସର ହୁଅନ୍ତି । ମାତାମହଙ୍କ ନିକଟରେ ଏବେସବୁ କଥା ସ୍ୱଷ୍ଟ ହୋଇଯାଏ । ମାଆଙ୍କୁ ନେଇ ସେ ଅଦୂରରେ ଏକ ବୁଦା ଆଢୁଆଳରେ ଲୁଚିଯାଆନ୍ତି । ସବୁକିଛି ଲକ୍ଷ୍ୟ କରୁଥାନ୍ତି । ତାଙ୍କ ମନରେ ଉଙ୍କି ମାରୁଥିଲା କିଛି କଥା । ସେ ପୂର୍ବରୁ ମଧ୍ୟ ଜାଣିଥିଲେ ଲଙ୍କାର ରାଜା କୁବେର ପୁଷ୍ପକ ରଥରେ ଚଢ଼ି ଏମିତି ଏକ ପୂର୍ଣ୍ଣମୀ ତିଥିରେ ପ୍ରତିବର୍ଷ ତାଙ୍କ ପିତାଙ୍କୁ ସାକ୍ଷାତ ନିମନ୍ତେ ଆସିଥାନ୍ତି । ସେଦିନ ମଧ୍ୟ କୁବେରଙ୍କୁ ଦେଖି ତାଙ୍କ ମନରେ କ୍ରୋଧାଗ୍ନି ଆହୁରି ଜୋରରେ ପ୍ରଜ୍ୱଳିତ ହୋଇଗଲା । ଭୀଷଣ ପ୍ରତିଶୋଧ ପରାୟଣ ହୋଇ ଉଠିଲେ ସେ । ମାଆ କିନ୍ତୁ ଭୟରେ ମାତାମହଙ୍କ ପାଖରେ ଚୁପ୍‌ଚାପ୍ ବସିଥାନ୍ତି ।

ପୁଷ୍ପକ ରଥଟି ଉପରକୁ ଉଠି ଚାଲିଗଲା ପରେ, ମାତାମହଙ୍କ ମନରେ ଅନେକ ଅଭୀପ୍ସା ଉଙ୍କିମାରିଲା, ନିଜର ମନର କଥା ମାଆଙ୍କ ପାଖରେ ସେ ପ୍ରକାଶ କରିବାକୁ ମଧ୍ୟ କୁଣ୍ଠାବୋଧ କଲେନି । କହିଲେ ମାଆ ନିକଷା, କୁବେର ଆଜି ଏଇ ବିଶ୍ରବା ଋଷିଙ୍କୁ ପିତା ରୂପେ ପାଇ ଏତେ ବଳଶାଳୀ । ବିଶ୍ରବା ଋଷିଙ୍କର ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ସମ୍ମାନ ଅଛି । ତାଙ୍କ ଆଶୀର୍ବାଦ ମିଳିଲେ ଅନେକ ଅସମ୍ଭବ କାର୍ଯ୍ୟ ମଧ୍ୟ ସମ୍ଭବ ହୋଇପାରେ । ମୋ ମନକୁ ଗୋଟିଏ କଥା ଆସୁଛି, ତୁ ଚାହିଁଲେ ତାହା କରିପାରିବୁ ।

ମାଆ ବିସ୍ଫାରିତ ନୟନରେ ମାତାମହଙ୍କୁ ଚାହିଁ କହିଲେ ଏମିତି କି କଥା ବାପା ଯାହା ମୁଁ କରିପାରିବି ।

ହଁ ରେ ମାଆ ତୁ ହିଁ ପାରିବୁ ଆଉ ସେଥିରେ କେବଳ ତୋର ନୁହେଁ, ଆମ ସମସ୍ତଙ୍କର ମଂଗଳ ହେବ ।

ତୋତେ କେବଳ ଗୋଟିଏ କାମ କରିବାକୁ ପଡ଼ିବ । ଏବେ ତ ସନ୍ଧ୍ୟା ସମୟ। ଏ ସମୟରେ ବିଶ୍ରବା ଋଷି ପୂଜା କରନ୍ତି । ଆଉ ତୋତେ ତାଙ୍କ ପାଖକୁ ଯାଇ ତାଙ୍କ ପାଦତଳେ ପଡ଼ି ବର ମାଗିବାକୁ ପଡ଼ିବ । ସେ ଯେବେ ତୋ ପ୍ରାର୍ଥନାରେ ସନ୍ତୁଷ୍ଟ ହୋଇ ବର ଦେବାକୁ ଆଗେଇ ଆସିବେ । ତୁ ତାଙ୍କଠାରୁ ସନ୍ତାନ କାମନା କରିବୁ । ମୁଁ ଜାଣେ ସେ କେବେ ନିରାଶ କରିବେନି ।

ହେଲେ ବାପା, ସେ ଯେ ବ୍ରାହ୍ମଣ ସନ୍ତାନ। ଆଉ ମୁଁ ରାକ୍ଷସ କନ୍ୟା । ଏହା କେମିତି ସମ୍ଭବ ହେବ ବାପା... ଆରେ ବୋକି, ବୁଝୁନୁ କାହିଁକି, ତାଙ୍କରି ଔରସରୁ ଜାତ କୁବେର ଆଜି ତାଙ୍କରି ଦୟାରୁ ଏକାଧାରରେ ଧନପତି ପୁଣି ଲଙ୍କପତି ।


ତେଣୁ ସେ ଚାହିଁଲେ ତୋରି ଗର୍ଭରୁ ଜାତ ସନ୍ତାନ ନିଶ୍ଚୟ ଦିନେ ନା ଦିନେ ଲଙ୍କାର ରାଜା ହୋଇପାରିବ । ତୁ ଭବିଷ୍ୟତ କଥା ଚିନ୍ତା ନକରି ବର୍ତ୍ତମାନର କଥା ଭାବ । ତୋତେ କେବଳ ମହର୍ଷି ବିଶ୍ରବାଙ୍କ ଠାରୁ ସନ୍ତାନ ପ୍ରାପ୍ତିର ବର ମାଗିନେବାକୁ ପଡ଼ିବ ।

ମାତା ତାଙ୍କ ବାପାଙ୍କ କଥା ଅନୁସାରେ ସବୁ କାମ ଠିକ୍‌ଠାକ୍ କଲେ । ଆଉ ବିଶ୍ରବା ଋଷି ହୋଇଗଲେ ସୁମାଳୀ ଦୈତ୍ୟଙ୍କ ଜାମାତା । କିନ୍ତୁ ମାତାଙ୍କ ଏତାଦୃଶ ବର ପ୍ରାର୍ଥନାରେ ପିତା ତାଙ୍କ ଉପରେ କ୍ଷୁବ୍ଧ ହୋଇ କହିଥିଲେ, ତୁମେ ମୋର ସନ୍ଧ୍ୟାପୂଜା ସମୟରେ ସନ୍ତାନ କାମନା କରି ଠିକ୍ କରିନ । ତେଣୁ ତୁମ ଗର୍ଭରୁ ଜାତ ସନ୍ତାନ ହେବେ ରାକ୍ଷସ ପ୍ରକୃତିର । ଏଥିରେ ମାତା ଯେବେ ଅତ୍ୟନ୍ତ ବ୍ୟଥିତ ହୋଇ ତାଙ୍କ ପାଇଁ ପୁନର୍ବିଚାର କରିବାର ପ୍ରାର୍ଥନା କରିଥିଲେ । ଋଷିବର ତାଙ୍କ ପ୍ରତି ସାମାନ୍ୟ କୋହଳ ପ୍ରକାଶ କରି କହିଥିଲେ, ଠିକ୍ ଅଛି ତୁମର ଚାରୋଟି ସନ୍ତାନ ହେବେ । ତିନିଟି ପୁତ୍ର ଓ ଅନ୍ୟଜଣକ କନ୍ୟା । ଗୋଟିଏ ପୁତ୍ର ହେବ ଧର୍ମାତ୍ମା । ଜ୍ୟେଷ୍ଠପୁତ୍ର ହେବ ଜଣେ ପରାକ୍ରମୀ ରାଜା । ଭବିଷ୍ୟତରେ ସେ ହେବ ରାକ୍ଷସ ମାନଙ୍କର ଅଧିପତି । ପ୍ରବଳ ପରାକ୍ରମୀ, ବଳଶାଳୀ ମଧ୍ୟ ।

ମୁଁ ହେଲି ମାଆଙ୍କର ଜ୍ୟେଷ୍ଠପୁତ୍ର ରାବଣ । ମୋ ତଳେ ଦୁଇଭାଇ କୁମ୍ଭକର୍ଣ୍ଣ ଓ ବିଭୀଷଣ । ଆଉ ଆମ ତିନି ଭାଇଙ୍କର ଏକମାତ୍ର ଅଲିଅଳୀ ଉଭଣୀ ସୂର୍ପଣଖା । ମାଆଙ୍କ ମୁହଁରୁ ଶୁଣିଥିଲି, ମୁଁ ଯେତେବେଳେ ପ୍ରଥମେ ମାଟିରେ ପାଦ ଥାପିଥିଲି ଅନ୍ୟ ମାନଙ୍କ ଭଳି କୁଆଁକୁଆଁ ଡାକି ନଥିଲି । ମୋ ଡାକ କୁଆଡ଼େ ଥିଲା କର୍କଶ । ସତେଯେମିତି ଏକ ଅଦ୍ଭୁତ ଚିତ୍କାର । ଯାହା ଆଶ୍ରମର ଅନ୍ତେବାସୀଙ୍କୁ ଭୟଭୀତ କରି ଦେଇଥିଲା । ସମଗ୍ର ଆଶ୍ରମରେ ଗୁଞ୍ଜରିତ ହୋଇଥିଲା ମୋ ଜନ୍ମର ପରବର୍ତ୍ତୀ ଘଟଣା ସମୂହ । ସମସ୍ତେ କୁହାକୁହି ହେଉଥିଲେ ଏମିତି ବିକଟ ଚିତ୍କାର କୌଣସି ସାଧାରଣ ଶିଶୁ କ'ଣ କେବେ କରିପାରେ ? ମାଆ ସେଦିନ ବହୁତ ଭାଂଗି ପଡ଼ିଥିଲେ । ମୋ ପାଇଁ ଚିନ୍ତିତ ହୋଇପଡ଼ିଥିଲେ ମୋ ଠାରୁ ଏଭଳି ବିକଟ ଚିତ୍କାର ଶୁଣି ବାପା ମୋର ନାମକରଣ କରିଥିଲେ ରାବଣ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫

ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୩୧(ଖ) ॥

ଯେପରି ନିଷ୍ଠାର ସହ ସାତ୍ୟ ପାଳନ ପାଇଁ ଶଙ୍ଖ ଏକ ମାଧ୍ୟମ ହୋଇଥାଏ, ସେହିପରି ଚକ୍ର ମଧ୍ୟ ପ୍ରଗତି ର ଏକ ମାଧ୍ୟମ ହୋଇ ଥାଏ । ଏହି ଜଗତ ବିନାଶ ଶୀଳ। ତେଣୁ ମୃତ୍ୟୁ ସହ ଜଗତ ଶେଷ ହୋଇଯାଏ। ତେଣୁ ଏହା ମିଥ୍ୟା ଅଟେ। ବ୍ରହ୍ମ ଅବିନାଶୀ। ଅତଏବ ତାହା ସତ୍ୟ ଅଟେ। ଯେପରି ମାନବ ନିଜର ଇଚ୍ଛା ମୁତାବକ ଯେ କୌଣସି କଳ୍ପନା କରିବାରେ ସ୍ୱାଧୀନ ହୋଇଥାଏ, ବ୍ରହ୍ମ ମଧ୍ୟ ସେହିପରି ସ୍ୱାଧୀନ। ବ୍ରହ୍ମା ଦ୍ୱିତୀୟ ପର୍ଯ୍ୟାୟରେ ନିଜ କଳ୍ପନାକୁ ପ୍ରକୃତି ମାଧ୍ୟମରେ ରୂପ ଦେଇଥାନ୍ତି ତଥା ତୃତୀୟ ପର୍ଯ୍ୟାୟ ରେ ସେ ମାନବ ମାଧ୍ୟମରେ ଏହାକୁ ରୂପାୟିତ କରିଥାନ୍ତି। ମାନବ ମାନଙ୍କ କଳ୍ପନା ସମୟ ବା କାଳକୁ ରୂପ ଦେଇଥାଏ। ପିତା ନିଜ ପରିବାରର, ଦେଶ ନିଜ ଦେଶର ଏବଂ ବୈଦିକ ମନ୍ତ୍ର ସମଗ୍ର ବିଶ୍ୱକୁ କୁଟୁମ୍ବ ମନେକରି ସମସ୍ତଙ୍କ ପାଇଁ ନିରାମୟ ଆୟୁ, ସୁଖ ଓ ଶାନ୍ତି କାମନା କରି ପ୍ରାର୍ଥନା କରିଥାଏ।

ବ୍ରହ୍ମାଙ୍କର ଏହି ସୃଷ୍ଟି ରୂପାୟନକୁ କଳ୍ପ କୁହାଯାଏ । ତେଣୁ ପୁରୀର କଳ୍ପ ବଟ ନିକଟରେ ଯାହା କଳ୍ପନା ବା ମାନସିକ କରାଯାଏ ତାହା ପୂର୍ଣ୍ଣ ହୁଏ ବୋଲି କୁହାଯାଏ। ମାନବ ତାଙ୍କର ଅତୀବ ପ୍ରିୟ ହୋଇ ଥାଏ, ତାର ପ୍ରଗତି ପାଇଁ ସେ ଶରୀର ମଧ୍ୟ ରେ ମଧ୍ୟ ସାତରୁ ନ ପର୍ଯ୍ୟନ୍ତ ଚକ୍ର ରଖି ଅଛନ୍ତି। ଏହି ଚକ୍ର ମାନଙ୍କର ସତ୍ ବ୍ୟବହାର ମାନବର ପ୍ରଗତି କରିଥାଏ। ଯେପରି ହିମାଳୟ ଓ ପାମିର ଏକ ସମୟରେ ସୃଷ୍ଟି ହୋଇଥିଲା, କିନ୍ତୁ ହିମାଳୟ ଉର୍ବର ମୃତ୍ତିକା ସୃଷ୍ଟି କଲା ବେଳେ, ପାମୀର ମାଳ ଭୂମି ହୋଇ ରହିଗଲା । କାୟାକଳ୍ପ ସାଧନା ବା ସେବନ ଶରୀରକୁ ସୁନ୍ଦର ଏବଂ କ୍ରିୟାଶୀଳ କରାଇଥାଏ। ସମୟ ଏକ ଚକ୍ର ସଦୃଶ ଯୁଗମାନ ସୃଷ୍ଟି କରିଥାଏ ଓ ପୂର୍ବସ୍ଥାନକୁ ଫେରି ଆସିଥାଏ।

ବିଷ୍ଣୁଙ୍କର ଏହି ଚକ୍ରର ନାମ ସୁଦର୍ଶନ ଏବଂ ଏହି ଚକ୍ର ତାଙ୍କୁ ଶିବ ବା ଅଗ୍ନି ପ୍ରଦାନ କରିଥିବାର ଜଣାଯାଏ। ଶିବ ମହାଯୋଗୀ ଅଟନ୍ତି। ଅଗ୍ନି ଦେବତା ମଧ୍ୟ ତେଜର ପ୍ରତୀକ ଓ ଏହାର ଉଦ୍ଭାବନ ଆଦି ମଣିଷର ଏକ ଅନ୍ୟତମ ସଫଳତା ଅଟେ। ଏହା ଶରୀରର ପରିପାକ୍ କ୍ରିୟାଠାରୁ ଆବର୍ଜ୍ଜନା ବିନାଶ ପର୍ଯ୍ୟନ୍ତ ପାବକ ଅଟନ୍ତି। ବିଷ୍ଣୁ ଉତ୍ତମ ଯୋଗୀ ଥିଲେ। ତାଙ୍କର ଉତ୍ତମ ଦର୍ଶନ ବା ସତ୍ୟ, ଶାନ୍ତି,ଜ୍ଞାନ, ସାଧନା ଅହିଂସା, ବୀରତ୍ୱ, ଦୟା, କ୍ଷମା, ଶକ୍ତି ଆଦି ଉତ୍ତମ ଗୁଣ ବା ସୁଦର୍ଶନ ଏବଂ ଆଧ୍ୟାତ୍ମିକ ଶକ୍ତି ରହିଥିଲା। ଏହିପରି ଯୋଗୀମାନଙ୍କର ଚତୁଃପାର୍ଶ୍ୱରେ ଏକ ଉଜ୍ଜ୍ୱଳ ଜ୍ୟୋତି ଚକ୍ର ସୃଷ୍ଟି ହୁଏ ଏବଂଏହା କର୍ତ୍ତା ହୋଇ ଇଚ୍ଛା ଅନୁସାରେ କ୍ରିୟାଶୀଳ ହୋଇ ଥାଏ। ହୋଇପାରେ, ଏହାହିଁ ସୁଦର୍ଶନ ଚକ୍ର ଅଟେ। ଦିଗ୍ ବଳୟକୁ ଦେଖିଲେ, ଏହା ମଧ୍ୟ ଏକ ଚକ୍ର ପରି ଜଣାଯାଏ ଯେପରି ଏହିଠାରେ ପୃଥିବୀ ତଥା ଆକାଶର ଅନ୍ତ ହୋଇ ଅଛି। କିନ୍ତୁ ବୈଜ୍ଞାନିକ ମାନେ ଜାଣନ୍ତି ଯେ, ଏହା ମାୟାଚକ୍ର ଅଟେ। ଏହା ପରେ ମଧ୍ୟ ଆଦି ଅନ୍ତହୀନ ଆକାଶ ରହିଅଛି। ଆମର ଆକାଶ ଗଙ୍ଗା ଛାୟା ପଥର ମଧ୍ୟସ୍ଥ କୃଷ୍ଣ ବର୍ଣ୍ଣ ନୀଳାଭ ଦେଖାଯାଏ। ନୀଳ ଚକ୍ର ମଧ୍ୟ ନୀଳ ରଙ୍ଗ ନାମ ଧାରଣ କରିଅଛି। ଏହାକୁ ଧାରଣ କରୁଥିବା ଶ୍ରୀକୃଷ୍ଣ ମଧ୍ୟ ନୀଳ ରଙ୍ଗ। ଆକାଶ ଏବଂ ସମୁଦ୍ର ନୀଳ। ତେଣୁ ତାଙ୍କର ପୂର୍ବଜ ମାନେ ନୀଳ ନଦୀର ଅବବାହିକାରେ ଧବଳ ଓ ନୀଳ ଜଳର ସଙ୍ଗମ ସ୍ଥାନରେ ଜନ୍ମ ହୋଇଥିବା ମଧ୍ୟ ସଂଭବ। ଯଦି ବା ଅନ୍ୟ ଆର୍ଯ୍ୟମାନେ ୟୁରୋପ ବା ଏସିଆରେ ଜନ୍ମ ହୋଇଛନ୍ତି !! ମୋ ପରି ଜଣେ ସାଧାରଣ ମଣିଷ ପକ୍ଷେ କିପରି ବା ଏହା ନିର୍ଭୁଲ ହୋଇ ପାରିବ ?

ନୀଳ ଚକ୍ର ଅଷ୍ଟ ଧାତୁରେ ତିଆରି ହୋଇଅଛି। ଧାତୁର ତିନୋଟି ଅର୍ଥ ରହିଅଛି। ଧାତୁ ପଦାର୍ଥ, ଗୁଣ ଏବଂ ଶୁକ୍ର ଅଟେ। ଏହା ଆକାଶ, ପୃଥିବୀ, ପାତାଳଠାରୁ ମସ୍ତିଷ୍କ, ହୃଦୟ ଏବଂ ଯୌନ ଜୀବନକୁ ପ୍ରଭାବିତ କରିଥାଏ। ତେଣୁ ଆମର ପୂର୍ବଜ ମାନେ ଶିଶୁକୁ ଅଷ୍ଟ ଧାତୁର ଖଡୁ ପିନ୍ଧାଇ ଦିଅନ୍ତି କି ସେ ଏହାକୁ ସର୍ବଦା ଚାଟି ଶରୀରକୁ ଧାତବ ସାର ଯୋଗାଇ ଦେଇ ପାରିବ। ଯାହା ଆମର ଅସ୍ଥି, ରକ୍ତ, ଶୁକ୍ର ଆଦି ଗଠନ କରିଥାଏ ଏବଂ ସେଥିରୁ ଜୀବର ଜୀବନ ଚକ୍ରର ସତ୍ୟ ମିଳିଥାଏ। ସଂସ୍କୃତର ଧାତୁ ମାନେ ଅତି କ୍ରିୟାଶୀଳ। ହୁଏତ ଶ୍ରୀକୃଷ୍ଣଙ୍କର ଚକ୍ର ଅଷ୍ଟ ଧାତୁରେ ତିଆରି ହୋଇଥିଲା ଏବଂ ସେ ମନ୍ତ୍ର ବଳରେ ଏହାକୁ ଚଳାଇ ସୁରକ୍ଷା ବା ବିନାଶ କରୁଥିଲେ। କାରଣ ଏହି ସଂସ୍କୃତ ଶବ୍ଦର ନାମ ମଧ୍ୟ ଅନେକ ସତ୍ୟ ଉନ୍ମୋଚନ କରିଥାଏ !

ଅନ୍ୟ ଏକ ସୁଦର୍ଶନ ଦେଖିବାକୁ ଜ୍ୟୋତିର୍ମୟ ସ୍ତମ୍ଭ ସଦୃଶ। ଏହା ହୁଏତ ଛାୟାପଥ ବା ଆକାଶ ଓ ପୃଥିବୀର ଜ୍ୟୋତି ସ୍ତମ୍ଭ, ଯାହାକି ଏକ ଜ୍ୟୋତିର୍ମୟ ଗୋଲାକାର ସ୍ତମ୍ଭ ସଦୃଶ ଦେଖାଯାଏ ଓ ବିପୁଳ ଶକ୍ତିରେ ସମସ୍ତଙ୍କୁ କର୍ମରତ କରିଥାଏ ତାହାର ସ୍ୱରୂପ ଅଟେ।

ହଁ, ବିଶ୍ୱର ଏହି ସମସ୍ତ ଚକ୍ର ଗୁଡ଼ିକ ପ୍ରାଣୀର ଶରୀର ଗଠନ କରିଥାନ୍ତି ତଥା ତାକୁ ପ୍ରଭାବିତ କରିଥାନ୍ତି। ଏହି ଦୃଷ୍ଟିରୁ ବରାହ ହେଉଛନ୍ତି ସବୁଠାରୁ ପରାକ୍ରମଶାଳୀ ପଶୁ। ସେ ଖୁବ୍ ବେଗରେ ଦୌଡ଼ି ପାରନ୍ତି। ତେଣୁ ତାଙ୍କୁ ଗଦା ବା କୌଣସି ସାଧାରଣ ଅସ୍ତ୍ର ଦ୍ୱାରା ସହଜରେ ବଧ କରାଯାଇ ପାରିବ ନାହିଁ। ଏହା ବ୍ୟତୀତ ସେ ଜଳ ଭାଗରେ ଦୀର୍ଘ ପଥ ସନ୍ତରଣ କରି ପାରନ୍ତି। ତେଣୁ ସେହି ଜଳ ପୂର୍ଣ୍ଣ ପୃଥିବୀରେ ଜୀବନ ଧାରଣ କରିବାରେ ତାଙ୍କର କୌଣସି ଅସୁବିଧା ହୋଇନଥାଏ। ଶରୀରର ତାପକୁ ନିୟନ୍ତ୍ରିତ କରିବା ପାଇଁ ସେ ସର୍ବଦା ପଙ୍କ, କାଦୁଅ ମାଟିରେ ଗଡୁ ଥାନ୍ତି। ସେ ସେହି ବନ୍ୟା ବିଧ୍ୱସ୍ତ ମୃତ୍ତିକା ମଧ୍ୟରୁ ଅବଶେଷ ଫଳ, ଆବର୍ଜ୍ଜନା, ପତ୍ର, ଭିତର ମୂଳ ଆଦି ଖୋଳିଖାଇ ପାରନ୍ତି ଓ ଜୀବନ ଧାରଣ କରି ପାରନ୍ତି। ସେ ନିଜ ତୀକ୍ଷଣ ଦାନ୍ତରେ ମାଟିକୁ ଖୋଳି ଏକ ଆଧୁନିକ ଯନ୍ତ୍ରପରି ଅତି ପ୍ରଶସ୍ତ ସ୍ଥାନର ମୃତ୍ତିକାକୁ ତଳ, ଉପର କରି ପାରନ୍ତି ଓ କୃଷି ଉପ ଯୋଗୀ କରି ପାରନ୍ତି। ତାଙ୍କର କର୍ଦ୍ଦମାକ୍ତ ଶରୀରରେ ଖୋଳିଥିବା ଫଳର ବୀଜ, ତୃଣ ମୂଳ ଆଦି ଲାଗି ବୀଜ ବିକ୍ଷେପ କରିପାରେ ଓ ନୂତନ ଅଙ୍କୁର ସୃଷ୍ଟି କରିପାରେ। ତାଙ୍କର ତୀକ୍ଷଣ ଦାନ୍ତରେ ଜଣେ ପତିତ ମାନବର ମୁଣ୍ଡକୁ ଆଘାତ କରି ସେ ଅକ୍ଲେଶରେ ମୃତ୍ୟୁଦଣ୍ଡ ଦେଇପାରନ୍ତି। ବରାହମାନେ ସହଜରେ କ୍ରୋଧ କରନ୍ତି ନାହିଁ ବା ମଣିଷ ମାରନ୍ତି ନାହିଁ। ସେମାନେ ଖୁବ୍ ଶାନ୍ତ ଓ ଭୟାଳୁ ପ୍ରାଣୀ। କିନ୍ତୁ ସେମାନଙ୍କୁ ବା ସେମାନଙ୍କର ଶାବକକୁ ବିରକ୍ତ କଲେ ସେମାନେ ଭୟଙ୍କର ହୋଇ ପାରନ୍ତି। ତେଣୁ ବ୍ରହ୍ମା ନିଜ ଯୋଗ ବଳରେ ଭଗବାନ ବିଷ୍ଣୁଙ୍କ ଶକ୍ତିକୁ ଏହି ବରାହ ମଧ୍ୟକୁ ଅବତରଣ କରାଇ ହିରଣାକ୍ଷକୁ ବିନାଶ କରିବାକୁ ପ୍ରାର୍ଥନା କଲେ। ଆପ ଅର୍ଥ ଜଳ ଏବଂ ତାର ଅର୍ଥ ଅତି ଉଚ୍ଚ ସ୍ଥାନ, ତାରକା, ତାରଣ କର୍ତ୍ତା ଏବଂ ମୁକ୍ତା ନିର୍ମିତ ଯନ୍ତ୍ର ଅଟେ। ଅର୍ଥାତ୍ ଏହି ବରାହ ଜରାୟୁର ଜଳରେ ହିଁ ଜନ୍ମ ହୋଇ ଥିଲେ ମଧ୍ୟ ତାଙ୍କର ଭାଗ୍ୟ ଚକ୍ର ଓ ରାଶି ଚକ୍ର ଅତି ଶୁଭ ସ୍ଥାନ ରେ ଥିଲା ଓ ତାଙ୍କ ସମୟ ଚକ୍ର ଅଭିଜିତ ନାମକ ମୁହୂର୍ତ୍ତ ଦେଇ ଅତି ଦ୍ରୁତ ବେଗରେ ଗତି କରୁ ଥିଲା। ଏହିପରି ସମସ୍ତ ଚକ୍ର ତାଙ୍କର ସପକ୍ଷରେ ରହି ଦିବ୍ୟ ଐଶ୍ୱରୀୟ ଜ୍ୟୋତି ବଳ ରେ ଦାନବ ହିରନାକ୍ଷକୁ ବିନାଶ କରି ,ବରାହ ପୃଥିବୀକୁ ଉଦ୍ଧାର କରି ଥିଲେ !!

(କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


## ଫଗୁଣର ଅଭିସାର...

### ଲକ୍ଷ୍ମୀପ୍ରିୟା ପୃଷ୍ଟି

ଫଗୁଣକୁ ଦେଖି ଦୁଆର ମୁହଁରେ ବାଟ ଓଗାଳୁଛି ଶୀତ
ହଳଦୀ ବସନ୍ତ ଶାଖା ଉହାଡ଼ରୁ ଗାଇଲାଣି ମିଠା ଗୀତ
ସେଇ ଗୀତ ଶୁଣି ଶୀତର ଆଖିରୁ ହଜିତ ଯାଇଛି ନିଦ
ତାକୁ ବିଦାକରି ଋତୁ ଗଢ଼ିଲାଣି ସମ୍ପର୍କର ନୂଆ ଫର୍ଦ୍ଦ ।

କାନ୍ଦି କାନ୍ଦି ଶୀତ ନେଉଛି ମେଲାଣି ଫଗୁଣ କାଢ଼େ ଫୁଟାଣି
ଫୁଲ ପାଖୁଡ଼ାରେ ଚହଟେ ଚମକ ସରାଗେ ଖୁସିକୁ ବୁଣି
ଏ ଫଗୁଣ ଥିଲା ଆମ ସମ୍ପର୍କର ଅଦିନିଆ ସାଥି ଦିନେ
ସେଇ କଥା ଏବେ ଚୁପି ଚୁପି ଯାଇ ମଳୟ କହେ ମୋ କାନେ ।

ଫଗୁଣ ଫେରିଛି ପେନ୍ଥି ବଉଳରେ ରୂପର ସମ୍ଭାର ନେଇ
କୋଇଲିର କୁହୁତାନ କମ୍ପିଉଠେ ଶୁଭ ଶଙ୍ଖ ଧ୍ୱନି ହୋଇ
ପ୍ରକୃତି ତାଣ୍ଡବ ପରେ ବି ଧରଣୀ ରଚେ ନୂଆ ଅଭିସାର
ସୃଷ୍ଟିର ସର୍ଜନା ପାଇଁ ଅବା ଇଏ ସାଜସଜ୍ଜା ବିଧାତାର ।

ବରଷା ନାହିଁକି ତାତି ବି ନାହିଁ ଫର୍ଚ୍ଚା ଫର୍ଚ୍ଚା ଏବେ ଆକାଶ
ରଙ୍ଗ ଅବିରରେ ସଜେଇ ହେବାକୁ ଉଛନ୍ନ ତ ମଧୁମାସ
ଏବେ ଏବେ ଶୀତ ବାହୁଡ଼ି ଯାଇଛି ସ୍ମୃତିର ସନ୍ତକ ନେଇ
ଆର ବରଷକୁ ଫେରିବ ପୁଣି ସେ କଥା ତ ଯାଇଛି ଦେଇ ।



+ଦଶରଥପୁର, ଯାଜପୁର,୭୫୫୦୦୬,
ମୋ: ୭୩୭୭୩୧୮୭୮୯


## ନିଦ ଶୋଇଛି ଫୁଟପାଥରେ

### ଶୁଭଦର୍ଶିନୀ ଦାଶ

ରାସ୍ତାକଡ଼ ଫୁଟପାଥରେ ଶୋଇଛି
ବେଫିକର ନିଦ
ନିଶ୍ଚିନ୍ତ ଚାଦର ଘୋଡେଇ ଶୋଇଛି ଏମିତି
ବାହାର ଦୁନିଆଟା ମୁକ ସତେ ତା'ପାଇଁ
ବଞ୍ଚୁଛି କେବଳ ଆଜିର ଚିନ୍ତାରେ
ଯାହାର ଅଧା ସିଏ ବଞ୍ଚି ସାରିଛି
କାଲିର ମାୟାରୁ ମୁକ୍ତ
ଗତକାଲିକୁ ଯାଇଛି ପାସୋରି
ମୁକ୍ତ ହସ୍ତରେ, ମୁକ୍ତ ଆକାଶ ତଳେ
ସମ୍ପୂର୍ଣ୍ଣ ବଞ୍ଚୁଛି ନିଜ ଭିତରେ ମୁହୂର୍ତ୍ତର ସ୍ୱାଦ ନେଇ
ମୃତ୍ୟୁବି ହୁଏ ଭ୍ରମିତ ତା ନିଶ୍ଚିନ୍ତ, ନିଶ୍ଚଳ ଭଙ୍ଗୀକୁ ଦେଖି
ସୋଇଛି ନିଡର ହୋଇ
ଅପେକ୍ଷାତ ଖାଲି କେବେ ଆସି ଛୁଇଁଯିବ
ଉଦିତ ସୂର୍ଯ୍ୟର ପହିଲି କିରଣ
ଉଠିଯିବ ଜଦି
ପୁଣି ଅଜିରେ ବଞ୍ଚିବ ଆଜିକୁ ଆପଣାଇ
ମୁକ୍ତ ଆକାଶ ତଳେ
ଶୋଇଯିବ ଆଜିର ରାତିରେ
ବେଫିକର ନିଦ ନିଶ୍ଚିନ୍ତ ଚାଦର ଘୋଡାଇ ।


+ଭୁବନେଶ୍ୱର
ମୋ: ୮୨୮୦୩୧୧୦୦୦

## ମାତୃଭୂମି

### ଆଦ୍ୟାଶା ମହାପାତ୍ର

ପ୍ରକୃତିର ଦାନ ସମ୍ପଦରେ ପୂର୍ଣ୍ଣ
ଏଇ ମୋ ଉତ୍କଳ ରାଣୀ
ତା'ଗର୍ଭରେ ପୂରି ରହିଛି ବିଭବ
ହୀରା ନୀଳା ମୋତି ମଣି ।।

ଗିରି ବନ ଲତା ସାଗର ପର୍ବତ
ଜଙ୍ଗଲ ଝରଣା ଭରା
ସବୁଜ ପ୍ରାନ୍ତର ଚିରସ୍ରୋତା ନଦୀ
ସତେ କେଡେ ମନୋହରା ।।

ଜଗନ୍ନାଥ ପରା ବିଜେ ଏହି କ୍ଷେତ୍ରେ
ସେତ ଜଗତର ସ୍ୱାମୀ
ସଂସ୍କାର ସଂସ୍କୃତି ଐତିହ୍ୟରେ ଭରା
ଏଇ ପୁଣ୍ୟ ମାତୃଭୂମି ।।

ବିଭିନ୍ନତା ମଧ୍ୟେ ଏକତା ଯାହାର
ଦମ୍ଭ ସାହସ ଓ ବଳ
ନାହିଁ ଏଠି ଜାତି ଧର୍ମ ଭେଦଭାବ
ନାହିଁ ଆବିଳତା ଛଳ ।।

ସତ୍ୟ,ଧର୍ମ, ନ୍ୟାୟ, ଶାନ୍ତି, ମୈତ୍ରୀ ଭାବ
ଯାହାର ମୁଖ୍ୟ ଆୟୁଧ
ଅହିଂସା ଏକତା ଏ ମାଟିର ବାର୍ତ୍ତା
ଅନ୍ତରକୁ କରେ ଶୁଦ୍ଧ ।।

କଳା ଭାସ୍କର୍ଯ୍ୟର ନାହିଁ ପଟାନ୍ତର
ତାରକସି ସୂକ୍ଷ୍ମକାର୍ଯ୍ୟ
କୋଣାର୍କ ଚର୍ଚ୍ଚିତ ଦେଖି ବିମୋହିତ
ଦେଖଣାହାରୀ ବି ଆଜ ।।

ଏଇ ପୁଣ୍ୟମୟୀ ମାଟିରେ ଜନମି
ଜୀବନ ହୋଇଛି ଧନ୍ୟ
ତା'ର ଯଶଗାନ କରୁଥିବି ସଦା
ବଞ୍ଚିଥିବି ଯେତେଦିନ ।।


+ ନୂଆପଡା, କଟକ

# ସ୍ଥିତିବାନ ନୀତିର ଲାଭ ପାଉନାହାନ୍ତି ୪୦% ରାଜଧାନୀବାସୀ: ଜମି ମାଲିକ ହେବା ସ୍ୱପ୍ନ

ଭୁବନେଶ୍ୱର, ୦୭/୨ (ନି,ପ୍ର): ଗତ ଜାନୁଆରି ୨୩ ତାରିଖରେ ରାଜ୍ୟ କ୍ୟାବିନେଟ୍‌ରେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ରାଜ୍ୟ ଗୃହ ନିର୍ମାଣ ସଂସ୍ଥା(ଓଏସ୍‌ଏଚ୍‌ବି) ଓ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ(ବିଡିଏ)ଙ୍କ ଦ୍ୱାରା ଦୀର୍ଘ ମିଆଦି ଲିଜ୍ ସୂତ୍ରରେ ଆବଣ୍ଟିତ ଜମିଗୁଡ଼ିକର କିସମ ପରିବର୍ତ୍ତନ (ସ୍ଥିତିବାନ) କରିବା ପାଇଁ ଦେୟ ରାଶିର ପରିମାଣକୁ ୭ ପ୍ରତିଶତ ହ୍ରାସ କରି ଦିଆଯାଇଛି। ଅର୍ଥାତ୍ ସ୍ଥିତିବାନ କିସମ କରିବା ପାଇଁ ଏଥର ଲିଜଧାରୀମାନେ ଜମିର ବଜାର ମୂଲ୍ୟର ୧୦ ପ୍ରତିଶତ ପରିବର୍ତ୍ତେ ୩ ପ୍ରତିଶତ ଅର୍ଥରାଶି ଦେବେ। କିନ୍ତୁ ଏହି ସୁଯୋଗ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଦ୍ୱାରା ୧୯୫୪ ରୁ ୧୯୭୦ ମସିହା ମଧ୍ୟରେ ଆବଣ୍ଟିତ ଜମି ଲିଜ୍‌ଧାରୀଙ୍କ ପାଇଁ ନାହିଁ। ଫଳରେ ଦୀର୍ଘ ୫୦ରୁ ୭୦ ବର୍ଷ ତଳେ ଜମି ପାଇ କିସମ ପରିବର୍ତ୍ତନ କରିବାକୁ ଅପେକ୍ଷାରତ ଆବଣ୍ଟନଗ୍ରାହୀ ହତାଶ ହୋଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ଦ୍ୱାରା ଆବଣ୍ଟିତ ଜମି ସମସ୍ତ ଲିଜ ଜମିର ୪୦ ରୁ ୫୦ ପ୍ରତିଶତ। ଏହି ଜମିରେ ରାଜଧାନୀର ୪ ରୁ ୫ ଲକ୍ଷ ଲୋକ ବାସ କରୁଛନ୍ତି। ଭୁବନେଶ୍ୱର ଜନସଂଖ୍ୟାର ଏହା ୪୦ ପ୍ରତିଶତ। ଅର୍ଥାତ୍ ସରକାରଙ୍କର ଏହି ନୂଆ ସ୍ଥିତିବାନ ନୀତିର ଲାଭ ଭୁବନେଶ୍ୱରର ୪୦ ପ୍ରତିଶତ ବାସିନ୍ଦା ପାଇ ପାରୁନାହାନ୍ତି। ୧୯୫୪ ରୁ ୧୯୭୦ ମସିହାରେ ଆବଣ୍ଟିତ ଏହି ଲିଜ ଜମିଗୁଡ଼ିକର ମୂଳ ଲିଜଧାରୀମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ମୃତ୍ୟୁ ହୋଇଗଲାଣି। ଏଣୁ ସେହି ଜମିଗୁଡ଼ିକ ମୂଳ ଲିଜଧାରୀମାନଙ୍କର ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଆବଣ୍ଟନ ହେବା ସ୍ୱାଭାବିକ। କିନ୍ତୁ ସ୍ଥିତିବାନ ହୋଇପାରୁନଥିବାରୁ ଜମିଗୁଡ଼ିକ ଉତ୍ତରାଧିକାରୀଙ୍କ ମାଲିକାନାକୁ ଆସିପାରୁ ନାହିଁ। ଫଳରେ ସେମାନଙ୍କ ମଧ୍ୟରେ ପ୍ରବଳ ଅସନ୍ତୋଷ ସୃଷ୍ଟି ହୋଇଛି। ଏଭଳି ହିତାଧିକାରୀ ଭୁବନେଶ୍ୱରର ଶତକଡ଼ା ୮୦ ଭାଗ ବାସିନ୍ଦା ରହିଛନ୍ତି। ଗୌତମନଗର, ବାପୁଜୀନଗର ଓ ବୁଦ୍ଧେଶ୍ୱରୀ ସଂଘର କର୍ମକର୍ତ୍ତାମାନେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏ ସଂକ୍ରାନ୍ତରେ ଦାବିପତ୍ର ପ୍ରଦାନ କରିଛନ୍ତି। କିସମ ବଦଳାଇବା ପାଇଁ ଧାର୍ଯ୍ୟଦେୟ ୧୦ ପ୍ରତିଶତରୁ ୩ ପ୍ରତିଶତକୁ ହ୍ରାସ




କରିବା ପାଇଁ ଅନୁରୋଧ କରିଛନ୍ତି। ଏହାଛଡ଼ା ପ୍ରଭେଦ ଅର୍ଥରାଶିର (ଡିଫରେନ୍‌ସିଆଲ୍ ପ୍ରିମିୟମ୍ ଆମାଉଣ୍ଟ)ର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ, ବିଏମ୍‌ସି ସୀମା ଭିତରେ ଗତ ୨୦ ବର୍ଷ ମଧ୍ୟରେ ଜମିର ମୂଲ୍ୟ ଢେର ଗୁଣରେ ବୃଦ୍ଧି ପାଇଛି। ଏଣୁ ବର୍ତ୍ତମାନ ଜମି ମୂଲ୍ୟ ଆଧାରରେ କିସମ ପରିବର୍ତ୍ତନ ଦେୟ ପରିମାଣ ମୁଣ୍ଡ ଘୂରାଇଦେବା ଭଳି ହୋଇଛି। ୫ ରୁ ୧୦ ଡେସିମିଲ ଜମିକୁ ସ୍ଥିତିବାନ କରିବା ପାଇଁ ୮୦ ରୁ କୋଟିଏ ୨୦ଲକ୍ଷ ଟଙ୍କା ଆବଶ୍ୟକ ହେଉଛି। ଏହି ପରିମାଣର ଅର୍ଥରାଶି ବରିଷ୍ଠ ନାଗରିକ, ସ୍ୱଳ୍ପ ପେନସନଧାରୀ ଓ ସାଧାରଣ ବର୍ଗର ଆବଣ୍ଟନଗ୍ରାହୀଙ୍କ ପାଇଁ ଅସମ୍ଭବ ହୋଇଛି। ଏ ନେଇ ବାପୁଜୀନଗର ନାଗରିକ କମିଟି ସମ୍ପାଦକ ଡ. ଦୁଷ୍ମନ୍ତ ସାହୁ କହିଛନ୍ତି, ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ବିଡିଏ ଓ ଓଏସ୍‌ଏଚ୍‌ବି ଭଳି ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ୧୯୫୪ ମସିହାରୁ ୧୯୭୦ ମଧ୍ୟରେ ଆବଣ୍ଟିତ ଜମି ପାଇଁ ଏହି ନୟମ ଲାଗୁ ହେବା ଅତ୍ୟନ୍ତ ଜରୁରୀ। ଆମେ ଏ ନେଇ ମୁଖ୍ୟ ଶାସନ ସଚିବଙ୍କୁ ପତ୍ର ଲେଖିଛୁ। ଆମର ବିଶ୍ୱାସ ଅଛି ଯେ, ସରକାର ଆମ କଥା ଶୁଣିବେ। ତେବେ କେବଳ ବାପୁଜୀନଗର ନାଗରିକ କମିଟି ନୁହେଁ, ବରଂ ଗୌତମନଗର ଓ ବୁଦ୍ଧେଶ୍ୱରୀ ସଂଘର କର୍ମକର୍ତ୍ତାମାନେ ମଧ୍ୟ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଚିଠି ଲେଖିଥିବା କହିଛନ୍ତି। କିସମ ବଦଳାଇବା ପାଇଁ ଧାର୍ଯ୍ୟଦେୟ ୧୦ ପ୍ରତିଶତରୁ ୩ ପ୍ରତିଶତକୁ ହ୍ରାସ କରିବା ସହ ପ୍ରଭେଦ ଅର୍ଥରାଶିର (ଡିଫରେନ୍‌ସିଆଲ୍ ପ୍ରିମିୟମ୍ ଆମାଉଣ୍ଟ)ର ସମ୍ପୂର୍ଣ୍ଣ ଉଚ୍ଛେଦ ପାଇଁ ମଧ ଦାବି କରିଥିବା କହିଛନ୍ତି।

# କରଦା ପଂଚାୟତରେ ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ

କୋରେଇ, ୦୭/୨ (ନି,ପ୍ର): କୋରାଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତରେ ମୋ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କରଦା ପଂଚାୟତର ପୁର୍ବତନ ସରପଂଚ ଗଣେଶ ଚନ୍ଦ୍ର ସାହୁଙ୍କ ପରିଚାଳନାରେ ଆୟେଜିତ ଉକ୍ତ କାର୍ଯ୍ୟକ୍ରମରେ କୋରାଇ ବ୍ଲକ ଅଧ୍ୟକ୍ଷା ଜୟନ୍ତୀ ଦଳାଇ ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଉପାଧକ୍ଷ ପ୍ରଫୁଲ୍ଲ କୁମାର ଦାସ, ଜିଲ୍ଲା ବିଜୁ ମହିଳା ସଭାନେତ୍ରୀ ତଥା ବ୍ୟାସନଗର ପୁର୍ବତନ ପୌରାଧ୍ୟକ୍ଷା ସବିତା ରାଉତ, ଯାଜପୁର ଜିଲ୍ଲା ଯୁବ ବିଜଦ ସଭାପତି ପ୍ରତାପ କୁମାର ମହାନ୍ତି, କରଦା ସରପଂଚ ଅନିମା ମଳିକ, ସମିତି ସଭ୍ୟା ପଙ୍କଜିନୀ ସାହୁ, କୋରାଇ ବ୍ଲକ ମିଶନ ଶକ୍ତି ସଂଯୋଜିକା ପ୍ରିୟଙ୍କା ମହାନ୍ତି, ବ୍ଲକ ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଶକୁନ୍ତଳା ନାୟକ ପାନୀୟ ଜଳ ଯୋଗାଣ ବିଭାଗର ଯନ୍ତ୍ରୀ ଖଗେନ୍ଦ୍ର ବେହେରା , ବିଧାୟକଙ୍କ ପ୍ରତିନିଧି ତାରକେଶ୍ୱର ମହାନ୍ତି ଓ ମୂଖ୍ୟ ବକ୍ତା ଭାବେ କୃଷକ ନେତା ବଳରାମ ସାହୁ ଯୋଗ ଦେଇ ନବୀନ ପଟ୍ଟନାୟକଙ୍କ ଦୀର୍ଘ ୨୩ ବର୍ଷର ଶାସନ ଓ ଜନକଲ୍ୟାଣ ଯୋଜନା ଗୁଡ଼ିକର ସଫଳ ରୁପାୟନର ବକ୍ତବ୍ୟ ରଖିବା ସହିତ ତାଙ୍କର ଦୀର୍ଘଜୀବନ କାମନା କରିଥିଲେ। ଇତ୍ୟ ଅବସରରେ କରଦା ପଂଚାୟତର ମୁଖପତ୍ର ପୁସ୍ତିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ପଂଚାୟତର ବିଦ୍ୟାଳୟରେ ଆୟୋଜିତ ପ୍ରତିଯୋଗୀତାରେ କୃତକାର୍ଯ୍ୟ ହୋଇଥିବା ୨୫ ଜଣ ଛାତ୍ର/ଛାତ୍ରୀଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ ଏବଂ ପଂଚାୟତର ସରପଂଚ ସମିତି ସଭ୍ୟା ସମସ୍ତ ଅତିଥି ମାନଙ୍କ ସହିତ ବରିଷ୍ଠ ଶିକ୍ଷକ ଚିନ୍ତାମଣୀ ବେହେରା, କରଦା ପଂଚାୟତର ଜିଆରଏସ ସୁଜାତା ପଣ୍ଡାଙ୍କୁ ଉତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ମାନଙ୍କ ଦ୍ୱାରା ମା ଥାନପତି ସ୍ୱୟଂ ସହାୟିକା ଗୋଷ୍ଠୀ ଓ ମା ମଙ୍ଗଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ କୃଷି ଉପକରଣ ପ୍ରଦାନ କରାଯାଇଥିଲା। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପ୍ରଶାନ୍ତ କୁମାର ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଅନିରୁଦ୍ଧ ମଳିକ, ପ୍ରସନ୍ନ ବେହେରା, ବଟକୃଷ୍ଣ ସାହୁ,ଅନନ୍ତ ସାହୁ, ଶରତ କୁମାର ସାହୁ, ଶଙ୍କର୍ଷଣ ପରିଡ଼ା, ସଂଜୟ ନାୟକ ପରିଚାନାରେ ସହଯୋଗ କରିଥିଲେ।

# ବ୍ରହ୍ମବରଦାଠାରେ ବିଜେପିର ମିଶ୍ରଣ ପର୍ବ

ଧର୍ମଶାଳା, ୦୭/୨ (ନି,ପ୍ର): ସାଧାରଣ ନିର୍ବାଚନ ସମୟ ପାଖେଇ ଆସୁଛି । ଏହି କ୍ରମରେ ନେତା ଓ କର୍ମୀମାନେ ଦଳ ବଦଳ କରିବା ସହିତ ଦଳକୁ ଆଗେଇ ନେବାରେ ଲାଗି ପଡିଛନ୍ତି । ଏହି କ୍ରମରେ ଯାଜପୁର ଜିଲା ରସୁଲପୁର ବ୍ଲକ ବ୍ରହ୍ମବରଦା ଠାରେ ବିଜେପିର ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଲୋକପ୍ରିୟତା ଓ ବରୀ ନିର୍ବାଚନ ମଣ୍ଡଳୀର ଯୁବ ବିଜେପି ନେତା ଉମେଶ ଜେନାଙ୍କ ସାଂଗଠନିକ ଦକ୍ଷତାରେ ଅନୁପ୍ରାଣୀତ ହୋଇ ଅଂଚଳର ବିଭିନ୍ନ ଦଳର କର୍ମୀ କୈବଲ୍ୟ ରାଉତ, ଦିଜବନ୍ଧୁ ରାଉତ, ଆଲୋକ ଦାସ, ପ୍ରଭାତ ଦାସ, ଅସିତ ରାଉତ, ପଙ୍କଜ ଦାସ, ଗୁଡୁଲ ପାଣ୍ଡେ, ପିଂଟୁ ବଟ ପ୍ରମୁଖ ସେମାନଙ୍କ ସମର୍ଥକମାନେ ବିଜେପିରେ ସାମିଲ୍ ହୋଇଛନ୍ତି ।

# ସରକାରୀ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଉଦ୍‌ଯାପିତ

ବଲାଙ୍ଗିର, ୦୭/୨ (ନି,ପ୍ର): ସ୍ଥାନୀୟ ସରକାରୀ ମହାବିଦ୍ୟାଳୟ, ବଲାଙ୍ଗିର ଠାରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ପରିକ୍ରମା ପ୍ରକଳ୍ପ ଉଦ୍‌ଯାପିତ ହୋଇଯାଇଛି । କଟାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଧାପିକା ଡ଼. ଭଗବତୀ କର ପଶ୍ଚିମ ଓଡ଼ିଶା ପରିପ୍ରେକ୍ଷୀରେ କହିଲେ ଯେ, ଜଗନ୍ନାଥ ହେଉଛନ୍ତି ଓଡ଼ିଶାର ଆରାଧ ଦେବତା, ପରିଚୟ, ଅସ୍ମିତା, ଜଗତର ଠାକୁର ହେଇଥିଲେ ବି ତାଙ୍କୁ ମଧ ନିଜକୁ ବଞ୍ଚେଇବା ପାଇଁ ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରିବାକୁ ପଡ଼ିଥିଲା । ବର୍ଗୀ ଆକ୍ରମଣ ସମୟରେ ସେ ଦୀର୍ଘ ବର୍ଷ ପାତାଳୀ ଶ୍ରୀକ୍ଷେତ୍ରରେ ଆତ୍ମଗୋପନ କରିଥିଲେ । ଭାଟଲି ଦଧିବାମନ ଭାବେ ଏବେ ବି ପୂଜା ପାଉଛନ୍ତି । ତାଙ୍କୁ ବିଶ୍ୱାସ କରିବା ଆମର ଆଧାତ୍ମିକ ପରାକାଷ୍ଠା ବୋଲି କହିଥିଲେ । ସେହିଭଳି ଡ଼. ଅଶୋକ କୁମାର ମହାପାତ୍ର 'ସାଂପ୍ରତିକ ସମୟରେ ଓଡ଼ିଆ ଭାଷା ଓ ସାହିତ୍ୟ' ଉପରେ ବିଶଦ ଆଲୋଚନା କରି, ଭାଷାକୁ ସମୃଦ୍ଧ ଓ ସୁରକ୍ଷିତ କରିବା ଆମର ଉତର ପିଢ଼ି ପାଇଁ ଧେୟ ହେବା ଉଚିତ ବୋଲି କହିଥିଲେ । ଭାଷାକୁ ବ୍ୟବହାର କଲେ ସଠିକ ଉଚ୍ଚାରଣ କଲେ ଆମର ଓଡ଼ିଆତ୍ୱ ରହିବ ବୋଲି କହିଥିଲେ । ଅନ୍ୟତମ ଆଲୋଚକ ଅଧାପକ ହୃଷିକେଶ ଦାସ ଓଡ଼ିଆ ଜାତି ଓ ନୀଳ କନ୍ଦରର ନୀଳ ଗୋସେଇଁ ଉପରେ ଆଲୋଚନା କରି ଜଗନ୍ନାଥଙ୍କ ଉତ୍ପତି, ବିକାଶ ଓ ବିଭିନ୍ନ ସମୟରେ ତାଙ୍କ ରହସ୍ୟମୟ ଲୀଳା ଉପରେ କହିଥିଲେ । ସେହିଭଳି ଜଗନ୍ନାଥ ମନ୍ଦିରର ବିଭିନ୍ନ ଦିଗ ଉପରେ ଦୃଷ୍ଟିପାତ କରିଥଲେ । ଅନ୍ୟତମ ସାହିତ୍ୟିକ ଆନନ୍ଦ ଚନ୍ଦ୍ର ସାହୁ ଓ ଡ଼. ଜଗନ୍ନାଥ ସାହୁ ମୁଁ କାହିଁକି ଲେଖେ ର ଉତର ଦେଇ ଜଣେ ସମ୍ବେଦନଶୀଳ ମଣିଷ, ପ୍ରେମିକ ମଣିଷ ହିଁ ପ୍ରକୃତ କବି ବୋଲି ନିଜ ନିଜ ଲେଖକୀୟ ଜୀବନ ସମ୍ପର୍କରେ କହି ଛାତ୍ରଛାତ୍ରୀମାନଙ୍କୁ ଅନୁପ୍ରେରିତ କରିଥିଲେ । ଅଧକ୍ଷ ପ୍ରଫେସର ଘନଶ୍ୟାମ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠତ ଏହି କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ବିଭିନ୍ନ ବିଷୟକୁ ନେଇ ହୋଇଥିବା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଡ଼. କୌତୁକ ପନ୍ଦର ସଭାକୁ ପରିଚାଳନା କରିଥିବା ବେଳେ ଡ଼. ରମଣୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ । ଡ଼. ଅମୃତ ସିଂ ବରିହା, ଡ଼. ଅଶୋକ କୁମାର ମହାରଣା, ଅମିତୋଷ୍ ତ୍ରିପାଠୀ, ରାମ ଶଙ୍କର ମେହେର, ପୁରୁଷୋତ୍ତମ କିଶାନ, ମଳୟ କଅଁର, ବିଶ୍ୱଭୂଷଣ ବିଶ୍ୱାଳ, ନୀଳକଣ୍ଠ ନାଗ, ଅଧାପିକା ବନ୍ଦନା ବାଁ, ମଧୁସ୍ମିତା ମିଶ୍ର, ରିଚା ବିଶ୍ୱାଳ, କ୍ଷୀରୋଦିନୀ ଭୁଏ, ରଶ୍ମିତା ପ୍ରଧାନ, ଅମୃତା ମହାପାତ୍ର, ଈଶ୍ୱରୀ ଇପ୍ସିତା, ଅଞ୍ଜଳି ସିଂ, ଛାତ୍ରୀ ଗାର୍ଗୀ ଗିରିଜା ବୋହିଦାର ପ୍ରମୁଖ ସଭାରେ ସାହାଯ୍ୟ ସହଯୋଗ କରିଥିଲେ ।

# ନାମ ଫଳକରେ ଓଡ଼ିଆ ବଦଳରେ ଇଂରାଜୀର ବହୁଳ ବ୍ୟବହାର

## ୧୪୭ ବ୍ୟବସାୟିକ ପ୍ରତିଷ୍ଠାନକୁ ଓଡ଼ିଆରେ ନାମ ଫଳକ ଲଗାଇବା ପାଇଁ ନୋଟିସ୍

ଗଞ୍ଜାମ, ୦୭/୨ (ନି,ପ୍ର): ଦକ୍ଷିଣ ଓଡ଼ିଶାର ପ୍ରମୁଖ ବାଣିଜ୍ୟ ସ୍ଥଳି ବ୍ରହ୍ମପୁରରେ ରହିଛି ଅନେକ ବ୍ୟବସାୟ ପ୍ରତିଷ୍ଠାନ । କିନ୍ତୁ, ହଠାତ୍ ଯଦି କେହି ବାହାରୁ ଆସି କୌଣସି ବଜାରକୁ ଯିବେ ତାଙ୍କୁ କୌଣସି ବିଦେଶୀ ବଜାରରେ ପହଂଚିବା ଭଳି ମନେହେବ । ଯାହାକି ମାତୃଭାଷା ଇଂରାଜୀ ଭଳି ମନେହେବ । କାରଣ ଯେଉଁ ଆଡେ ଆଖି ବୁଲାଇବ ବଡ ବଡ ଇଂରାଜୀ ଅକ୍ଷରରେ ଲେଖାଥିବା ନାମ ଫଳକ ହିଁ କେବଳ ଦେଖିବାକୁ ପାଇବ । ଓଡ଼ିଶା ଦୋକାନ ଏବଂ ବାଣିଜ୍ୟ ପ୍ରତିଷ୍ଠାନ ଆଇନ୍ ୧୯୫୬ ମୁତାବକ ସହରାଚଂଳରେ ସ୍ଥାପନ ହୋଇଥିବା କୌଣସି ବ୍ୟବସାୟିକ ପ୍ରତିଷ୍ଠାନ ଯଦି ଏକ ବା ଏକାଧିକ କର୍ମଚାରୀଙ୍କୁ ନିୟୋଜିତ କରିଥାଏ, ତେବେ ଜିଲ୍ଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟରେ ତାହାର ନାମ ପଞ୍ଜିକରଣ କରିବାକୁ ପଡିବ । ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ସମ୍ମୁଖରେ ନାମ ଫଳକ ଓଡ଼ିଆ ଭାଷାରେ ଲେଖିବାକୁ ଅଗ୍ରାଧିକାର ଦେବା ସହ ଅନ୍ୟ ଭାଷାରେ ମଧ ଲେଖି ପାରନ୍ତି । ହେଲେ ଓଡ଼ିଆ ପରିବର୍ତ୍ତେ ଇଂରାଜୀ ଭାଷାରେ ଲେଖାଥିବା ନାମ ଫଳକକୁ ବର୍ତ୍ତମାନ ଅଗ୍ରାଧିକାର ଦିଆଯାଉଥିବା ଦେଖାଯାଉଛି । ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ ଓଡ଼ିଆରେ ନାମ ଫଳକ ଲଗାଇବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବି ହୋଇଆସୁଛି । ଏନେଇ ବ୍ରହ୍ମପୁର ଜିଲ୍ଲା ଶ୍ରମ ଅଧିକାରୀଙ୍କ ପକ୍ଷରୁ ଗତ ଜୁନ୍ ମାସରେ ଏକ ଅଭିଯାନ ଆରମ୍ଭ ହୋଇଥିଲା । ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ଗଞ୍ଜାମ ଜିଲ୍ଲାର ବିଭିନ୍ନ ସହରାଚଂଳ ବୁଲି ଉପରୋକ୍ତ ଆଇନ୍ ଉଲ୍ଲଙ୍ଘନକାରୀ ଓଡ଼ିଆରେ ନାମ ଫଳକ ଲଗାଉନଥିବା ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନ ଗୁଡିକ ଚିହ୍ନଟ କରିଥିଲେ । ସେମାନଙ୍କ ମାଲିକ ମାନଙ୍କ ନିକଟକୁ ନୋଟିସ୍ ପଠାଇଥିଲେ । ଏ ସମ୍ପର୍କରେ ବ୍ରହ୍ମପୁର ଡିଏଲଓଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ ଏହି କାର୍ଯ୍ୟାଳୟ ଅଧିନରେ ବ୍ରହ୍ମପୁର ଏବଂ ଭଞ୍ଜନଗର ଉପଖଣ୍ଡ ଅଧିନରେ ଥିବା ସମସ୍ତ ସହରାଚଂଳ ରହିଛି । ଗତ ବର୍ଷ ଶେଷ ସୁଦ୍ଧା ଏହିସବୁ ସହରାଚଂଳରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନ ମଧ୍ୟରୁ ୫୨୨୩ଟି ପଞ୍ଜିକୃତ ହୋଇଛନ୍ତି । ଯାଂଚ୍ ବେଳେ ଅଧିକାଂଶ ସେମାନଙ୍କ ସାଇନ୍ ବୋର୍ଡ଼ ରେ ଓଡ଼ିଆ ନାମ ଫଳକ ବ୍ୟବହାର କରିଛନ୍ତି । ୧୪୭ଟି ବ୍ୟବସାୟିକ ପ୍ରତିଷ୍ଠାନକୁ ଓଡ଼ିଆରେ ନାମ ଫଳକ ଲଗାଇବା ପାଇଁ ନୋଟିସ୍ ଦିଆଯାଇଛି । ସେଥିମଧ୍ୟରୁ ୩୪ଟି ବ୍ୟବସାୟିକ ପ୍ରତିଷ୍ଠାନ ନୋଟିସ୍ କୁ ଅଣଦେଖା କରି ନାମଫଳକ ନବଦଳାଇବାରୁ ସେମାନଙ୍କ ବିରୋଧରେ ମାମଲା ରୁଜ୍ଜୁ କରାଯାଇଛି । ଯେଉଁଥିରେ ବ୍ରହ୍ମପୁରର ସର୍ବାଧିକ ୨୭ଟି, ଭଞ୍ଜନଗରର ୫ଟି ଏବଂ ଆସିକାର ୨ଟି ବ୍ୟବସାୟିକ ପ୍ରତିଷ୍ଠାନ ରହିଛି ।

# ମହେଶ୍ୱରପୁର ପଂଚାୟତରେ ଭିମରାଓ ଆମ୍ବେଦକର ସଂଗଠନ ପକ୍ଷରୁ ସାଂଗଠନିକ ବୈଠକ

ଧର୍ମଶାଳା, ୦୭/୨ (ନି,ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମହେଶ୍ୱରପୁର ପଂଚାୟତରେ ଭିମରାଓ ଆମ୍ବେଦକର ସଂଗଠନ ପକ୍ଷରୁ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପଂଚାୟତ ସଭାପତି ରାଧୁ ଦାସଙ୍କ ତତ୍ୱାବଧାନରେ ଏହି କାର୍ଯ୍ୟକ୍ରମରେ ଭିମରାଓ ଆମ୍ବେଦକର ସେଲୋଟାରିୟମ ଫୋରମ ସଭାପତି ଲିଟୁ ଦାସ, ସଭ୍ୟ ଅନିଲ ମଲ୍ଲିକ ଓ ମହିଳା ସଭ୍ୟା ଟିକିନା ପରିଡା ପ୍ରମୁଖ ଯୋଗଦେଇ ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ବିଶେଷ କରି ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ହୋଇଥିବା ଜଗନ୍ନାଥ ଅର୍ପଣ ରଥ ଗାଁ ଗାଁରୁ ଆରୁଆ ଚାଉଳ ଓ ଗୁଆ ସଂଗ୍ରହ କରାଯାଉଥିବା ସମୟରେ ଏହି ପଂଚାୟତରେ ଏହାର ବ୍ୟତିକ୍ରମ ହୋଇଥିବା ଘଟଣାକୁ ଦୃଢ ନିନ୍ଦା କରିଥିଲେ । ଅର୍ପଣ ରଥ ପରିକ୍ରମା ସମୟରେ ଏହି ପଂଚାୟତର ଦଳିତ ସାହିର ଲୋକେ ଘର ଆଗରେ ଲିପାପୋଛା କରି କଳସ ସ୍ଥାପନ କରି ହାତରେ ଅରୁଆ ଚାଉଳ ଓ ଗୁଆ ଧରି ଅପେକ୍ଷା କରିଥିଲେ । ଏହି ପରିକ୍ରମା ସମୟରେ ମହେଶ୍ୱରପୁର ପଂଚାୟତର ସରପଂଚ ଓ ତାଙ୍କ କର୍ମୀ ଏହି ଦଳିତ ୱାର୍ଡକୁ ପରିକ୍ରମା ରଥ ନ ଯିବାକୁ କହିଥିଲେ । ଫଳରେ ଏହି ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ଅସନ୍ତୋଷ ପ୍ରକାଶ ପାଇଥିଲା । ଏବଂ ଏହି ଘଟଣାକୁ ନେଇ ମାମଲା ବ୍ରହ୍ମବରଦା ଥାନାରେ ପଂହଚି ଥିଲା । ଏତଲା ଦେବା ଘଟଣାକୁ ୨୨ ଦିନ ବିତିଯାଇଥିଲେ ମଧ ବ୍ରହ୍ମବରଦା ଥାନା ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନେବା ତ ଦୂରର କଥା ଏହି ଘଟଣାକୁ ନେଇ ମାମଲା ରୁଜୁ ନ କରି ସେମାନଙ୍କୁ ପରୋକ୍ଷରେ ସହଯୋଗ କରୁଥିବା ନେଇ ଏହି ବୈଠକରେ ଘଟଣାକୁ ଦୃଢ ନିନ୍ଦା କରାଯାଇଥିଲା । ଏହି ଘଟଣାରେ ପୋଲିସ ତୁରନ୍ତ ମାମଲା ରୁଜୁ କରି ଦଳିତମାନଙ୍କୁ ଉଚିତ ନ୍ୟାୟ ଦେବାକୁ ଦାବି କରିବା ସହିତ ନିକଟ ଭବିଷ୍ୟତରେ କିଛି କାର୍ଯ୍ୟାନୁଷ୍ଠାନ ନିଆ ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି । ଏହି ବୈଠକରେ ଅଶୋକ ଦାସ, ନୀଳମଣୀ ଦାସ, ବାବୁଲି ଦାସ, ସାନ୍ତନୁ ଦାସ, ବିକାଶ ଦାସ, ନିର୍ମଳ ଦାସ, ଗୋବିନ୍ଦ ଦାସ, ପର୍ଶୁରାମ ଦାସ, ଘନଶ୍ୟାମ ଦାସ, ବିଦ୍ୟୁଲତା ଦାସ, ସଂଜୁଲତା ଦାସ, ପଦ୍ମଲତା ଦାସ, ଗୋରୀ ଦାସ, ଲବଙ୍ଗ ଦାସଙ୍କ ସମେତ ଶତାଧିକ ଗ୍ରାମବାସୀ ସାମିଲ ହୋଇ ସଂଗଠନ ସମ୍ପର୍କରେ ଆଲୋଚନା କରିଥିଲେ ।

# ରାଜ୍ୟସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଉଦ୍‌ଘାଟିତ

ପୁରୀ, ୦୭/୨ (ନି,ପ୍ର): ପୁରୀ ଜଗନ୍ନାଥ ଷ୍ଟାଡିୟମ ଠାରେ ଆଜି ଠାରୁ ଆରମ୍ଭ ହୋଇଛି ରାଜ୍ୟ ସ୍ତରୀୟ ପୁରୁଷ ଓ ମହିଳା କ୍ରିକେଟ ପ୍ରତିଯୋଗିତା।ନୂଆ ଓ ମାଧମରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଜିଲ୍ଲାପାଳ ବିଜୟ କୁମାର ଦାଶ ଉଦଘାଟନ କରିବା ସହ କ୍ରୀଡା ଶୃଙ୍ଖଳା, ଭାଇଚାରା ଓ ଶାରୀରିକ ସୁସ୍ଥତା ରଖିବାରେ ସହାୟକ ହୋଇଥାଏ ବୋଲି କହିଥିଲେ।ସମସ୍ତ କ୍ଷେତ୍ରରେ ନିଜର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ନିଜ ପାଇଁ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାକୁ ଶ୍ରୀ ଦାଶ ପରାମର୍ଶ ଦେବା ସହ ସଫଳତା ପାଇଁ କ୍ରୀଡାବିତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ହାଇପରଫରମାନ୍ସ କ୍ରୀଡା କେନ୍ଦ୍ର ର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବରିଷ୍ଠ ପରାମର୍ଶଦାତା ପ୍ରବୀର ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡା ସଂଘର ପୂର୍ବତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇ କ୍ରୀଡାବିତଙ୍କୁ ଉତ୍ସାହିତ କରିଥିଲେ। ପରେ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅତିଥି ମାନେ ପଡିଆ ମଧ୍ୟରେ କ୍ରୀଡାବିତଙ୍କ ସହ ପରିଚିତ ହୋଇ ଶୁଭେଚ୍ଛା ଜଣାଇଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ୩୦ଟି ଯାକ ଜିଲ୍ଲାରୁ ୩୦ଟି ଲେଖାଏଁ ପୁରୁଷ ଓ ମହିଳା ଦଳ ଅଶଂଗ୍ରହଣ କରିଛନ୍ତି। ପୁରୁଷ ଦଳର କ୍ରିକେଟ ପ୍ରତିଯୋଗିତା ଜଗନ୍ନାଥ ଷ୍ଟାଡିୟମରେ ଓ ମହିଳା ଦଳର ପ୍ରତିଯୋଗିତା ଜିଲ୍ଲା ସ୍କୁଲ ପଡିଆ ଠାରେ ୧୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ବୋଲି କ୍ରୀଡା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି।

# ମାଲକାନଗିରି ମତୁଆ ସମାଜରେ ଫାଟ

ମାଲକାନଗିରି, ୦୭/୨ (ନି,ପ୍ର): ମାଲକାନଗିରି ଜିଲ୍ଲାର ମତୁଆ ସମାଜର ବିଭିନ୍ନ ସମସ୍ୟା ଓ ଅଭିଯୋଗର ସମାଧାନ ପାଇଁ, ମାଲକାନଗିରି ଜିଲ୍ଲାର ପୋଟେରୁ ସ୍ଥିତ ହରି ମନ୍ଦିର ଠାରେ, ଶହ ଶହ ମତୁଆ ଭକ୍ତ ମାନଙ୍କ ଉପସ୍ଥିତିରେ ଗୋଟିଏ ସାଧାରଣ ସଭା ଆୟୋଜିତ ହୋଇଥିଲା। ଉକ୍ତ ସଭାରେ ମତୁଆ ସମାଜର କର୍ମକର୍ତା ଯଥାକ୍ରମେ କମଲେଶ ରାୟ, ପ୍ରହଲ୍ଲାଦ ବସୁ ଏବଂ ପରିତୋଷ ସର୍ଦ୍ଦାର ଅଭିଯୋଗ ଆଣି ବକ୍ତବ୍ୟ ରଖିଥିଲେ ଯେ, ମତୁଆ ସମାଜର କେତେକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ, ଗୁରୁ ତଥା କର୍ମକର୍ତାମାନେ ମତୁଆ ମାନେ ହିନ୍ଦୁ ନୁହନ୍ତି ବୋଲି କହିବା ସଙ୍ଗେ ସଙ୍ଗେ ସେମାନଙ୍କ ଧର୍ମ ଅଲଗା ବୋଲି ପ୍ରଚାର କରୁଛନ୍ତି। ଏଥିସହିତ ସେମାନେ ହିନ୍ଦୁ ଦେବାଦେବୀଙ୍କୁ ଗାଳିଗୁଲଜ ମଧ କରୁଛନ୍ତି । ଫଳରେ ସମାଜରେ ମତୁଆ ସମ୍ପ୍ରଦାୟ ବିଷୟରେ ଗୋଟିଏ ଭୁଲ ବାର୍ତା ଯାଉଛି । ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ଏମାନେ ମତୁଆ ସମାଜରେ ରାଜନୀତି ପୁରାଇ, ଗୋଟିଏ ବିଶେଷ ରାଜନୈତିକ ଦଳର ନେତାମାନଙ୍କୁ ହରି ମନ୍ଦିର ହତା ଭିତରକୁ ଆଣି ଜନସଭା କରାଉଛନ୍ତି ଏବଂ ସେହି ଦଳର ନେତା ମନ୍ତ୍ରୀ ମାନଙ୍କୁ ସ୍ୱାଗତ କରିବା ଓ ପାଛୋଟି ଆଣିବା ପାଇଁ, ଝିଅ ବହୁ ମାନଙ୍କୁ ନିଯୁକ୍ତ କରାଇବା ସହ ସମ୍ପ୍ରଦାୟର ନିୟମ ବିରୁଦ୍ଧରେ ଯାଇ ମତୁଆ ମତବାଦର ପ୍ରତୀକ ''ନିଶାନ'' ବା ପତାକା ଏବଂ ବିଶିଷ୍ଟ ବାଦ୍ୟଯନ୍ତ୍ର ''ଡଙ୍କା'' ବ୍ୟବହାର କରି ମତୁଆ ସମାଜକୁ ଅପମାନିତ କରୁଛନ୍ତି। ଏହି ମୁଷ୍ଟିମେୟ ସଦସ୍ୟ ଏବଂ ଗୁରୁ ମାନେ ନିଜର ନ୍ୟସ୍ତ ସ୍ୱାର୍ଥ ପାଇଁ ଗାଁ ଗାଁ ବୁଲି, ଗୋଟିଏ ବିଶେଷ ରାଜନୈତିକ ଦଳକୁ ଭୋଟ ଦେବା ପାଇଁ ମତୁଆ ଭକ୍ତ ମାନଙ୍କୁ ପ୍ରବର୍ତାଉଛନ୍ତି। ଏହା ଫଳରେ ସମ୍ପୂର୍ଣ୍ଣ ନିରପେକ୍ଷ ମତୁଆ ସମାଜ ସେମାନଙ୍କର ଆଦର୍ଶ ଠାରୁ ଦୂରେଇ ଯାଉଛନ୍ତି ଏବଂ ମତୁଆ ସମାଜର ଶାନ୍ତି ଶୃଙ୍ଖଳା ଏବଂ ଏକତା ଉପରେ ଆଂଚ୍ ଆସୁଛି। ସେମାନେ କହିଛନ୍ତି ଯେ, ଆମ ପାଖରେ ଓଡ଼ିଶା ତଥା ଭାରତର ସମସ୍ତ ରାଜନୈତିକ ଦଳ ସମାନ ଏବଂ ଆମ ମତୁଆ ସମ୍ପ୍ରଦାୟ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମାଜର ମଙ୍ଗଳ ପାଇଁ ଉତ୍ସର୍ଗୀକୃତ। ଆମ ସମାଜର ଲୋକେ ଯାହାକୁ ଇଚ୍ଛା ଭୋଟ ଦେବେ, କାରଣ ଏହା ସେମାନଙ୍କ ସମ୍ବିଧାନ ପ୍ରଦତ ମୌଳିକ ଅଧିକାର, ଏଣୁ ଗୋଟିଏ ବିଶେଷ ରାଜନୈତିକ ଦଳକୁ ଭୋଟ ଦେବା ପାଇଁ ଏମାନଙ୍କୁ ବାଧ କରିବା ନିୟମ ବିରୁଦ୍ଧ । ତେଣୁ ସମଗ୍ର ମତୁଆ ସମାଜର ମଙ୍ଗଳ ପାଇଁ, ଏମାନେ ମତୁଆ ମତବାଦର ଆଦର୍ଶକୁ ମାନି କାର୍ଯ୍ୟ କରନ୍ତୁ ବୋଲି ଦାବି ଜଣାଇଥିଲେ।

# ଲୋଇସିଂହା ବ୍ଲକରେ ଆତ୍ମରକ୍ଷା ତାଲିମ୍ ଶିବିର

ବଲାଙ୍ଗିର, ୦୭/୨ (ନି,ପ୍ର): ଲୋଇସିଂହା ବ୍ଲକ ଆସିଡିଏସ୍ ମିଟିଂ ହଲ ଠାରେ ବଲାଙ୍ଗିର ଜିଲ୍ଲା କରାଟେ ଅର୍ଗାନାଇଜେନସନ ତରଫରୁ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲୋଇସିଂହା ବ୍ଲକର ୬୨ଜଣ କିଶୋର ଛାତ୍ରୀ ଭାଗ ନେଇଥିଲେ । ଏହି କାର୍ଯ୍ୟକ୍ରମଟି ଦୁଇ ଦିନ ଚାଲିବ ବୋଲି ଆନ୍ତର୍ଜାତୀୟ କରାଟେ ସ୍ୱର୍ଣ୍ଣପଦକ ବିଜେତା କରାଟେ କୋଚ ତଥା ରାଜ୍ୟ ସରକାର ପ୍ରକୃତିମିତ୍ର ପୁରସ୍କାର ପ୍ରାପ୍ତ ଅସିମ କୁମାର ଭୋଇ ସୂଚନା ଦେଇଛନ୍ତି । କାର୍ଯ୍ୟକ୍ରମକୁ ସିଡିପିଓ ଗାୟତ୍ରି ବାରିକ ଉଦ୍ଘାଟନ କରିଥିବା ବେଳେ ସମସ୍ତ ମହିଳା ସୁପରଭାଇଜର ସହଯୋଗ କରିଥିଲେ । ସେଲ୍ଫ ଡିଫେନ୍ସ ଏକ୍ସପାର୍ଟ ଅସିମ କୁମାର ଭୋଇ ଓ ସ୍ୱୟଂପ୍ରଭା ବ୍ରହ୍ମା ଆତ୍ମରକ୍ଷା କୌଶଳ ଟ୍ରେନିଂ ପ୍ରଦାନ କରୁଛନ୍ତି ।

# ବିଶ୍ୱହିନ୍ଦୁ ପରିଷଦର ସାଧାରଣ ବୈଠକ

କୋରେଇ, ୦୭/୨ (ନି,ପ୍ର): ପାଣିକୋଇଲିସ୍ଥିତ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରେ ଯାଜପୁର ଜିଲ୍ଲା ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରାଜ୍ୟ ବିଶ୍ୱହିନ୍ଦୁ ପରିଷଦ ସଙ୍ଗଠନର ମନ୍ତ୍ରୀ ଶରତ ପ୍ରଧାନ ଯୋଗ ଦେଇ ରାମ ମନ୍ଦିର ପ୍ରତିଷ୍ଠା ଓ ରାମ ମନ୍ଦିରରୁ ଆସିଥିବା ଅକ୍ଷତ ଅଭିଯାନ କାର୍ଯ୍ୟକ୍ରମକୁ ସଫଳ ରୁପାୟନ କରାଇଥିବା ସମସ୍ତ ବଜରଙ୍ଗ ଦଳ ଓ ବିଶ୍ୱ ହିନ୍ଦୁ ପରିଷଦର କାର୍ଯ୍ୟକର୍ତାଙ୍କ ସହିତ ଯାଜପୁର ଜିଲ୍ଲାର ସମସ୍ତ ଶ୍ରୀ ରାମଙ୍କ ଭକ୍ତ ମାନଙ୍କୁ ସାଧୁବାଦ ଜଣାଇଥିଲେ। ଏଥି ସହିତ ଯାଜପୁର ଜିଲ୍ଲାର ବିଭିନ୍ନ ପ୍ରଖଣ୍ଡ ସ୍ତରରୁ ଆସିଥିବା ଏବଂ ହିନ୍ଦୁତ୍ୱ ବିଚାର ଅନୁପ୍ରାଣିତ ହୋଇଥିବା ନୁତନ ଯୁବକ ମାନଙ୍କୁ ନୁତନ କୌଶଳରେ କାର୍ଯ୍ୟକରି ସଙ୍ଗଠନ ମଜବୁତ କରାଇବାର ମାର୍ଗ ଦର୍ଶନ କରାଇଥିଲେ। ଗତ ସେପ୍ଟେମ୍ବର ମାସ ୧୬ ତରିଖରୁ ଜିଲ୍ଲା ଓ ପ୍ରଖଣ୍ଡର ସମସ୍ତ କାର୍ଯ୍ୟକର୍ତା ଦାୟିତ୍ୱ ମୁକ୍ତ ହୋଇଥିଲେ ମଧ୍ୟ କିଛି ବିଶୃଙ୍ଖଳିତ କାର୍ଯକର୍ତା ନିଜକୁ ଦାୟିତ୍ୱରେ ଥିବାର ପ୍ରଚାର କରି ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ବ୍ୟାନରରେ କାର୍ଯ୍ୟକ୍ରମ କରୁଛନ୍ତି ଯାହାକି ସଙ୍ଗଠନର ମାନହାନୀ ହେଉଛି। ସେଥିପାଇଁ ପୁନଶ୍ଚ ଆଉଥରେ ପ୍ରେସ ବାର୍ତା ମାଧ୍ୟମରେ ହିନ୍ଦୁ ଜନମାନସକୁ ଏଭଳି ବିଶୃଙ୍ଖଳିତ ସଦସ୍ୟଙ୍କ ପ୍ରରୋଚନାରେ ନ ପଡ଼ିବାକୁ ନିବେଦନ କରିଛନ୍ତି ।

# ଷଣ୍ଢ ଚାଲାଣ ଟ୍ରକର ମାଲିକ ଗିରଫ

କୋରେଇ, ୦୭/୨ (ନି,ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଲେଇପୁର ପଂଚାୟତର ରାମପୁର ଶଗଡ଼ି ଗ୍ରାମରେ ଗତ ଜାନୁଆରୀ ମାସ ୧୭ ତାରିଖ ବିଳମ୍ବିତ ରାତିରେ ଏକ ଆଇଚର ଗାଡ଼ିରେ ଷଣ୍ଢଚାଲାଣ ହେଉଥିବାର ଖବର ପାଇ ଯାଜପୁର ଏସପି ଭିନିତ ଅଗ୍ରଓ୍ୱାଲଙ୍କ ନିର୍ଦ୍ଦେଶ କ୍ରମେ ଯାଜପୁର ରୋଡ଼ ଉପଖଣ୍ଡ ଅରକ୍ଷୀ ଅଧିକ୍ଷକ ସଂଜୟ ପଟ୍ଟନାୟକ, ପାଣିକୋଇଲି ଥାନଧିକାରୀ ଲିଜାରାଣୀ ବିଶ୍ୱାଳ,ସବଇନିସପେକ୍ଟର ବିଶ୍ୱରଂଜନ ଦାସ, କନେଷ୍ଟବଳ ମନମୋହନ ବାରିକ ପ୍ରମୂଖ ଚଢାଉ କରି ଗ୍ରାମର ସେକ ତବାରକଙ୍କ ଘର ପଛପଟେ ଏକ ଆଇଚର ଟ୍ରକରେ ଅମାନୁଷିକ ଭାବେ ବନ୍ଧା ହୋଇଥିବା ଷଣ୍ଢଙ୍କୁ ମୁକ୍ତ କରିବା ସହିତ ଟ୍ରକକୁ ଜବତ କରିଥିଲେ। ଏ ନେଇ ଥାନାର ସବଇନିସପେକଟର ବିଶ୍ୱରଂଜନ ଦାସ ଲିଖିତ ଭାବେ ଅଭିଯୋଗ କରିବା ପରେ ଏକ ମାମଲା ୪୪/୨୪ ରୁଜୁ ହୋଇ ତଦନ୍ତ ଚାଲୁଥିଲା। ତେବେ ପୁଲିସର ଅତିର୍କିତ ଚଢାଉରେ ଅନ୍ୟ ବେପାରୀ ମାନେ ଖସି ଯିବାକୁ ସମର୍ଥ ହୋଇଥିଲେ। ଉକ୍ତ ଚାଲାଣରେ ବ୍ୟବହୃତ ଆଇଚର ଟ୍ରକର ଚାଳକ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ବହର୍ଦ୍ଦା ବାଜାରର ଶେଖ ସମିରୁଦ୍ଦିନଙ୍କ ପୁଅ ଶେଖ ରହିମୁଦ୍ଦିନକୁ ପୁଲିସ ଗିରଫ କରି ଆଜି ଅଦାଲତ ଚାଲାଣ କରାଯାଇଛି ବୋଲି ଥାନାର ସବଇନିସପେକ୍ଟର ପ୍ରକାଶ କୁମାର ପ୍ରଧାନଙ୍କ ସୂତ୍ରରୁ ପ୍ରକାଶ । ତେବେ ପୁଲିସ ନାମକୁ ମାତ୍ର ଚାଳକ ଓ ମାଲିକକୁ ଗିରଫ କରି ଅଦାଲତ ଚାଲାଣ କରୁଥିବା ବେଳେ କିନ୍ତୁ ବେପାରୀ ଓ ଦଲାଲ ମାନଙ୍କୁ ଗିରଫ କରିବା ଲାଗି ସାହାସ ଜୁଟାଇ ପାରୁନାହିଁ।

# କୁଡୁମୀ ସମାଜର ଜରୁରୀ ବୈଠକ




ମୟୂରଭଂଜ, ୭/୨ (ନି.ପ୍ର):ଆଦିବାସୀ କୁଡୁମୀ ସମାଜର ଏକ ଜରୁରୀ ବୈଠକ ସ୍ୱାଗତୀକା କନଫରେନ୍ସ ହଲ,ବାରିପଦା ଠାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ ଡାକ୍ତର ମନୋଜ କୁମାର ମହାନ୍ତ, ଆଦିବାସୀ କୁଡୁମୀ ସମାଜର ରାଜ୍ୟ ସଭାପତି ଅଧ୍ୟକ୍ଷତା କରିଥିଲେ । ଗତ ତା. ୩୦.୦୧.୨୦୨୪ ରିଖରେ ମନ୍ତ୍ରୀ ଶ୍ରୀଯୁକ୍ତ ସୁଦାମ ମାରାଣ୍ଡି, ଓଡ଼ିଶାର ୧୬୯ଟି ଜନଜାତିକୁ ଅନୁସୂଚୀତ ଜନଜାତି ମାନ୍ୟତା ପାଇଁ କେନ୍ଦ୍ର ସରକାରଙ୍କୁ ସୁପାରିଶ କରିଛନ୍ତି ବୋଲି ବିଭିନ୍ନ ପତ୍ର ପତ୍ରିକାରେ ପ୍ରକାଶିତ ହୋଇଥିଲା । ମାତ୍ର ଦୀର୍ଘ ଦିନରୁ କେନ୍ଦ୍ର ସରକାରଙ୍କୁ ଅନୁସୂଚୀତ ଜନଜାତି ପାଇଁ ସୁପାରିଶ କରିବାକୁ ଆନ୍ଦୋଳନ କରିଆସୁଥିବା କୁଡୁମୀ ଜନଜାତି ସରକାରଙ୍କ ପ୍ରକାଶିତ ତାଲିକାରେ ନାମ ନ ଥିବାରୁ ଏହି ଜନଜାତି କ୍ଷୋଭ ଓ ଦୁଃଖ ପ୍ରକାଶ କରିଥିଲେ । ଫଳ ସ୍ୱରୂପ ଏଥିରେ ତୀବ୍ର ପ୍ରତିକ୍ରିୟା ରୂପେ ଆଜିର ସଭା ଅନୁଷ୍ଠିତ ହୋଇଥିଲା । ସଭାରେ ବିଭିନ୍ନ ବକ୍ତା ରାଜ୍ୟ ସରକାରଙ୍କୁ ବିଷୋଦଗାର କରିଥିଲେ । ୧୯୫୨ ମସିହାରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବ ବାବୁଙ୍କ ଠାରୁ ଅଧୁନା ନବୀନ ପଟ୍ଟନାୟକ, ପ୍ରଧାନମନ୍ତ୍ରୀ ମୋଦୀ ପର୍ଯ୍ୟନ୍ତ ପୁନଶ୍ଚ ଜାନକୀ ପଟ୍ଟନାୟକଙ୍କ ଠାରୁ ନରସୀମା ରାଓ ପର୍ଯ୍ୟନ୍ତ ଭାରତ ବର୍ଷର ସମସ୍ତ ଦଳର ଶାସକ ମୁଖ୍ୟମାନଙ୍କୁ ଆବେଦନ ଓ ନିବେଦନ କରିଥିଲେ ମଧ୍ୟ ଫଳ ଶୂନ । କୁଡୁମୀ ନିଜର ଜାତି ସତ୍ତା ଜାତିର ଅସ୍ମିତା , ଜାତିର ପରିଚୟ ବଞ୍ଚାଇ ରଖିବା ପାଇଁ ଏବେବି ଉଦ୍ୟମରତ । ଆଜି ପର୍ଯ୍ୟନ୍ତ କୁଡୁମୀମାନେ ବିଭିନ୍ନ ଶାସକ ଦଳକୁ ଭୋଟ ଦେଇ ଆସୁଛନ୍ତି । ମାତ୍ର ଏହି ଜନଜାତି ଦାବୀ କଥା କେହି କର୍ଣ୍ଣପାତ କରୁ ନ ଥିବାରୁ ସଭାରେ ସମସ୍ତେ କ୍ଷୋଭ ପ୍ରକାଶ କରିଥିଲେ । କୁଡୁମୀ ଯେହେତୁ କାହାରି ନୁହେଁ କୁଡୁମୀ ମଧ୍ୟ କୌଣସି ଦଳର ହେବ ନାହିଁ । ଯେଉଁ ଦଳ କୁଡୁମୀର ହିତରେ ଛିଡା ହେବ ତା ପଛରେ କୁଡୁମୀ ଛିଡା ହେବ । ଆମର କେହି ନୁହେଁ ତ ଆମେ କାହିଁକି ତାଙ୍କର ହେବା । ଏହି ନିଷ୍ପତ୍ତିରେ ଅଟଳ ରହି ସଭାରେ ସିଦ୍ଧାନ୍ତ ଗ୍ରହଣ କରାଗଲା କି ଯେ କୁଡୁମୀ ଜାତିକୁ ଅନୁସୂଚୀତ ଜନଜାତିରେ ତାଲିକାଭୁକ୍ତ ନ କରନ୍ତି ତେବେ ଆମ୍ଭେ ଭୋଟ ଦେବୁ ନାହିଁ । ସଭାରେ ଜିଲ୍ଲା ସଭାପତି ନିରଂଜନ ମହାନ୍ତ, ରାଜ୍ୟ ସଂଯୋଜକ ସଂଜୀବ ମହାନ୍ତ, ପରିକ୍ଷିତ ମହାନ୍ତ, ମନୋରଂଜନ ମହାନ୍ତ, ଧନୟ ମହାନ୍ତ, ତ୍ରିଲୋଚନ ମହାନ୍ତ, ଲକ୍ଷ୍ମୀଧର ମହାନ୍ତ, ନଳୀନ ଚନ୍ଦ୍ର ମହାନ୍ତ, ରତିକାନ୍ତ ମହାନ୍ତ, ଆଡଭୋକେଟ ବସନ୍ତ କୁମାର ମହାନ୍ତ, କୃପାସିନ୍ଧୁ ମହାନ୍ତ, ପ୍ରମୋଦ କୁମାର ମହାନ୍ତ, ଭବାନୀ ଶଙ୍କର ମହାନ୍ତ, ଯୁବ ଛାତ୍ର ସଭାପତି ସ୍ନେହାଶିଷ ମହାନ୍ତ, ଶ୍ରୀମତୀ ବାସନ୍ତୀ ମହାନ୍ତ, ସୁଶାନ୍ତି ମହାନ୍ତ, ଅନୀତାମଣି ମହାନ୍ତ ସହିତ ଶତାଧିକ କୁଡୁମୀ ମହିଳା ଓ ପୁରୁଷ ଉପସ୍ଥିତ ଥିଲେ ।

# ମେଧାବୀଙ୍କୁ ବୃତ୍ତିରାଶି ଓ ପ୍ରମାଣପତ୍ର ପ୍ରଦାନ



ବେତନଟୀ ୭/୨ : ଆଜି ସ୍ୱର୍ଗତ ଶ୍ରୀ ବାଞ୍ଛାନିଧି ରଥ ଓ ସ୍ୱର୍ଗତ ଶ୍ରୀମତୀ ଶୈଳବାଳା ରଥଙ୍କ ସ୍ମୃତିରେ ତାଙ୍କ ସୁପୁତ୍ର, ବେତନଟୀର ପୂର୍ବତନ ବିଦ୍ୟୁତ୍ ବିଭାଗ ଅଧିକାରୀ ଶ୍ରୀ ତିର୍ଥବାସୀ ରଥ ଏବଂ ପୁତ୍ରବଧୂ ଶ୍ରୀମତୀ ସ୍ନେହଲତା ରଥ ସପରିବାରଙ୍କର ସହଯୋଗ ତଥା ଉପସ୍ଥିତିରେ ମେଧାବୀଙ୍କୁ ବୃତ୍ତିରାଶି , ପ୍ରମାଣ ପତ୍ର ଓ ପଦକ ପ୍ରଦାନ କରାଯାଇଛି । ଏହି ବୃତ୍ତି ପ୍ରଦାନ କାର୍ଯ୍ୟକ୍ରମରେ ବେତନଟୀ ବ୍ଲକ୍ ଅତିରିକ୍ତ ଶିକ୍ଷା ଅଧାକାରୀ ଗୋପାଳ ଚନ୍ଦ୍ର ସେନାପତିଙ୍କ ସମେତ ବ୍ଲକ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ, ମେଧାବୀ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ । ତୀର୍ଥବାସୀଙ୍କ ବାପା ସ୍ୱର୍ଗତ ବାଞ୍ଛାନିଧି ରଥ ବେତନଟୀ ବ୍ଲକ୍‌ର ସ୍କୁଲ ଇନ୍ସପେକ୍ଟର ଥିଲେ ତା ସହିତ ମା' ଶୈଳବାଳା ରଥ ବେତନଟୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଥିଲେ । ପିଲାଙ୍କ ମନରେ ପାଠପଢା ପ୍ରତି ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ସେମାନଙ୍କ ସ୍ମୃତିରେ ଏହି ପ୍ରୋତ୍ସାହନ ରାଶି ଦିଆଯାଉଥିବା ତୀର୍ଥବାସୀ ସୂଚନା ଦେଇଛନ୍ତି । ଏଥର ବେତନଟୀ ବ୍ଲକ୍‌ର ଚତୁର୍ଥ ଶ୍ରେଣୀରେ ୧ମ ହୋଇଥିବା ଛାତ୍ରଙ୍କୁ ୨ ହଜାର ଟଙ୍କା ବଦଳରେ ୩ହଜାର ଟଙ୍କା, ୨ୟ ହୋଇଥିବା ଛାତ୍ରଙ୍କୁ ୨୦୦୦ ଟଙ୍କା ବଦଳରେ ୨୫୦୦ଟଙ୍କା, ୩ୟ ଶ୍ରେଣୀର ପ୍ରଥମ ହୋଇଥିବା ଛାତ୍ରଙ୍କୁ ୧୫୦୦ଟଙ୍କା ବଦଳରେ ୨୦୦୦ ଟଙ୍କା ଏବଂ ୨ୟ ହୋଇଥିବା ଛାତ୍ରଙ୍କୁ ୧୦୦୦ ବଦଳରେ ୧୫୦୦ ଟଙ୍କାକୁ ବୃତ୍ତିରାଶି ବୃଦ୍ଧି ଦିଆଯାଇଛି । ସେହିପରି ୨୦୨୩-୨୪ ଶିକ୍ଷା ବର୍ଷର କୃତୀ ଛାତ୍ରଛାତ୍ରୀମଧ୍ୟରେ ବେତନଟୀ ବ୍ଲକ ଚତୁର୍ଥଶ୍ରେଣୀରେ ୧ମ ହୋଇଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଗଡ଼ଦେଉଳିଆର ଅବିନାଶ ମହାନ୍ତି, ମିଲନଦେବି ଶିଶୁ ମନ୍ଦିର ଦହିକୋଟି ସ୍କୁଲର ମୋହିତୋଷ ମହାନ୍ତ, ୩ୟ ଶ୍ରେଣୀର ପ୍ରଥମ ହୋଇଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବୈଶିଙ୍ଗାର ପ୍ରିୟାଂଶି ଆଚାର୍ଯ୍ୟ, ସରସ୍ୱତୀ ଶିଶୁ ମନ୍ଦିର ଗଡ଼ାଦେଉଳିଆର ସଞ୍ଚିସ୍ମିତା ପଣ୍ଡାଙ୍କୁ ପ୍ରୋତ୍ସାହନ ରାଶି ସହ ପ୍ରମାଣପତ୍ର ଦିଆଯାଇଥିଲା । ଏହି ବୃତ୍ତି ରାଶି ପ୍ରତି ବର୍ଷ ଏହି ପରି ଛାତ୍ରଛାତ୍ରୀମାନଙ୍କୁ ପ୍ରଦାନ କରାଯାଉଥିବ ବୋଲି ତୀର୍ଥବାସୀ ସୂଚନା ଦେଇଛନ୍ତି ।

# ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟର ବାର୍ଷିକ ଉତ୍ସବ

ବାଲେଶ୍ୱର, ୭/୨ (ନି.ପ୍ର): ଜିଲ୍ଲାର ଅନ୍ୟତମ ପୁରାତନ ଶିକ୍ଷାନୁଷ୍ଠାନ ମୋତିଗାଞ୍ଜ ବଜାର ସ୍ଥିତ ଶ୍ରୀ ରାଧାକୃଷ୍ଣ ହିନ୍ଦୀ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ବିଦ୍ୟାଳୟ ର ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ମଧୁସ୍ମିତା ନାୟକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ସମାଜସେବୀ ଶ୍ରୀଯୁକ୍ତ ମଦନ ମୋହନ ଖଣ୍ଡେଲୱାଲ ଉତ୍ସବ କୁ ଉଦଘାଟନ କରି ପିଲାମାନଙ୍କର ଭବିଷ୍ୟତ ଗଢିବା ପଛରେ ଶିକ୍ଷକ ଶିକ୍ଷୟତ୍ରୀ ଙ୍କ ର ଯେତିକି ଭୂମିକା ଥାଏ ମା ମାନଙ୍କ ର ମଧ୍ୟ ଭୂମିକା ସେତିକି ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ । ବିଦ୍ୟାଳୟ ର ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷୟତ୍ରୀ ଅଥିତି ଭାବେ ଯୋଗଦେଇ କହିଥିଲେ ପିଲାମାନେ




କର୍ମଠ ଓ ନିଷ୍ଠାବାନ ହେବାପାଇଁ । ଆଲମୁନି ର ସଭାପତି ଶ୍ରୀଯୁକ୍ତ ଓମପ୍ରକାଶ ଅଗ୍ରୱାଲ ନିଜର ବକ୍ତବ୍ୟ ରଖିଥିଲେ । ପ୍ରାରମ୍ଭ ରେ ବିଦ୍ୟାଳୟ ର ଶିକ୍ଷୟତ୍ରୀ ଶ୍ରୀମତୀ ମୋନାଲିସା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଶ୍ରୀ ଶାନ୍ତି ସ୍ୱରୂପ ମିଶ୍ର ସଭା ଆରମ୍ଭ ରୁ ଶେଷ ଯାଏ ସଭା କୁ ସଂଯୋଜନା କରିଥିଲେ । ଶେଷରେ ବରିଷ୍ଠ ଶିକ୍ଷୟତ୍ରୀ ଶ୍ରୀମତୀ ଅନିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟ ର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମାନେ ଏହି କାଯ୍ୟକ୍ରମ ରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ ।

# ମନ୍ଦାରି ପ୍ରିମିୟରଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

ବାସୁଦେବପୁର, ୭/୨ (ନି.ପ୍ର): ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ମନ୍ଦାରି କଲେଜ ପଡିଆରେ ମନ୍ଦାରି ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ସାହାଡ଼ା ଟିମ୍ କୁ ହରାଇ ଭଦ୍ରକ ଟିମ୍ ବିଜୟ ଲାଭ କରିଥିଲା । ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବିଶିଷ୍ଟ ଶିଳ୍ପପତି ତଥା ପୌର ପଳିକା ଅଧ୍ୟକ୍ଷା ନିବେଦିତା ବେହେରାଙ୍କ ପ୍ରତିନିଧି ଶୁଭେନ୍ଦୁ ଭୂଷଣ ବେହେରା । ବାସୁଦେବପୁର ବିଧାୟକଙ୍କ ପ୍ରତିନିଧି ଅସିତ୍ କୁମାର ଦାଶ, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ, ସମାଜସେବୀ ମାନସ ସାହୁ, ବିଜେଡ଼ି ଛାତ୍ର ସଭାପତି କାଳନ୍ଦୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳି ଙ୍କୁ ଉତ୍ସାହିତ କରିଥିଲେ । ମୁଖ୍ୟ ଆୟୋଜକ ମୁକେଶ ଭୋଇ ଓ କ୍ଲବ୍ର ସମସ୍ତ ସଦସ୍ୟ ଏହି ଖେଳରେ ସହଯୋଗ କରିଥିଲେ । ବିଜୟୀ ଦଳକୁ ଚାମ୍ପିଅନ ଟ୍ରଫି ଓ ତିରିଶ ହଜାର ଟଙ୍କା ଅର୍ଥରାଶି ଓ ରନାର୍ସ ଅପ ଦଳକୁ କୋଡ଼ିଏ ହଜାର ଟଙ୍କାର ଅର୍ଥରାଶି ଅନୁଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିଲା । ଖୁବ୍ ଆକର୍ଷଣୀୟ ଖେଳକୁ ସମସ୍ତେ ଉପଭୋଗ କରିଥିଲେ।




# ବନ୍ୟାଜଳ ଉଦ୍ଧାର ନିମନ୍ତେ ମକ ଏକ୍ସରସାଇଜ ଅନୁଷ୍ଠିତ




ବାଲେଶ୍ୱର, ତା: ୦୭/୦୨: ବାଲେଶ୍ୱର ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଏନଡ଼ିଆରଏଫର ମିଳିତ ଆନୁକୂଲ୍ୟରେ ଆଜି ବାଲେଶ୍ୱର ବ୍ଲକ ବଇଁଚା ପଞ୍ଚାୟତସ୍ଥିତ ବାଲୀଘାଟ ନିକଟରେ ବନ୍ୟାଜଳ ଉଦ୍ଧାର ନିମନ୍ତେ ମକ ଏକ୍ସରସାଇଜ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରୀ ସାଇକୃଷ୍ଣ ଜେନା, ବାଲେଶ୍ୱର ସଦର ତହସିଲଦାର ଶ୍ରୀ ଆଶିଷ କୁମାର ମହାପାତ୍ର, ଏନଡ଼ିଆରଏଫ, ଓଡ୍ରାଫ, ଅଗ୍ନିସମ ବାହିନୀ, ପୁଲିସ, ସ୍ୱାସ୍ଥ୍ୟ, ବିଦ୍ୟୁତ ଆଦି ବିଭାଗୀୟ ଅଧିକାରୀ, ଓସ୍ମା ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶ୍ରୀ ଜ୍ୟୋତିର୍ମୟ ବିଶ୍ୱାଳ, ସମ୍ପର୍କ ଏନଜିଓ ପ୍ରତିନିଧି ଶ୍ରୀ ପ୍ରଦୀପ କୁମାର ଜେନା, ସ୍ଥାନୀୟ ସରପଞ୍ଚ ଶ୍ରୀରବୀନ୍ଦ୍ର କୁମାର ପ୍ରଧାନ, ଆପଦମିତ୍ର ତଥା ସ୍ଥାନୀୟ ଅଧିବାସୀ ବହୁଳ ସଂଖ୍ୟାରେ ଯୋଗଦେଇ ଏହି କାର୍ଯ୍ୟକ୍ରମକୁ ସଫଳ ରୂପାୟନ କରିଥିଲେ। ବନ୍ୟା ସମୟରେ କିପରି ଜନସାଧାରଣଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇ ପାରିବ ଏବଂ ନିଜର ଘରୋଇ ଆସବାବପତ୍ରରେ ଉନ୍ନତ ଜ୍ଞାନକୌଶଳ ମାଧ୍ୟମରେ କିପରି ପ୍ରତ୍ୟେକ ବ୍ୟକ୍ତି ନିଜକୁ ବଞ୍ଚାଇପାରିବ ସେ ବିଷୟରେ ଏନଡ଼ିଆରଏଫ ଅଧିକାରୀଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିଲା । ଏଥି ସହିତ ସ୍ଥାନୀୟ ଅଞ୍ଚଳ ଲୋକମାନେ କିପରି ଏନଡ଼ିଆରଏଫ, ଓଡ୍ରାଫ, ଅଗ୍ନିସମ ବାହିନୀ ସହ ଯୋଗାଯୋଗ ସ୍ଥାପନ କରି ନିଜର ଜ୍ଞାନ କୌଶଳ ବଢାଇପାରିବେ ସେ ବିଷୟରେ ଆଲୋଚନା କରାଯାଇଥିଲା । ଶେଷରେ ସରପଞ୍ଚ ଶ୍ରୀରବୀନ୍ଦ୍ର କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

OFFICE OF THE PRINCIPAL
DR.HAREKRUSHNA MAHATAB COLLEGE, KUPARI, BALASORE
NAAC ACCREDITED B+
AT/PO-KUPARI,DIST-BALASORE, ODISHA,PIN-756059
EMail- hkmcollegekupari@gmail.com / Website-http://www.drhkmcollege.in/

Letter No- 722

**WALK IN INTERVIEW**

An interview for the post of Data Entry Operator & Jr. Clerk will be held at 11.A. M. on 22.02.2024 in the Principals office .The interesting candidates with the Graduation pass having PGDCA are to face with the xerox & original certificates and marksheets, for the post of Jr.Clerk priority will be given to the retired person less than 65 Years from any recognized college.

Principal
Dr. H.K.Mahatab College,
Kupari, Dis- Balasore, Odisha

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଓଡ଼ିଆ ନୂଆବର୍ଷ କେଉଁ ତାରିଖରେ...

ବୈକୁଣ୍ଠ ନାଥ ନାୟକ କହିଛନ୍ତି, ଭାରତ ସରକାରଙ୍କ ପାଞ୍ଜିରେ ୧୩ ତାରିଖ ରାତି ୯ଟା ୪ରେ ସୂର୍ଯ୍ୟ ମେଷ ରାଶିକୁ ଯିବେ। ରାଧାରମଣ ପଞ୍ଜିକା ଗଣନାକାର ସଞ୍ଜୟ ଶତପଥୀ କହିଛନ୍ତି, ମୀନ ମାସ ଭୋଗ ରବିଙ୍କର ୩୧ ଦିନ ପଡ଼ିଛି। ସେହି ଦୃଷ୍ଟିରୁ ଗୋଟିଏ ଦିନ ଯେହେତୁ ସେପଟେ ବଢ଼ିଲା, ସେଥିପାଇଁ ଆମର ୧୪ ତାରିଖରେ ପଡ଼ିବ। ଆମେ ତାକୁ ସିଦ୍ଧ କରୁଛୁ ବୋଲି ଶ୍ରୀ ଶତପଥୀ କହିଛନ୍ତି। କୋହିନୂର ପଞ୍ଜିକା ଗଣନାକାର କୃଷ୍ଣପ୍ରସାଦ ମହାପାତ୍ର କହିଛନ୍ତି, ରାଧାରମଣ, କୋହିନୂର ଓ ବିଏନ୍? ତ୍ରିପାଠୀଙ୍କ ପଞ୍ଜିକାରେ ଏପ୍ରିଲ୍? ୧୪ ତାରିଖରେ ପଣା ସଂକ୍ରାନ୍ତି ରହିଛି। ବିରଜା ପଞ୍ଜିକା ଗଣନାକାର ଭାଗବତ ପ୍ରସାଦ ମହାପାତ୍ର କହିଛନ୍ତି, ଯେହେତୁ ମଧ୍ୟ ରାତି ପୂର୍ବରୁ ରବି ଚଳଣ ହୋଇଛି, ତେଣୁ ଆମ ପଞ୍ଜିକାରେ ୧୩ ତାରିଖରେ ପଣା ସଂକ୍ରାନ୍ତି ପଡୁଛି। ତେଣେ ପଞ୍ଜିକା ଭିତରେ ଏଭଳି ଅମେଳ, ପ୍ରଭାବିତ କରୁଛି ଯାନି ଯାତ୍ରା, ପର୍ବ ପର୍ବାଣୀ ଓ ଶ୍ରୀମନ୍ଦିର ନୀତିକାନ୍ତି। ଏ ଦ୍ୱନ୍ଦ୍ୱ ଦୂର ସହ ୨୦୨୪-୨୫ ପଞ୍ଜିକା ନିର୍ଦ୍ଧାରଣ ପାଇଁ ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବସିଥିଲା ଗୁରୁତ୍ୱପୂର୍ଣ୍ଣ ବୈଠକ। ନୀତି ପ୍ରଶାସକଙ୍କ ଅଧ୍ୟକ୍ଷତାରେ ବସିଥିବା ବୈଠକରେ ମୁକ୍ତିମଣ୍ଡପ ପଣ୍ଡିତ, ଜ୍ୟୋତିର୍ବିଦ, ଗଣନାକାର, ବରିଷ୍ଠ ସେବାୟତ, ତଡଉକରଣ ଓ ପରିଚାଳନା କମିଟି ସଦସ୍ୟ ଯୋଗ ଦେଇଥିଲେ। ହେଲେ ନାନା ଘଣ୍ଟା ଚକଟା ପରେ ମଧ ପଣା ସଂକ୍ରାନ୍ତି ତାରିଖକୁ ନେଇ ଆସିପାରିନି ନିଷ୍କର୍ଷ। ଫଳରେ ଆସନ୍ତା ୧୨ ତାରିଖକୁ ପୁଣି ଏହା ଉପରେ ପର୍ଯ୍ୟାଲୋଚନା ପାଇଁ ଦିନ ଧାର୍ଯ୍ୟ ହୋଇଥିବା ପରିଚାଳନା କମିଟି ସଦସ୍ୟ ମାଧବଚନ୍ଦ୍ର ପୂଜାପଣ୍ଡା କହିଛନ୍ତି। ଚଳିତ ବର୍ଷ ସ୍ନାନଯାତ୍ରା ପରେ ମହାପ୍ରଭୁଙ୍କ ଅନବସର ନୀତିକୁ ନେଇ ମଧ ବିରାଟ ପରିବର୍ତ୍ତନ ଦେଖାଦେଇଛି। ଏଥର ଶ୍ରୀଜିଉଙ୍କ ଅନବସର ୧୩ ଦିନ ହେବ। ସେହିଭଳି କାର୍ତ୍ତିକ ପଞ୍ଚୁକ

## 'ଆମ ଓଡ଼ିଶା ନବୀନ ଓଡ଼ିଶା' ପ୍ରକଳ୍ପ ...

ଏକାଧିକ ସ୍ଥାନରୁ ପ୍ରାୟ ୪୨ଟି ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା ବୋଲି କହିଛନ୍ତି ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ। ତୃଣମୂଳ ସ୍ତରରେ ବିକାଶ କଥା ଉଠିଲେ ଜନ ପ୍ରତିନିଧିଙ୍କୁ ଏଡ଼ାଇ ଦିଆଯାଇ ପାରିବନି ବୋଲି ପୂର୍ବରୁ ପଞ୍ଚାୟତିରାଜ ଆଇନରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା। କାରଣ ପଞ୍ଚାୟତ ବିକାଶ ହେଲେ ଦେଶର ବିକାଶ ହୋଇ ପାରିବ ବୋଲି କୁହାଯାଇଥିଲା। ମାତ୍ର ସେମାନଙ୍କୁ ଉପେକ୍ଷା କରି ଗତ ବର୍ଷ ଜୁଲାଇ ୧୧ରେ ରାଜ୍ୟ ସରକାର ଏକ ବିଧେୟକ ଆଣିଲେ, ସେଥିରେ 'ଆମ ଓଡ଼ିଶା, ନବୀନ ଓଡ଼ିଶା' ନାମକ ଯୋଜନାକୁ ବିଧିବଦ୍ଧ ଭାବେ ଆରମ୍ଭ କରାଗଲା।ସେଥିରେ ସ୍ପଷ୍ଟ କରାଗଲା ଯେ ପ୍ରତି ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଫଳରେ ସ୍ଥାନୀୟ ପଞ୍ଚାୟତର ସାଂସ୍କୃତିକ ଓ ପାରମ୍ପରିକ ଭିତ୍ତିଭୂମିର ବିକାଶ ସହ ଉନ୍ନତିକରଣ କରାଯିବ। ତାହା ମଧ୍ୟରେ ଜଗନ୍ନାଥ ସଂସ୍କୃତିର ପ୍ରଚାର, ପ୍ରସାର କରିବା, ଭାଗବତ ଟୁଙ୍ଗିର ପୁନରୁଦ୍ଧାର କରିବା, ସଭାଗୃହଳ କରିବା ଆଦି କାମ ଅନ୍ତର୍ଭୁକ୍ତ ଥିଲା। କିନ୍ତୁ ଏଥିରେ ନିର୍ବାଚିତ ଜନପ୍ରତିନିଧି ସରପଞ୍ଚ, ସମିତିସଭ୍ୟ ପ୍ରମୁଖଙ୍କୁ ଉପେକ୍ଷା କରାଗଲା। ସରକାରୀ ଅଧିକାରୀ ସମ୍ପୂର୍ଣ୍ଣ ପ୍ରକଳ୍ପ ଚୟନ କରିବେ ଓ ତାଙ୍କ ଦ୍ୱାରା ସ୍ଥିରିକୃତ ହୋଇଥିବା ଠିକାଦାରଙ୍କ ଜରିଆରେ ଏହି କାମ କରାଇବେ ବୋଲି ଉଲ୍ଲେଖ ଥିଲା। ଏହାକୁ ଜନପ୍ରତିନିଧିମାନେ ବିରୋଧ କରିବା ସହ ଆଇନର ଆଶ୍ରୟ ନେଲେ। ଏନେଇ ସମଗ୍ର ରାଜ୍ୟରୁ ୪୨ଟି ମାମଲା ରୁଜୁ ହୋଇଛି। ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି। ଆଜି ଆସିଥିବା ରାୟରେ କୁହାଯାଇଛି, ପ୍ରକଳ୍ପ ଚୟନରେ ନିର୍ବାଚିତ ଜନପ୍ରତିନିଧିମାନଙ୍କର ସହଭାଗିତା ରହିବ। କାରଣ ପଞ୍ଚାୟତରାଜ ଆଇନ ଅନୁସାରେ, ସ୍ଥାନୀୟ ଅଞ୍ଚଳର ବିକାଶରେ ନିର୍ବାଚିତ ଜନପ୍ରତିନିଧିମାନଙ୍କର ପ୍ରମୁଖ ଭୂମିକା ରହିଥାଏ, ତେଣୁ ସେମାନଙ୍କୁ ଉପେକ୍ଷା କରାଯାଇ ପାରିବ ନାହିଁ।

## ଓଡ଼ିଶାରେ ଚାଲିଛି ...

ବିଜେଡି ସରକାରର ଦୀର୍ଘ ବର୍ଷର ଶାସନ ସତ୍ତ୍ୱେ ଓଡ଼ିଶାରେ ବହୁ ଶିଳ୍ପ ପ୍ରତିଷ୍ଠାନ ବନ୍ଦ ହୋଇଯିବା ସହ ବେରୋଜଗାରୀ ବଢ଼ିଛି। ଓଡ଼ିଶା ସରକାର ନିଜ କାମ ଠିକ୍ ଭାବେ ତୁଲାଉ ନାହିଁ। ତେଣୁ ଓଡ଼ିଶାରେ କାମ ନ ପାଇ ୩୦ ଲକ୍ଷ ଲୋକ ବାହାର ରାଜ୍ୟକୁ ଯିବାକୁ ବାଧ ହୋଇଛନ୍ତି। ମାତ୍ର ବାହାର ରାଜ୍ୟରୁ ଓଡ଼ିଶାକୁ ଲୁଟିବାକୁ ୩୦ କୋଟିପତି ଆସିଛନ୍ତି। ତେଣୁ ଓଡ଼ିଶାରୁ ୩୦ ଲକ୍ଷ ଲୋକ ବାହାରକୁ ଚାଲି ଯାଇଥିବା ବେଳେ ବାହାରୁ ୩୦ ଜଣ ରାଜ୍ୟ ଭିତରକୁ ଆସିଛନ୍ତି। ସେମାନେ ଓଡ଼ିଶାକୁ ଲୁଟି ନିଜେ କୋଟିପତି ହେଉଛନ୍ତି। ଓଡ଼ିଶା ଏକ ଆଦିବାସୀବହୁଳ ରାଜ୍ୟ । ମାତ୍ର ଏଠାରେ ଆଦିବାସୀ, ଦଳିତ ଓ ପଛୁଆବର୍ଗଙ୍କ ପ୍ରତି ଅତ୍ୟାଚାର ହେଉଥିବା ପରି ଆରୋପ ଲଗାଇଛନ୍ତି ରାହୁଲ ଗାନ୍ଧି । ତେବେ ଏ ନେଇ ବିଜେପି କି ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଦେଶରେ ପ୍ରଥମ: ଏକକ ନାଗରିକ...

ବିଲ୍ ପାସ ହୋଇଥିଲେ ହେଁ ପରବର୍ତ୍ତୀ ଅବସ୍ଥାରେ ଏଥିରେ ସଂଶୋଧନ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ ଧାମି କହିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଲ୍‌ରେ ଜନସଂଖ୍ୟା ନିୟନ୍ତ୍ରଣ ଓ ଅନୁସୂଚିତ ଜନଜାତିଙ୍କୁ ବାଦ ଦିଆଯାଇଛି। ଉତ୍ତରାଖଣ୍ଡର ମୋଟ ଜନସଂଖ୍ୟାରୁ ୩% ହେଉଛନ୍ତି ଅନୁସୂଚିତ ଜନଜାତି ବର୍ଗର ଲୋକ। ସେମାନଙ୍କ ପାଇଁ ୟୁସିସି ଲାଗୁ ହେବ ନାହିଁ।

## ହେମନ୍ତ ସୋରେନଙ୍କ...

ଦେଖିବାକୁ ମିଳିଥିଲା। ହେମନ୍ତ ସୋରେନ ମଧ ହାତ ହଲାଇ ସମସ୍ତଙ୍କ ଅଭିବାଦନ ଗ୍ରହଣ କରିଥିଲେ। ସମର୍ଥକମାନେ ବେଶ ଉତ୍ସାହିତ ହୋଇ ନାରାବାଜୀ କରିଥିଲେ। ହେମନ୍ତ ସୋରେନ ଜିନ୍ଦାବାଦ ଓ ଜେଲର ଦ୍ୱାର ଭାଙ୍ଗିବ, ହେମନ୍ତ ଭାଇ ବାହାରିବେ ବୋଲି ନାରାରେ ପୂରା ଅଞ୍ଚଳ ପ୍ରକମ୍ପିତ ହୋଇ ଉଠିଥିଲା। ପ୍ରବଳ ଭିଡ଼ ମଧ୍ୟରେ ଇଡିର ଅଧିକାରୀମାନେ ହେମନ୍ତ ସୋରେନଙ୍କୁ କୋର୍ଟ ଭିତରକୁ ନେଇଥିଲେ। କୋର୍ଟରେ ଇଡି ତାଙ୍କୁ ହାଜର କରି ପୁଣି ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। କୋର୍ଟର ଇଡିର ଆବେଦନକୁ ଗ୍ରହଣ କରି ହେମନ୍ତ ସୋରେନଙ୍କୁ ଆଉ ୫ ଦିନ ପାଇଁ ରିମାଣ୍ଡରେ ପଠାଇ ଦେଇଛନ୍ତି।

## ଅରବିନ୍ଦ କେଜ୍ରିୱାଲଙ୍କ ପାଇଁ ....

ପାଇଁ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରୀୟ ସଂସ୍ଥା କାର୍ଯ୍ୟ କରୁଥିବା ଆପ୍ ଏବଂ ଅନ୍ୟ ବିରୋଧୀ ଦଳମାନେ ଅଭିଯୋଗ ଆଣିଥିବା ବେଳେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟର ସମନକୁ ବେଆଇନ ବୋଲି ଘୋଷଣା କରି କେଜ୍ରିୱାଲ ଜାନୁଆରି ୧୯ର ସମନକୁ ମଧ ପ୍ରତ୍ୟାଖ୍ୟାନ କରିଥିଲେ। ନଭେମ୍ବର ୨, ଡିସେମ୍ବର ୨୧ ଓ ଜାନୁଆରି ୩୧ ତାରିଖ ପାଇଁ କେଜ୍ରିୱାଲଙ୍କୁ ଜାରି ହୋଇଥିବା ସମନକୁ ମଧ ଆପ୍ ମୁଖ୍ୟ ବାଦ୍ ଦେଇଥିଲେ। ପୂର୍ବରୁ ଏହି ମାମଲାରେ କେଜ୍ରିୱାଲଙ୍କୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ୯ ଘଣ୍ଟା ଧରି ପଚରାଉଚରା କରିଥିଲା। ଏହା ଗତ ବର୍ଷ ଏପ୍ରିଲ ମାସରେ ହୋଇଥିଲା। ତେବେ ଦିଲ୍ଲୀ ଅବକାରୀ ନୀତି ଦୁର୍ନୀତି ମାମଲାରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆଙ୍କ ସମେତ ଦଳର ଦୁଇ ଜଣ ବରିଷ୍ଠ ସଦସ୍ୟଙ୍କୁ ଗିରଫ କରାଯାଇଛି। ଗତ ବର୍ଷ ଫେବ୍ରୁଆରିରେ ସିସୋଦିଆ ଏବଂ ଅକ୍ଟୋବରରେ ରାଜ୍ୟସଭା ସାଂସଦ ସଞ୍ଜୟ ସିଂହଙ୍କୁ ଗିରଫ କରାଯାଇଥିଲା।

# କଷ୍ଟମ ଟିମ୍ ମୁମ୍ବାଇ ଏୟାରପୋର୍ଟରେ ଜବତ କଲେ ୬.୩୩ କେ.ଜି. ସୁନା

ମୁମ୍ବାଇ, ୭/୨ (ନି.ପ୍ର): ସୀମା ଶୁଳ୍କ ବିଭାଗ(କଷ୍ଟମ) ଟିମ୍ ମୁମ୍ବାଇ ଏୟାରପୋର୍ଟରେ ଦୁଇଦିନ ଭିତରେ ପାଂଚଟି ଅଲଗା ଅଲଗା ମାମଲାରେ ମୋଟ ୬.୩୩ କିଲୋଗ୍ରାମ ସୁନା ଧରିଛନ୍ତି। ଜବତ ସୁନାର ମୂଲ୍ୟ ୩.୪୯ କୋଟି ଟଙ୍କା ଜଣାଯାଇଛି। କଷ୍ଟମ ବିଭାଗ ସୂତ୍ର କହିଛି ଯେ ମୁମ୍ବାଇ ଏୟାରପୋର୍ଟରେ ବୁଧବାର ଏବଂ ଗୁରୁବାର ଦିନ ପାଂଚ ଅଲଗା ଅଲଗା ମାମଲାରେ ମୋଟ ୬.୩୩ କିଲୋ ସୋନା ଜବତ କରାଯାଇଛି, ଯାହାର ମୂଲ୍ୟ ୪.୪୯ କୋଟି ଟଙ୍କା ଜଣାଯାଇଛି। ଏହି ସୁନା କନା, ମୋବାଇଲ ଚାର୍ଜର, ପର୍ସ, ହେୟାର ଡ୍ରାୟର ଏବଂ ଚେକ୍-ଇନ୍ ବ୍ୟାଗ୍ ସହିତ ବିଭିନ୍ନ ବସ୍ତୁରେ ଲୁଚାଇ ଅଣାଯାଇଥିଲା। ଏହି ସୁନା କାହା ପାଇଁ ଅଣାଯାଇଥିଲା, ଏହାର ମଧ ଯାଂଚ କରାଯାଉଛି।

# ଟାଟା ଷ୍ଟିଲ ଫାଉଣ୍ଡେସନ ଅସ୍ମିତା ୨୦୨୪ ଉଦ୍‌ଯାପିତ




ବାଲିଆପାଳ , ୭/୨ (ନି.ପ୍ର): ଶାରୀରିକ ଶିକ୍ଷା ମହାବିଦ୍ୟାଳୟ ପରିସରରେ ଟାଟା ଷ୍ଟିଲ ଫାଉଣ୍ଡେସନ ଦ୍ୱାରା ଚାଳିଥିବା ଦୁଇଦିନିଆ 'ଅସ୍ମିତା' କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି। ଟାଟା ଷ୍ଟିଲ ଫାଉଣ୍ଡେସନ ବାଲେଶ୍ୱର ର ମୁଖ୍ୟ ପ୍ରମୋଦ କୁମାର ପାତ୍ର ମଞ୍ଚ ସଞ୍ଚାଳନ କରିଥିଲେ। ଅତିଥି ଭାବେ ବାଲିଆପାଳ ତହସିଲଦାର ଜନକ କୁମାର ନାୟକ, ସୁବର୍ଣ୍ଣରେଖା ବନ୍ଦର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଶାନ୍ତ କୁମାର ମିଶ୍ର,ଜିଲ୍ଲା କୃଷି ଅଧିକାରୀ ସରୋଜ କୁମାର ଦାସ, ଜିଲ୍ଲା ମିଶନ ଶକ୍ତି ସଂଯୋଜକ କାର୍ତ୍ତିକ ଚନ୍ଦ୍ର ନାୟକ, ବାଲେଶ୍ୱର ଭଦ୍ରକ ବାମୂଲ ର ଜେନେରାଲ ମ୍ୟାନେଜର ରଶ୍ମି ରେଖା ବିନ୍ଧାଣି, କୃଷି ବୈଜ୍ଞାନିକ ଅଦ୍ୱୈତ ପାତ୍ର, ବୈଜ୍ଞାନିକ ଡଃ ବିଶ୍ୱନାଥ ସାହୁ ଡଃ ସୁକାନ୍ତ କୁମାର ଷଡଙ୍ଗୀ , ପ୍ରମୁଖ ଯୋଗ ଦେଇ ଟାଟା ଫାଉଣ୍ଡେସନ ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ବିଭିନ୍ନ ଶ୍ରେଣୀ ର ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରାଯାଇ ନାରୀ ସଶକ୍ତିକରଣ ପାଇଁ ୧୭୦ଜଣ ମହିଳା, ଜଳବାୟୁ ସହନଶୀଳ କୃଷି ଆନୁସାଙ୍ଗିକ କୃଷି ପଦ୍ଧତି ଦ୍ୱାରା ୧୦ ଜଣ କୃଷକ, ଶ୍ରେଷ୍ଠ କ୍ଷୀର ଉତ୍ପାଦନ ସମିତି କ୍ଷୀର ର ମୂଲ୍ୟ ଯୁକ୍ତ ଖାଦ୍ୟ ସାମଗ୍ରୀ ପାଇଁ ରାଧାରାଣୀ ସ୍ୱୟଂ ସହାୟିକା ଗୋଷ୍ଠୀ , ହସ୍ତଶିଳ୍ପ ଚାନ୍ଦୁଆ ପାଇଁ ସୁବର୍ଣ୍ଣାସହେଳି ଶ୍ରୀରାମପୁର ଗ୍ରୁପ୍, ଜଳବାୟୁ ପଦ୍ଧତି ସାମୁଦ୍ରିକ ମତ୍ସ୍ୟ ସମିତି ରୁ ୯ ଜଣ ଙ୍କୁ ନୌକା ଇଞ୍ଜିନ ପ୍ରଦାନ କରିବାସହ ସେମାନଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା ।ଏଥି ସହ କୃତ୍ରିମ ପ୍ରଯୋଜନ ଉପରେ ପ୍ରଶିକ୍ଷଣ ନେଇଥିବା ଦୁଇ ଜଣ ଙ୍କୁ ସାର୍ଟିଫିକେଟ ଓ ଉତରି ଦେଇ ସମ୍ବର୍ଦ୍ଧନା କରାଯାଇଥିଲା ।ଏହି କାର୍ଯ୍ୟକ୍ରମ କୁ ଟାଟା ଷ୍ଟିଲ ଫାଉଣ୍ଡେସନ ର କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ।

# ଜାତୀୟ ସବୁଜ ବାହିନୀ ପକ୍ଷରୁ ଔଷଧୀୟ ଚାରା ରୋପଣ

ବସ୍ତା , ୭/୨ (ନି.ପ୍ର): ବସ୍ତା ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ବୁଧବାର ଜାତୀୟ ସବୁଜବାହିନୀ ତରଫରୁ ବୃକ୍ଷରୋପଣ ଓ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଆଜିର ସମାଜରେ ଅକ୍ସିଜେନ ର ଘୋର ଅଭାବ ହେବା ଫଳରେ ମଣିଷ ସମାଜ ବିପଥଗାମି ହେବା ସହିତ ବିଭିନ୍ନ ପ୍ରଜାତିର ଔଷଧୀୟ ବୃକ୍ଷ ଲୋପ ପାଉଛି ।ତେଣେ ପ୍ରତ୍ୟେକ ଛାତ୍ରଛାତ୍ରୀ ଦୈନନ୍ଦିନ ଗୋଟିଏ ଲେଖାଏଁ ଯେକୌଣସି ଚାରା ରୋପଣ କଲେ ଆମର ସବୁଜିମା ସୁରକ୍ଷିତ ରହିବା ସହିତ ଆମେ ନିରୋଗ ରହିବା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ ।ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ଶ୍ରୀପତି ଚରଣ ପାତ୍ର ଙ୍କ ଅଧ୍ୟକ୍ଷତାରେ ମୂଖ୍ୟ ଅତିଥିଭାବେ ମାଷ୍ଟର ଟ୍ରେନର ରାମପ୍ରସାଦ ଉଚ୍ଚ ବିଦ୍ୟାଳୟର ଚୌମୁଖର ପ୍ରଧାନଶିକ୍ଷକ ସୁଧାଂଶୁ କୁମାର ପାଣ୍ଡା.ମୂଖ୍ୟ ବକ୍ତା ସମାଜସେବୀ ଶ୍ୟାମା ପ୍ରସାଦ ବେହେରା. ଯୋଗ ଦେଇଥିବାବେଳେ ସୁଶ୍ରୀ ରଞ୍ଜିତା ପାଢୀ ଅତିଥି ପରିଚୟ ପ୍ରଦାନ କରିବା ସହିତ ଇକୋକ୍ଲବ ସମ୍ବନ୍ଧରେ ବିଶେଷ ବିବରଣୀ ପାଠକରିବା ସହିତ ବର୍ତ୍ତମାନ ପରିସ୍ଥିତିରେ ପରିବେଶକୁ ରକ୍ଷାକରିବା ପାଇଁ ଆମେ ସମସ୍ତେ ଯତ୍ନବାନ ହେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ ।ଶିକ୍ଷକ ଅଞ୍ଜନକୁମାର ସାହୁ ଧନ୍ୟବାଦ ଜଣାଇଥିଲେ ।ଶିକ୍ଷାକେନ୍ଦ୍ରର ଗୁରୁଜୀ ଗୁରୁମା ମାନେ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ।



# ବ୍ଲକସ୍ତରୀୟ ଜନଜାତି କ୍ରୀଡା ଉତ୍ସବ ୨୦୨୪ ଉଦ୍‌ଘାଟିତ



ନୀଳଗିରି, ୭/୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନାପଡିଆରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ଦୁଇ ଦିନିଆ ବ୍ଲକସ୍ତରୀୟ ଜନଜାତି କ୍ରୀଡା ଉତ୍ସବ ୨୦୨୪ ଉଦଘାଟିତ ହୋଇ ଯାଇଛି । ଓଡିଶା ଜନଜାତି ବହୁଳ ଜିଲ୍ଲା ମାନଙ୍କର ଉନ୍ନୟନ ପରିଷଦର ଉପଦେଷ୍ଟା ପ୍ରଦୀପ ମାଝୀ ଆନୁଷ୍ଠାନିକ ଭାବେ କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ। ପରେ ବାଲେଶ୍ୱର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧକ୍ଷ ମଦନ ମୋହନ ମାଝୀଙ୍କ ପୌରହିତ୍ୟରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, ନୀଳଗିରି ଉପ-ଜିଲ୍ଲାପାଳ ମନ୍ଦରଧର ମହାଳିକ, ପ୍ରକଳ୍ପ ପ୍ରଶାସକ କାରୁ ସରେନ ପ୍ରମୁଖ କ୍ରୀଡା ଉତ୍ସବର ବିଭିନ୍ନ ଖେଳକୁଦ କୁ ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଦୁଇ ଦିନିଆ କ୍ରୀଡା ଉତ୍ସବକୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ - ମଦନ ମୋହନ ମାଝି କ୍ରୀଡା ଉତ୍ସବର ଆଭିମୁଖ୍ୟ ସମ୍ପର୍କରେ ସମ୍ୟକ ବକ୍ତବ୍ୟ ରଖିଥିଲେ। ଏହି ବ୍ଲକସ୍ତରୀୟ ଜନଜାତି କ୍ରୀଡା ଉତ୍ସବ ମାଧ୍ୟମରେ ସମସ୍ତ ପଞ୍ଚାୟତ ସ୍ତରରେ ଯୁବପିଢି ଙ୍କୁ ଉତ୍ସାହିତ କରିବା ସଙ୍ଗେ ସଙ୍ଗେ ନିଜର ଭବିଷ୍ୟତ ଗଢିବାରେ ସହାୟକ ହୋଇପାରିବ ବୋଲି ଉପଦେଷ୍ଟା ପ୍ରଦୀପ ମାଝୀ ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ। ଏହି କ୍ରୀଡା ଉତ୍ସବରେ ନୀଳଗିରି ବ୍ଲକ ଅଧକ୍ଷା ଶୁଭଲକ୍ଷୀ ମାଝୀ, ବିଡିଓ ରାହୁଲ ମଣ୍ଡଳ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା କ୍ରୀଡାପ୍ରେମୀ ସମେତ ବିଭିନ୍ନ ଆବାସିକ ବିଦ୍ୟାଳୟରୁ ଆସିଥିବା ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ।

# କନ୍ଦଳିଆଶୋଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ ଉଦ୍‌ଯାପିତ

ବଡ଼ସାହି , ୭/୨ (ନି.ପ୍ର): ବଡ଼ସାହି ବ୍ଲକ ଅନ୍ତର୍ଗତ କନ୍ଦଳିଆଶୋଳ ସରକାରୀ ପ୍ରାଥମିକ ବିଦ୍ୟାଳୟର ସପ୍ତମ ବାର୍ଷିକ ଉତ୍ସବ ଉଦଯାପିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ବାରିପଦା ଚିନ୍ମୟ ଗୁରୁପାଦ ଆଶ୍ରମର ସନ୍ୟାସୀ ଗୋବିନ୍ଦାନନ୍ଦ ସରସ୍ୱତୀ ମହାରାଜ, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଦୟାନିଧି ପ୍ରତିହାରୀ ମହୋଦୟ, ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଏହି ଗ୍ରାମର ପୂର୍ବତନ ୱାର୍ଡ଼ମେମ୍ବର ଅକ୍ଷୟ କୁମାର ମହାନ୍ତ ମହାଶୟ, ୱାର୍ଡ଼ମେମ୍ବର ଗୀତାଞ୍ଜଳି ମାଝୀ, ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ଭୁଜବଳ, ସହକାରୀ ଶିକ୍ଷୟିତ୍ରୀ ମମତା ମୟୀ ଭୋଇ, ହରପ୍ରିୟା ସାହୁ, ବିଦ୍ୟାଳୟ ଶିକ୍ଷା କମିଟିର ଚେୟାରମ୍ୟାନ୍ ଗୀତା ସୋରେନ୍, ତଥା ସରୋଜକାନ୍ତ ଦାସ, ରବିନ୍ଦ୍ର ସେନାପତି, ଦିବାକର ସାହୁ, ବୀଣାପାଣି ସାହୁ ପ୍ରମୁଖ ଉପସ୍ଥିତ ରହି ସଭା କାର୍ଯ୍ୟକୁ ସଆଫଲ୍ୟ ମଣ୍ଡିତ କରିଥିଲେ। ମୁଖ୍ୟ ଅତିଥି ଙ୍କ ଦ୍ୱାରା ଦ୍ୱୀପ ପ୍ରଜ୍ୱଳନ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି କଥାଛଳରେ ପିଲାମାନଙ୍କୁ ବିଭିନ୍ନ ଗପ ମାଧ୍ୟମରେ ସଂସ୍କାରିତ, ଉତ୍ତମ ଆଚରଣର ଅଧିକାରୀ ହେବା ସହିତ ପିତା ମାତାଙ୍କୁ ପ୍ରେରଣାର ଉତ୍ସ ଭାବେ ଆଚରଣ କରିବା ତତ୍ ସହିତ ପ୍ରତିଦିନ ପିଲାଙ୍କୁ ବିଦ୍ୟାଳୟକୁ ପଠାଇବା ଓ ପିଲାଟିର ସର୍ବାଙ୍ଗୀନ ଉନ୍ନତି ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ବୁଝାଇ ଥିଲେ।ଏହି ସଭାରେ ପ୍ରଧାନ ଶିକ୍ଷୟିତ୍ରୀ ରେବତୀ ଭୁଜବଳ ସଭାପତି ଭାବେ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ତତ୍ସହିତ ବିଦ୍ୟାଳୟର ବାର୍ଷିକ ବିବରଣୀ ଉପସ୍ଥାପନା କରିଥିଲେ। ଶ୍ରୀମତୀ ମମତାମୟୀ ଭୋଇ ଓ ହରପ୍ରିୟା ସାହୁ ନିଜର ସୁଚିନ୍ତିତ ମତାମତ ରଖିଥିଲେ। ସମସ୍ତେ ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ଓ ଶେଷରେ ମମତା ମୟୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ। ଅତିଥି ମାନେ ପିଲାମାନଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ଅବସରପ୍ରାପ୍ତ ଶିକ୍ଷକ ଭଗବାନ ଚନ୍ଦ୍ର ପାଢ଼ୀଙ୍କ ପରଲୋକ

ବାସୁଦେବପୁର, ୭/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନରସିଂହପୁର ପଞ୍ଚାୟତର ମଖଲ ପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ଭଗବାନ ଚନ୍ଦ୍ର ପାଢ଼ୀ ଙ୍କ ପରଲୋକ ଘଟିଛି । ମୃତ୍ୟୁ ବେଳକୁ ତାଂକୁ ୯୨ ବର୍ଷ ବୟସ ହୋଇଥିଲା । ବେତଡା ମଧ ଇଂରାଜୀ ବିଦ୍ୟାଳୟ, ବେତଡା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଓ ଉତ୍କଳ ମଣି ଗୋପବନ୍ଧୁ ସଂସ୍କୃତ ମହାବିଦ୍ୟାଳୟ ପ୍ରତିଷ୍ଠା କରିବାରେ ସ୍ୱର୍ଗତ ପାଢ଼ୀ ଙ୍କ ର ଅନେକ ଅବଦାନ ରହିଥିଲା । ୧୯୫୫ ମସିହାରେ ସ୍ୱର୍ଗତ ପାଢ଼ୀ ବେତଡା ଠାରେ ଏକ କଳା ପରିଷଦ ଗଠନ କରିଥିଲେ । ଅନେକ ନାଟକ ରେ ସେ ଅଭିନୟ କରିଛନ୍ତି । ବିଭିନ୍ନ ନାଟକ ରେ ଅଭିନୟ କରି ସେଥିରୁ ଉପାର୍ଜିତ ଅର୍ଥକୁ ସେ ବେତଡା ମଧ ଇଂରାଜୀ ବିଦ୍ୟାଳୟ ପାଇଁ ଖର୍ଚ୍ଚ କରିଥିଲେ । ଅନେକ ଦୁଃଖୀ ଗରିବ ପିଲା ମାନଙ୍କୁ ସେ ମାଗଣା ରେ ପାଠ ପଢ଼ାଉଥିଲେ । ସେ ଜଣେ ସମାଜସେବୀ, ପରୋପକାରୀ ଓ ଛାତ୍ର ବତ୍ସଳ ଶିକ୍ଷକ ଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କର ଧର୍ମପତ୍ନୀ ଇନ୍ଦ୍ରମଣି ପାଢୀ ଙ୍କ ସହିତ ପୁତ୍ର ଓ ପୁତ୍ର ବଧୂ ଉପସ୍ଥିତ ଥିଲେ । ପୁତ୍ର କ୍ଷେତ୍ରବାସୀ ପାଢ଼ୀ ମୁଖଗ୍ନି ଦେଇଥିଲେ । ତାଙ୍କ ପରଲୋକରେ ବାସୁଦେବପୁର ବ୍ଲକରେ ଶୋକର ଛାୟା ଖେଳି ଯାଇଛି ।

# ବାପ, ପୁଅର ଆକ୍ରମଣରେ ଯୁବକ ଗୁରୁତର: ଥାନାରେ ମାମଲା ରୁଜୁ

ବେତନଟୀ, ୭/୨ (ନି.ପ୍ର): ବେତନଟୀ ଥାନା ଅଧୀନ ଆଗଡା ଗ୍ରାମରେ ବାପ, ପୁଅ ଆକ୍ରମଣ ରେ ଯୁବକ ଗୁରୁତର ଏହି ଘଟଣାରେ ମାମଲା ରୁଜୁ କଲା ବେତନଟୀ ପୁଲିସ । ଏତଲାକାରିଣୀ ପଙ୍କଜିନୀ ପାତ୍ରଙ୍କ ଅଭିଯୋଗ ମୁତାବକ ସୋମବାର ରାତି ସମୟରେ ଗ୍ରାମର କାର୍ତ୍ତିକ ସିଂ ନିଜର ପୁଅ ଟୁକୁଲୁ ସିଂ ସହିତ ଆସି ପଙ୍କଜିନୀଙ୍କ ସ୍ୱାମୀ ସୋମନାଥ ଙ୍କୁ ଘୋଷାରି ଆଣି ନିସ୍ତୁକମାଡ ମାରିବା ସହିତ ତଳେ ପକାଇ ବିଧା, ଗୋଇଠା ମାରିଚାଲିଥିଲେ । ଫଳରେ ସୋମନାଥଙ୍କର ରକ୍ତବାନ୍ତି ହେବାସହିତ ଗୁରୁତର ହୋଇପଡିଥିଲେ । ସେହି ସମୟରେ ଠେଙ୍ଗାରେ ଶକ୍ତ ପ୍ରହାର କରିବାରୁ ଅଣ୍ଟାରେ ଗଭୀର ଆଘାତ ଲାଗିଥିଲା। ତେବେ ସ୍ୱାମୀଙ୍କୁ ବଞ୍ଚାଇବାକୁ ଯାଇଥିବା ଏତକାଲାରିଣୀ ସ୍ତ୍ରୀ ପଙ୍କଜିନୀ ମଧ ବାପ, ପୁଅଙ୍କ ଆକ୍ରମଣର ଶୀକାର ହୋଇଥିଲେ । ସୋମନାଥ କୁ ଗୁରୁତର ଅବସ୍ଥାରେ ବେତନଟୀ ଡାକରଖାନାରେ ଭର୍ତ୍ତି କରାଯାଇଥିଲା ସ୍ୱାସ୍ଥ୍ୟବସ୍ଥା ଗୁରୁତର ହେବାରୁ ସୋମନାଥଙ୍କୁ ବାରିପଦା ଜିଲ୍ଲାମୁଖ୍ୟ ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

# ଲୋକକଳା ମୋଗଲ ତାମସା ମାଧ୍ୟମରେ ଜନ ସଚେତନତା କାର୍ଯ୍ୟକ୍ରମ




ଭଦ୍ରକ, ୭/୨ (ନି.ପ୍ର): ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗ ଓଡିଶା ସରକାରଙ୍କ ସୁପାରିଶ କ୍ରମେ ଭଦ୍ରକ ବ୍ଲକ କଳା ସଂସ୍କୃତି ସଂଘ ଅନୁକୂଲ୍ୟରେ ବିମଳା ନାଟ୍ୟ ସଂସଦ କୋରଣ୍ଟ, ରାନ୍ଦିଆ ଲୋକ କଳାକାର ମାନଙ୍କ ଦ୍ୱାରା ଅଭିନିତ ନାଟ୍ୟନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକଙ୍କ ଦ୍ୱାରା ନିର୍ଦ୍ଦେଶିତ ଓଡିଶା ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଧାରିତ ଜନସଚେତନତା ମୂଳକ ନାଟକ 'ଆମ ଯୋଜନା' ଲୋକକଳା ମୋଗଲ ତାମସା ମାଧମରେ ଭଦ୍ରକ ବ୍ଲକ ଅଧିନ କୋରକୋରା ପଂଚାୟତ ଅନ୍ତର୍ଗତ ବିଲାବାଡି, କୋରକୋରା, ରାଜପୁର ନୂଆସାହି ଗ୍ରାମ ଠାରେ ଅଭିନିତ ହୋଇଥିଲା। ଅଭିନୟରେ ଅମୀୟ ମହାପାତ୍ର, ଅରବିନ୍ଦ ବେହେରା, ଗୌରାଙ୍ଗ ଚନ୍ଦ୍ର ବାରିକ, ବିଶ୍ୱରଂଜନ ପଣ୍ଡା, ଆଶିଶ ସେଠୀ, ଅମୀୟ ସେଠୀ, ରାଜା ସେଠୀ ଓ ଗୌଡୁଣୀ ଭୂମିକାରେ ଅଭିନେତ୍ରୀ ସନ୍ଧ୍ୟାରାଣୀ ବେହେରା, ସଂଗୀତ ନିର୍ଦ୍ଦେଶକ ସୁରେନ୍ଦ୍ର ଗାହାଣ, କଣ୍ଠଶିଳ୍ପୀ ମିନତୀ ବାରିକ, ବାଦ୍ୟକାର ଅମୀୟ ଓ ରୂପସଜ୍ଜାରେ ମା' ଚିତ୍ରାଳୟ ପିତ, ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଂଚ ମୋନାଲିସା ପଣ୍ଡା ଓ ପ୍ରତିନିଧି ରାଜେନ୍ଦ୍ର ବେହେରା ସହଯୋଗରେ କାର୍ଯ୍ୟକ୍ରମକୁ ସଫଳ ରୂପ ଦେଇଥିଲେ। ଉକ୍ତ ସଚେତନତା କାର୍ଯ୍ୟକ୍ରମଟିକୁ ତିନୋଟି ଗ୍ରାମର ଜନସାଧାରଣ ବହୁ ପ୍ରସାଂଶ କରିଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମହୋଦୟାଙ୍କୁ ଓ ଉପସଭାପତି ପ୍ରଶାନ୍ତ ବେହେରାଙ୍କୁ ବିମଳା ନାଟ୍ୟ ସଂସଦ ତରଫରୁ ତାଙ୍କର କର୍ତ୍ତବ୍ୟନିଷ୍ଠା ପାଇଁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।

# ଅଲଗୁରୁ ରୋହିଦାସ ସିଂନାଗଙ୍କ ୯୦ ତମ ଜୟନ୍ତୀ ପାଳିତ

ବାରିପଦା , ୭/୨ (ନି.ପ୍ର): ମୁଣ୍ଡାରୀ ଲିପିର ସ୍ରଷ୍ଟା ଅଲ ଗୁରୁ ପଣ୍ଡିତ ରୋହିଦାସ ସିଂନାଗଙ୍କ ୯୦ ତମ ଜୟନ୍ତୀ ଭାରତମୁଣ୍ଡା ସମାଜ ଓଡିଶା ରାଜ୍ୟ ସଭାପତି ରବିନ୍ଦ୍ର ନାଥ ସିଂହଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ସ୍ୱର୍ଗତଃ ନାଗଙ୍କ ମଧୁବନ ଓ ତାଙ୍କ ଗ୍ରାମ ଶାଳବଣୀ ସ୍ଥିତ ପ୍ରତିମୂର୍ତୀ ଓ ସମାଧି ପିଠରେ ପୁଜା ଅର୍ଚ୍ଚନା କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଥିଲା ଭାରତ ବର୍ଷର ସର୍ବପୁରାତନ ଭାଷା ହେଉଛି ମୁଣ୍ଡାରୀ ଭାଷା । ଭାରତ ବର୍ଷରେ ୧ କୋଟି ରୁ ଉର୍ଦ୍ଧ ଭୁମିଜ ଓ ମୁଣ୍ଡା ଆଦିବାସୀ ଲୋକ ମାନେ ମୁଣ୍ଡାରୀ ଭାଷାରେ କଥାବାର୍ତ । କରନ୍ତି । ତେଣୁ ଏହି ପୁରାତନ ଆଦିବାସୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଛେଦରେ ସାମିଲ କରି ମୁଣ୍ଡାରୀ ଭାଷା ଓ ସଂସ୍କୃତିର ସଂରକ୍ଷଣ ଓ ଉନ୍ନତି ପାଇଁ ଭାରତ ମୁଣ୍ଡା ସମାଜତରଫରୁ ଦାବୀ ହୋଇଆସୁଥିଲେ ମଧ୍ୟ ସରକାର ଏଥିରେ କର୍ଣ୍ଣପାତ କରିନଥିବାରୁ ସଭାପତି କ୍ଷୋଭ ପ୍ରକାଶ କରିଥିଲେ । ସ୍ୱର୍ଗତଃ ନାଗଙ୍କ ଜିବନୀ ଉପରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ନାଥ ସିଂ, ଓଡିଶା ରାଜ୍ୟ ସାଧାରଣ ସମ୍ପାଦକ ଗୋବର୍ଦ୍ଧନ ସିଂହ, ଶିକ୍ଷା ସମ୍ପାଦକ ବିଜୟ କୁମାର ସିଂ, କୋଷାଧ୍ୟକ୍ଷ ବାଇଧର ସିଂ, ଉପସଭାପତି ସୁନାରାମ ସିଂ ଓ ଉପଦେଷ୍ଟା ମନୋଜ ମୁଣ୍ଡା ଆଲୋକପାତ କରିଥିଲେ। ସର୍ବ ଶେଷରେ ସଭାର ସଫଳତା ପାଇଁ ସଦସ୍ୟ ଚନ୍ଦ୍ରମୋହନ ମୁଣ୍ଡାରୀ ଧନ୍ୟବାଦ ଅର୍ପଣ କରିଥିଲେ।



# ପେଟ୍ରୋଲ ଓ ଡିଜେଲ ମୂଲ୍ୟ ସ୍ଥିର, ଅଶୋଧିତ ତୈଳଦର ବ୍ୟାରେଲ ପିଛା ୭୯ ଡଲାର

ନୂଆଦିଲ୍ଲୀ, ୭/୨ (ନି.ପ୍ର): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର ପରିବର୍ତ୍ତିତ ହେବାରେ ଲାଗିଛି। ଅଶୋଧିତ ବ୍ରେଂଟ ମୂଲ୍ୟ ବ୍ୟାରେଲ ପିଛା ୭୯ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୭୪ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୬.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୬.୩୧ଟଙ୍କା ଥିବା ବେଳେ ଡିଜେଲ ୯୪.୨୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୬.୦୩ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୨.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୨.୬୩ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୪.୨୪ଟଙ୍କା ରହିଛି ।

# ବିଡ଼ିଓଙ୍କ ଦ୍ୱାରା ପଞ୍ଚାୟତସ୍ତରୀୟ ସଚେତନତା ଶିବିର ଉଦ୍‌ଘାଟିତ




ବାଲିଆପାଳ, ୭/୨ (ନି.ପ୍ର): ବାଲିଆପାଳ ପଞ୍ଚାୟତ ରେ ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ରେ ଗ୍ରାମାଞ୍ଚଳ ଭିତିଭୂମି ର ବିକାଶ କରିବା ଏବଂ ରାଜ୍ୟ ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ପଞ୍ଚାୟତ ସ୍ତରୀୟ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର ରେ ଉଦଘାଟକ ଭାବେ ବିଡ଼ିଓ ବିନୋଦ ଚନ୍ଦ୍ର ପଣ୍ଡା, ସଦସ୍ୟା ଜୟ ଲକ୍ଷ୍ମୀ ଅଣ୍ଡିଆ ସମାଜ ସେବୀ ଲମ୍ବୁଧର ମହାନା,ପିଇଓ ସୁଜୟ କୁମାର ସି ,ଜୟନାରାୟଣ ମହାପାତ୍ର ,ଘଣ୍ଟୁଆ ସରପଞ୍ଚ ସୁଶୀଲ ପ୍ରଧାନ ବିଷ୍ଣୁପୁର ସରପଞ୍ଚ ମହେଶ୍ୱର ଜେନା ଦେଉଳା ପଞ୍ଚାୟତର ବିଜେଡି ସଭାପତି ଅନନ୍ତ ବିଶ୍ୱାଳ ଓ ଦେଭୋଗ ପଞ୍ଚାୟତର ବିଜେଡି ସଭାପତି ଧନଞ୍ଜୟ ଗିରି ପ୍ରମୁଖ ଉପସ୍ଥିତ ଥିଲେ ସମାଜସେବୀ ହେମନ୍ତ ଦାସ ଅତିଥିମାନଙ୍କ ମଞ୍ଚ ଆହ୍ୱାନ କରିଥିଲେ। ନବୀନ ସରକାର ଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକ ମାନଙ୍କୁ ବୁଝାଇଥିଲେ। ଏଥିସହିତ ଏଲଇଡି, ପାଲା, ଗୀତ ମାଧ୍ୟମରେ ସରକାର ଙ୍କ ଯୋଜନା ସବୁ ଲୋକମାନଙ୍କ ସମ୍ମୁଖରେ ବର୍ଣ୍ଣନା କରିଥିଲେ। ଏଥିରେ ଅଙ୍ଗନବାଡ଼ି ସହାୟିକା, ସ୍ୱୟଂସହାୟକ ଗୋଷ୍ଠୀ ର ମହିଳା ପ୍ରମୁଖ ସାମିଲ୍ ହେଇଥିଲେ।

# ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ମିଡିଆ ପରାମର୍ଶଦାତା ଭାବେ ପଙ୍କଜ ଝାଙ୍କୁ ନିଯୁକ୍ତି

ରାୟପୁର, ୭/୨ (ନି.ପ୍ର): ଛତିଶଗଡର ମୁଖ୍ୟମନ୍ତ୍ରୀ ଭାବେ ବିଷ୍ଣୁ ଦେବ ସାଏଙ୍କ ମିଡିଆ ପରାମର୍ଶଦାତା ଭାବେ ପଙ୍କଜ କୁମାର ଝାଙ୍କୁ ନିଯୁକ୍ତ କରାଯାଇଛି । ପଙ୍କଜ ଝା, ବିଜେପି ନୀତି ଏବଂ ଅନୁସନ୍ଧାନ ସଂସ୍ଥାନର ସଦସ୍ୟ ଅଟନ୍ତି । ନିଯୁକ୍ତି ପରେ ପଙ୍କଜ ଝା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି । ପ୍ରଶାସନ ପକ୍ଷରୁ ଏହି ସମ୍ବନ୍ଧରେ ମଙ୍ଗଳବାର ବିଳମ୍ବିତ ରାତିରେ ନିର୍ଦ୍ଦେଶ ଜାରି କରାଯାଇଛି । ତାଙ୍କୁ ବିଶେଷ ସଚିବର ସମକକ୍ଷ ମାନ୍ୟତା ଦିଆଯାଇଛି । ସେ ମୁଖ୍ୟମନ୍ତ୍ରୀଙ୍କୁ ମିଡିଆ ସମ୍ବନ୍ଧିତ ପରାମର୍ଶ ଦେବେ । ଆଦେଶ ମୁତାବକ ଶାସନ ପକ୍ଷରୁ ତାଙ୍କୁ ପ୍ରତିମାସରେ ୧ଲକ୍ଷ ୨୦ହଜାର ଟଙ୍କା ଦିଆଯିବ ।

# ନିର୍ଭୀକତାର ସହ ଜୀବନ ବଂଚିବାର କୌଶଳ ଆତ୍ମ ସୁରକ୍ଷା ତାଲିମ ଶିକ୍ଷା ଦେଇଥାଏ : ଡ଼.କମଳିନୀ ପଣ୍ଡା

ଉଦଳା, ୭/୨ (ନି.ପ୍ର): କପ୍ତିପଦା ବ୍ଲକର ନୁଦଢ଼ିହାସ୍ଥିତ ମେଘାସନ ମହାବିଦ୍ୟାଳୟ ପରିସରରେ ଛାତ୍ରୀ ମାନଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରାଯାଇଛି। ଦିର୍ଘ ୧୫ ଦିନ ଧରି ଚାଲିଥିବା ଏହି ତାଲିମ କାର୍ଯ୍ୟକ୍ରମରେ ଉଦଳାସ୍ଥିତ ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ୩ଜଣ ଛାତ୍ରୀ ପଲ୍ଲବି, ଚମ୍ପାବତି ଓ ସାଲଗେ ପ୍ରଶିକ୍ଷକ ଭାବରେ ଯୋଗ ଦେଇ ଆତ୍ମ ସୁରକ୍ଷାର ରଣ କୌଶଳ ତାଲିମ ପ୍ରଦାନ କରିଥିଲେ । ମୋଟ ୯୪ ଜଣ ଛାତ୍ରୀ ଏଥିରେ ଅଂଶ ଗ୍ରହଣ କରି ତାଲିମ ନେଇଥିଲେ । ଏହି ତାଲିମର କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଡ଼. କମଳିନି ପଣ୍ଡା ନିର୍ଭିକତାର ସହ ଜୀବନ ବଂଚିବା ପାଇଁ ଆଜି ମହିଳା ମାନଙ୍କ ପକ୍ଷେ ଏହି ତାଲିମ କିପରି ଜରୁରୀ ହୋଇ ପଡ଼ିଛି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ମହାବିଦ୍ୟାଳୟର ଅଧକ୍ଷ ପ୍ରମୋଦ କୁମାର ରାଉତ ଉଦ୍‌ଯାପନି ଉତ୍ସବରେ ସଭାପତିତ୍ୱ କରି ତାଲିମ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଦାୟିତ୍ୱରେ ଥିବା ଅଧ୍ୟାପିକା/ଅଧ୍ୟାପକ, କର୍ମଚାରୀଙ୍କ ସମତେ ପ୍ରଶିକ୍ଷକ ଭାବରେ ଯୋଗ ଦେଇଥିବା ଛାତ୍ରୀ ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସାକରିଥିଲେ । ପ୍ରଶାସନିକ ଅଧିକାରୀ ଅଧ୍ୟାପକ ଡ଼. ନିରଂଜନ ପାଠୀ, ଅଧ୍ୟାପକ ରୁପେଶ କୁମାର ମହାପାତ୍ର, କାର୍ଯ୍ୟକ୍ରମ ସଂଯୋଜକ ଅଧ୍ୟାପିକା ସ୍ୱାତି ସୁଚରିତା ପଣ୍ଡା ପ୍ରମୁଖ ଶିବିର ପରିଚାଳନାର ନେତୃତ୍ୱ ନେଇଥିଲେ ।



# ବିଜାପୁରରେ ପୋଲିସ ଇନଫର୍ମର ସନ୍ଦେହରେ ଗ୍ରାମବାସୀଙ୍କୁ ହତ୍ୟା କଲେ ମାଓବାଦୀ

ରାୟପୁର, ୭/୨ ଛତିଶଗଡର ବିଜାପୁର ଜିଲ୍ଲାର ବାସାଗୁଡା ଥାନା ଅଂଚଳରେ ନକ୍ସଲମାନେ ଜଣେ ଗ୍ରାମବାସୀଙ୍କୁ ପୋଲିସ ଇନଫର୍ମର ସନ୍ଦେହରେ ହତ୍ୟା କରିଛନ୍ତି । ଯାହାକୁ ନେଇ ସ୍ଥାନୀୟ ଅଂଚଳରେ ଉତ୍ତେଜନା ଦେଖାଦେଇଛି । ଖବର ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଂଚିଛି । ସୂଚନା ଅନୁସାରେ, ମିଚ୍ଚା ହିମଡା ଚାଷ କରିବାକୁ ବୁଧବାର କାମ କରିବାକୁ ବାହାରିଥିଲା । ଏହି ସମୟରେ ନକ୍ସଲମାନେ ତାକୁ ଗୁଳି କରି ହତ୍ୟା କରିଥିଲେ । ନକ୍ସଲମାନେ ଯିବା ପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଂଚିଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo